ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୨/୨୦୧୯ (୧୬ ପୃଷ୍ଠା) Sambalpur, Tuesday, July 2 / 2019 | ★★

୧୫ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

ଆକ୍ସନ ପାଇଁ ପ୍ରସିଦ୍ଧି ପାଇଛି

ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଥିବା କହିଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର।

୦୨ ୧୪

ଭାରତୀୟ ଦଳରେ ମୟଙ୍କ

ଆଘାତଜନିତ ସମସ୍ୟା ଲାଗି ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ବିଜୟ ଶଙ୍କରଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

ଅପରେଶନ ପାଇଁ ଡିସେମ୍ବର ଯାଏ ଅପେକ୍ଷା

ନିର୍ମଳ ପଣ୍ଡା
କଟକ ଅଫିସ, ୧।୭

ବଦଳିପାରୁନି କଟକ ଶିଶୁଭବନର ଦୁଃସ୍ଥିତି

- ଦିନକୁ ୫ରୁ ଅଧିକ ଶିଶୁଙ୍କ ମୃତ୍ୟୁ
- ୨ବର୍ଷ ଧରି ଜରୁରିକାଳୀନ ଓଟି ବନ୍ଦ
- ୬ବର୍ଷ ହେଲା ଆସିନି ନୂଆ ଯନ୍ତ୍ରପାତି

୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନ ଜାତୀୟ ଗଣମାଧ୍ୟମର ଆକର୍ଷଣରେ ରହିଥିଲା। କାରଣ ଗୋଟିଏ ସପ୍ତାହରେ ଏହି ପ୍ରିମିୟର ସ୍ୱାସ୍ଥ୍ୟାନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ତତ୍କାଳୀନ ଶିଶୁଭବନ ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ ଓ କେତେଜଣ ଡାକ୍ତରଙ୍କୁ ବଦଳି କରାଯାଇଥିଲା। ହସ୍ପିଟାଲର ଭିତ୍ତିଭୂମିକୁ ସୁଦୃଢ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ସହାୟତା ମାଗିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେତେବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଶିଶୁଭବନ ଶିଶୁମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୪ବର୍ଷ ବିତିଛି। ହେଲେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନାହିଁ। ପୂର୍ବଭଳି ଶିଶୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବେଳେ ରୋଗୀମାନେ ଚିକିତ୍ସା ପାଇବା ପାଇଁ ହୀନସ୍ତା ହେଉଛନ୍ତି।

୪୧୬ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲର ଆଉଟ୍‌ଡୋରକୁ ଦୈନିକ ୪୫୦ରୁ ୫୦୦ ରୋଗୀ ଆସୁଥିବା ବେଳେ ଇନ୍‌ଡୋରରେ ୬୦ରୁ ୭୦ ରୋଗୀ ଭର୍ତ୍ତି ହେଉଛନ୍ତି। ବର୍ଷକୁ ଏଠାରେ ପ୍ରାୟ ୧୫୦୦ ଅପରେଶନ କରାଯାଉଥିବାବେଳେ ସେଥିରୁ ୪୦୦ ନବଜାତ ଶିଶୁ ରହିଛନ୍ତି। କିନ୍ତୁ ହସ୍ପିଟାଲର ଜରୁରିକାଳୀନ ଓଟି ୨ବର୍ଷ ହେବ ବନ୍ଦ ରହିଛି। ଓଟି ବନ୍ଦ ରହିବା ପଛର କାରଣ ହେଉଛି ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବ। ୬ବର୍ଷ ହେଲା ମେଡିକାଲ ପକ୍ଷରୁ ଯନ୍ତ୍ରପାତି ପାଇଁ ସରକାରଙ୍କୁ ବାରମ୍ବାର ତାଲିକା ଦିଆଯାଉଥିବା ବେଳେ ତାହା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)ରେ ପଡ଼ି ରହିଥିବା ଶିଶୁଭବନର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ଏଭଳି ସ୍ଥିତିରେ କଳଙ୍କି ଲଗା ପୁରୁଣା ଯନ୍ତ୍ରପାତିରେ ଅପରେଶନ କରାଯାଉଥିବା ସମ୍ପୃକ୍ତ ଡାକ୍ତର ଜଣକ କହିଛନ୍ତି। ମୁଖ୍ୟତଃ ଜରୁରିକାଳୀନ ଓଟି ବନ୍ଦ ରହିଥିବାରୁ ଗୋଟିଏ ଓଟି ଉପରେ ସମସ୍ତ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଛି। ଫଳରେ ଅପରେଶନ ପାଇଁ ରୋଗୀଙ୍କୁ ଅପେକ୍ଷା କରିବାକୁ କୁହାଯାଇ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସମୟ ଦିଆଯାଇଥିବା ଜଣାପଡିଛି।

ଶିଶୁଭବନ ଭିତ୍ତିଭୂମିକୁ ନେଇ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏଠାରେ ଶିଶୁ ମୃତ୍ୟୁହାରରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଆସିନାହିଁ। ୨୦୧୭ରେ ଶିଶୁଭବନରେ ୨୦୫୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୮ରେ ୨୧୩୧ ଓ ୨୦୧୯ ମେ ସୁଦ୍ଧା ୮୬୬ଜଣଙ୍କ ପ୍ରାଣହାନି ହୋଇଛି। ଏହି ହାରରେ ଦେଖିଲେ ମାସକୁ ୧୭୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟୁଥିବାବେଳେ ଦିନକୁ ମୃତ୍ୟୁହାର ୫ରୁ ଅଧିକ ରହୁଛି। ୨୦୧୫ ଅଗଷ୍ଟ ୨୯ରେ ଶିଶୁଭବନରେ ୨୪ଘଣ୍ଟାରେ ୧୦ଜଣ ଶିଶୁଙ୍କ ମୃତ୍ୟୁକୁ ନେଇ ତୁମ୍ବିତୋଫାନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ବି ଗୋଟିଏ ଦିନରେ ୧୦ଜଣ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଖାଯାଇଛି। ଉଦାହରଣ ଭାବେ ଗତ ଜୁନ ୩ରେ ଶିଶୁଭବନରେ ୧୦ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭିନ୍ନ ସଂକ୍ରାମକ ରୋଗ ଯୋଗୁ ବର୍ଷର ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଶିଶୁ ମୃତ୍ୟୁହାର ଅଧିକ ରହେ। ୨୦୧୭ ଜୁଲାଇରେ ଶିଶୁଭବନରେ ୧୯୬ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗଷ୍ଟରେ ୧୯୫, ସେପ୍ଟେମ୍ବରରେ ୧୯୬, ଅକ୍ଟୋବରରେ ୧୯୦ଜଣଙ୍କ ପ୍ରାଣହାନି ହୋଇଥିଲା। ସେହିପରି ୨୦୧୮ ଜୁଲାଇରେ ୧୭୯, ଅଗଷ୍ଟରେ ୨୨୫, ସେପ୍ଟେମ୍ବରରେ ୨୨୪ ଓ ଅକ୍ଟୋବରରେ ୧୯୮ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇବର୍ଷକୁ ତୁଳନା କଲେ ଶିଶୁମୃତ୍ୟୁ ବୃଦ୍ଧିପାଉଛି। ଚଳିତବର୍ଷ ଏହିସଂକ୍ରାମକ ସମୟ ଆରମ୍ଭ ହୋଇଯାଇଥିବାବେଳେ ଶିଶୁଭବନର ଦୁର୍ବଳ ସ୍ଥିତିକୁ ନେଇ ଚିନ୍ତା ଘାରିଛି।

ଭିତ୍ତିଭୂମି ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ପଚରାଯିବାରୁ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କୁହନ୍ତି, ୧୧୭ କୋଟି ଟଙ୍କା ବ୍ୟୟରେ ଶିଶୁଭବନ ପରିସରରେ ୭ମହଲା କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଅନେକ ସମସ୍ୟାର ସମାଧାନ ହୋଇଯିବ। ଏହାବାଦ୍ ନିଶ୍ଚେତକ ଡାକ୍ତର ଅଭାବ ଯୋଗୁ ଜରୁରିକାଳୀନ ଓଟି ବନ୍ଦ ରହୁଥିବା ଡାକ୍ତର ଶତପଥୀ ସ୍ୱୀକାର କରିଥିଲେ।

ଗ୍ରିଭାନ୍ସ ସେଲକୁ ଧସେଇ ପଶିଲେ ଚାଷୀ

ନୂଆପଡ଼ା ଅଫିସ, ୧।୭

ସୋମବାର ନୂଆପଡ଼ା ଚାଷୀମାନଙ୍କ ଉଗ୍ରରୂପ ପ୍ରଶାସନ ଦେଖିଛି । ଧାନ କିଣା ଅନିୟମିତତାକୁ ବିରୋଧ କରି ଚାଷୀମାନେ ଜିଲାପାଳଙ୍କ ଅଫିସ ଘେରାଉ କରିବା ସହିତ ଗ୍ରିଭାନ୍ସ ସେଲକୁ ଧସେଇ ପଶିଥିଲେ । ସେମାନେ ଏ ନେଇ ଘଣ୍ଟାଏ ଧରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ମଙ୍ଗଳବାର ସୁଦ୍ଧା ଧାନ କିଣା ନ ଗଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନ ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଗ୍ରିଭାନ୍ସ ସେଲ ଭିତରକୁ ପଶି ଚାଷୀମାନେ ଦାବି ଜଣାଉଛନ୍ତି।

ରାଜ୍ୟ ସରକାର ନୂଆପଡ଼ା ଜିଲାରୁ ଧାନ କିଣା ଜୁନ ୩୦ ତାରିଖରେ ଶେଷ ହେବ ବୋଲି ଘୋଷଣା କରିଥିଲେ। ସେହିଦିନ ସୁଦ୍ଧା ବଣ୍ଟନ କରାଯାଇଥିବା ଟୋକନରୁ ଧାନ ଉଠାଣ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଟୋକନ ମିଳିଥିଲେ ହେଁ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ପଡିରହିଛି। ସେପଟେ ଛତିଶଗଡ଼ରୁ ଧାନ ଆସି ମିଲର୍ସଙ୍କ ଗୋଦାମରେ ଗଦା ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଧାନ ବିକ୍ରି ନ ହେବା ଯାଏଁ ସେମାନେ ଅଭିଯୋଗ ଶୁଣାଣି ଶିବିରରେ ରହିବେ ବୋଲି ଅଡି ବସିଥିଲେ। ପରେ ପୋଲିସ ଉପସ୍ଥିତିରେ ଚାଷୀମାନଙ୍କ ତରଫରୁ ପ୍ରସନ୍ନ କୁମାର ପାଢୀ, ଚତୁର୍ଭୁଜ ଶର୍ମା, ରବୀନ୍ଦ୍ର ମଙ୍ଗରାଜ, ହୋମ ସିଂ ମାଝି ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ଯୋଗାଣ ବିଭାଗ ଅଧିକାରୀ ଅଶୋକ ଦାସ, ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଦାବିଗୁଡିକ ଉପରେ ଗୋଟି ଗୋଟି କରି ଆଲୋଚନା କରିଥିଲେ। ତୁରନ୍ତ ଧାନ କିଣା ଯିବା, ମିଲର୍ସଙ୍କ ଗୋଦାମରେ ଭର୍ତ୍ତି ଥିବା ଛତିଶଗଡି ଧାନର ତଦନ୍ତ କରିବା, ଟୋକନ ପାଇଥିବା ଚାଷୀଙ୍କ ଧାନକୁ ମିଲର୍ସ କିଣି ନେବାକୁ ଚାଷୀ ପକ୍ଷରୁ ଦାବି କରାଯାଇଥିଲା। ଏହା ଉପରେ ବିଚାର କରି ମିଲର୍ସଙ୍କ ଗୋଦାମର ତନଖୀ କରାଯିବା, ଟୋକନ ଥିବା ଚାଷୀଙ୍କ ଧାନକୁ ତୁରନ୍ତ କିଣାଯିବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ତରଫର ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ଜିଲାର ଧାନ କିଣା ଟାର୍ଗେଟକୁ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛୁ। ସରକାର ସମୟ ସୀମା ବୃଦ୍ଧି କଲେ ସବୁ ଧାନ କିଣାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ । ଏସବୁ ପ୍ରତିଶ୍ରୁତି ପରେ ଚାଷୀମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଧାନ କିଣା ନ ଗଲେ ହଜାର ହଜାର ବସ୍ତା ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତି ଜିଲାରେ ପ୍ରଥମ ଥର ଉପୁଜି ଥିବାରୁ ଜିଲା ପ୍ରଶାସନ ଚିନ୍ତାରେ ପଡିଛି।

ସୂଚନାଯୋଗ୍ୟ, ଜିଲାରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୬୨ ହଜାର କୁଇଣ୍ଟାଲ ଧାନ କିଣାଯାଇଛି । ତଥାପି ବିଭିନ୍ନ ମଣ୍ଡିରେ ୩୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡି ରହିଛି। ଟୋକନ ନେଇ ଚାଷୀ ମିଲର୍ସଙ୍କ ଗୋଦାମକୁ ଯାଉଛନ୍ତି। ମିଲର୍ସମାନେ ତାଙ୍କ ଇଚ୍ଛାରେ ୧୦ରୁ୨୦ କେଜି କଟନି କରିବାକୁ ମୂଲଚାଲ କରୁଛନ୍ତି । ଜିଲା ଅଫିସକୁ ଆସିଲେ ଟାର୍ଗେଟ ସରିଯାଇଥିବା କୁହାଯାଉଛି।

ଖାତକୁ ବସ୍ ଖସି ୩୫ ମୃତ

ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ସହାୟତା

ଶ୍ରୀନଗର, ୧।୭

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ସିର୍ଗୱାରି ଅଞ୍ଚଳରେ ଏକ ମିନିବସ୍ ଖାତ ଭିତରେ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଗୁରୁତରଙ୍କୁ ବିମାନ ଯୋଗେ ଜମ୍ମୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲ୍ଲା ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ସୋମବାର ସକାଳ ପ୍ରାୟ ୭ଟା ୩୦ରେ ମିନିବସ୍‌ଟି କେଶୱାନ୍‌ରୁ କିସ୍ତୱାର ଅଭିମୁଖେ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା। କିସ୍ତୱାର ଡେପୁଟି କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ କହିବାନୁଯାୟୀ ଦୁର୍ଘଟଣାବେଳେ ୨୮ ସିଟର ମିନିବସ୍‌ରେ ୫୨ଜଣ ଯାତ୍ରୀ ଥିଲେ। ଅଧିକ ଯାତ୍ରୀ ପରିବହନ, ଜୋର୍‌ରେ ଗାଡ଼ି ଯିବା ଓ ଖରାପ ପାଗ ଯୋଗୁ ସମସ୍ୟା ଦେଖାଦେଇ ଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ରାଜ୍ୟପାଳ ସତ୍ୟପାଲ ମଲିକ ଗଭୀର ଶୋକ ବ୍ୟକ୍ତ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁପଯୁକ୍ତ ଗାଡ଼ି ଓ ଅଣତାଲିମପ୍ରାପ୍ତ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟପାଳ ପରିବହନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଗତ ଜୁନ୍ ୨୭ରେ ମୋଗଲ ରୋଡ୍ ନିକଟରେ ଏକ ମିନିବସ୍ ଖାତରେ ଖସିପଡ଼ିବାରୁ ଏକ ଘରୋଇ କମ୍ପ୍ୟୁଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ୧୧ ଛାତ୍ରୀଛାତ୍ର ପ୍ରାଣ ହରାଇଥିଲେ।

ପୋଲିସ ସାଜିଲା ଲୁଟେରା

ପଦ୍ମପୁର, ୧।୭(ଡି.ଏନ.ଏ.)

- ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ଲୁଟ୍‌ପାଟ
- ହାବିଲଦାରଙ୍କ ସମେତ ୩ ଗିରଫ

ବରଗଡ଼ ଜିଲା ପୋଲିସର ଖାକିରେ ପୁଣି କଳାଦାଗ। ଏଥର ବୁଢ଼େନ ଥାନାର ପୋଲିସ ହାବିଲଦାର ଶ୍ୟାମସୁନ୍ଦର ଦୀପଙ୍କ ଅପକର୍ମ ପଦାକୁ ଆସିଛି। ହାବିଲଦାର ଦୀପ ଓ ଅନ୍ୟ ୪ଜଣ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ବିରିପାଲି ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ଘରକୁ ଯାଇ ଲୁଟ୍‌ପାଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବୁଢ଼େନ ପୋଲିସ ହାବିଲଦାର ଦୀପଙ୍କ ସମେତ ବୁଢ଼େନ ଥାନା ଦର୍ଲିଗୁଡ଼ା ଗ୍ରାମର ଆଡ଼ଭୋକେଟ୍ ମାଣିକ ଦାଶ, ସୁଦାମ ବରିହାଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମଣଙ୍କ ଏତଲା କ୍ରମେ ସେମାନଙ୍କ ବିରୋଧରେ ବୁଢ଼େନ ଥାନାରେ ଏକ ମାମଲା(ନଂ.୫୨/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିବାରୁ ପୋଲିସ ତନାଘନା ଚଳାଇବା ସହିତ ବ୍ୟବହୃତ ଜାଇଲୋ ଗାଡ଼ିକୁ ଜବତ କରିବା ପାଇଁ ଉଦ୍ୟମ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ଗତ ୨୪ତାରିଖ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ଜାଇଲୋ ଗାଡ଼ିରେ ବିରିପାଲି ଗ୍ରାମର ଲକ୍ଷ୍ମଣଙ୍କ ଘରକୁ ଯାଇ ନିଜକୁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ବୋଲି ପରିଚୟ ଦେଇଥିଲେ। ହାବିଲଦାର ଦୀପ ପୋଲିସ ପୋଷାକରେ ଥିବାରୁ ଲକ୍ଷ୍ମଣ ସେମାନଙ୍କୁ ପୋଲିସ ସ୍କ୍ୱାଡ୍ ବୋଲି ଭାବି ନେଇଥିଲେ। ଅଭିଯୁକ୍ତମାନେ ଘର ଯାଞ୍ଚ କରିବା ଆଳରେ ଲକ୍ଷ୍ମଣଙ୍କ ଘରେ ଥିବା ନଗଦ ୨୦ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇ ପଳାଇଥିଲେ। ଘଟଣାଟି ପଦାକୁ ଆସି ନ ଥିଲା ଏବଂ ପୋଲିସ ଭୟରେ ଲକ୍ଷ୍ମଣ ମଧ୍ୟ ଚୁପ୍ ଥିଲେ। ମାତ୍ର ଏକଥା ପ୍ରଘଟ ହେବା ପରେ ସେ ଏ ନେଇ ଏତଲା ଦେଇଥିଲେ। ଏତେଦିନ ଧରି ଲକ୍ଷ୍ମଣ କାହିଁକି ଏତଲା ଦେବାକୁ ଭୟ କରୁଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ କଫ୍ ସିରପ ତଥା ନିଶା କାରବାରର ଲିଙ୍କ୍ ରହିଛି। ଅନ୍ୟପକ୍ଷେ ଏତଲା ନ ଦେବା ପାଇଁ ପୋଲିସ ପକ୍ଷରୁ ଚାପ ପଡିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ବିଗତ ଦିନରେ ବରଗଡ଼ ଟାଉନ ଥାନା, ସଦର ଥାନା ଏବଂ ଗାଇସିଲେଟ୍ ଥାନାର କେତେକ ପୋଲିସ କର୍ମଚାରୀ ସ୍ପେଶାଲ ସ୍କ୍ୱାଡ୍ ନାମରେ ଲୁଟ୍‌ପାଟ୍ କରିଥିଲେ। ଏପରି ଅଭିଯୋଗରେ ସେମାନେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି।

ଆଜିର ସମ୍ପାଦକୀୟ

ସାଙ୍ଗ ନ ହେଲେ ଶତ୍ରୁ

ଆଜିର ମନ୍ତବ୍ୟ

ସ୍ୱାଧୀନତା ପରଠାରୁ ଜମ୍ମୁ-କଶ୍ମୀରକୁ କଂଗ୍ରେସ ଅଣଦେଖା କରିଆସୁଥିଲା। ଆମେ ଏହାକୁ ଶକ୍ତି ଦେଇଛୁ।

–ଅମିତ ଶାହ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ

କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଗୃହ ମୂଲ୍ୟ ଅଭିବୃଦ୍ଧି ୩.୬%ରେ ପହଞ୍ଚିଛି।

–ଭାରତୀୟ ରିଜର୍ଭ ବ୍ୟାଙ୍କ

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR

For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 01.07.2019 Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	104	163	173
CTC	104	163	173
DKL	101	159	169
BDK	100	158	168
BLS	100	158	168
ANG	102	161	171

Eggs Retail Price- 52/-Dozen
Issued in the Interest of Consumers
*Conditions Apply

FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800

"ବିହାରରେ ଏନ୍‌ସେଫାଲାଇଟିସ୍ ଜନିତ ଶିଶୁମୃତ୍ୟୁକୁ ନେଇ ରାଜନୀତି କରାଯିବା ଅନୁଚିତ। ସରକାର ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରିନାହାନ୍ତି।"
- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

■ ମୁମ୍ବାଇରେ ପ୍ରବଳ ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ

ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ

ମୁମ୍ବାଇ,୧୭(ପି.ଟି.)

ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଫଳରେ ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ମୁମ୍ବାଇ ସମେତ ଥାନେ, ପାଲଘର ଓ ଏହାର ଆଖପାଖ ଅଞ୍ଚଳରେ ଆଉ ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ଚେମ୍ବୁର ସମେତ ଅନ୍ୟ କେତେକ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି ହିନ୍ଦମାତା, ପାରେଲ, ଲାଲବାଗ୍, ସେନାପତି ବାପଟ ରୋଡରେ ପାଣି ଜମି ରହିଛି। ୧୨ଟି ସ୍ଥାନରେ କାନ୍ଥ ଭୁଶୁଡ଼ିଥିବା ଜଣାପଡ଼ିଛି। ମୁମ୍ବାଇରେ ଦୁଇଦିନରେ ୫୪୦ ମିଲିମିଟର ବର୍ଷା ହୋଇଥିବା ମ୍ୟୁନିସିପାଲ କମିଶନର ପ୍ରବୀଣ ପରଦେଶୀ କହିଛନ୍ତି। ସହରରେ ବର୍ଷାଜନିତ ଦୁର୍ବିପାକ ପାଇଁ ସେ ଜଳବାୟୁ ପରିବର୍ତ୍ତନ ଓ ଭୌଗୋଳିକ ସ୍ଥିତିକୁ ଦାୟୀ କରିଛନ୍ତି।

ସିଓନ ଏବଂ ମାଟୁଙ୍ଗା ଷ୍ଟେଶନ ମଧ୍ୟରେ ରେଳଧାରଣା ବୁଡ଼ିଯାଇଥିବାରୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଦାଦରର ହିନ୍ଦମାତା ଅଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲୁଥିବାରୁ ସେଥିରେ ପିଲାମାନେ ସନ୍ତରଣ କରୁଥିବା ଦେଖିବାକୁ ମିଳିଛି। ପାଣି ନ କମିବା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ନ ଚଳାଇବାକୁ ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁ ବିଭିନ୍ନ ଷ୍ଟେଶନରେ ପ୍ରବଳ ଗହଳି ଦେଖାଯାଇଛି। ପାଲଘର ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ପୁନେର ଲୋନାଭାଲା ହିଲ୍‌ଷ୍ଟେଶନରେ ରେଳଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ସକାଳେ ୨୭ଟି ଦୂରଗାମୀ ଟ୍ରେନ୍ ଚଳାଚଳକୁ ବାତିଲ କରିଦିଆଯାଇଥିଲା। ସେହିପରି କେତେକ ସ୍ଥାନରେ ରେଳଲାଇନ ପାଣିରେ ବୁଡ଼ି ରହିଥିବାରୁ ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳକୁ ସଂକ୍ଷିପ୍ତ କରାଯାଇଥିଲା। ସେହିପରି କରଜାଟ ଏବଂ ଲୋନାଭାଲା ମଧ୍ୟବର୍ତ୍ତୀ ପଶ୍ଚିମଘାଟ ସେକ୍ସନ୍‌ରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହେବାରୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ମୁମ୍ବାଇ ଓ ପୁନେ ମଧ୍ୟରେ ଯାତାୟାତ କରୁଥିବା ସଟଲ୍ ଟ୍ରେନଗୁଡ଼ିକର ଚଳାଚଳ ମଧ୍ୟ ବ୍ୟାହତ ହୋଇଥିଲା। ସୋମବାର ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ ବର୍ଷା ଯୋଗୁ କାର୍ଯ୍ୟରେ ଯୋଗ ଦେଇପାରି ନାହାନ୍ତି। ରାସ୍ତାରେ ପଟ୍‌ହୋଲ୍ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ଦୈନନ୍ଦିନ ୱେଷ୍ଟର୍ନ ଏକ୍ସପ୍ରେସ୍ ହାଇୱେରେ ଯାତାୟାତ କରୁଥିବା ଜଣେ ବ୍ୟକ୍ତି କହିଛନ୍ତି।

ସଂକ୍ଷେପରେ

ଫିଲ୍ମ ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା

ବାଘ୍‌ପତ୍,୧୭(ପି.ଟି.): ଉତ୍ତରପ୍ରଦେଶର ବାଘ୍‌ପତ୍ ଜିଲାସ୍ଥିତ ଜିମାନା ଗ୍ରାମରେ ସୋମବାର ଜଣେ ଆଞ୍ଚଳିକ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ସଂସାର ସିଂ (୭୦) ବୋଲି ପୋଲିସ କହିଛି। ଅଭିଯୁକ୍ତ ଜୀବନଙ୍କୁ ପୋଲିସ ଗିରଫ କରିଥିବା ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି। ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ସଂସାରଙ୍କ ପୁତୁରା ୨୦ ବର୍ଷ ତଳେ ଜୀବନଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ଏବେ ଏହି ଘଟଣାତ ପୋଲିସ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ସଂସାର ସିଂ ପଶ୍ଚିମ ଉତ୍ତର ପ୍ରଦେଶର ଜଣେ କଳାପ୍ରେମୀ। ଚଳଚ୍ଚିତ୍ର 'ଧକଡ଼ ଛୋରା', 'କିଷାନ୍', 'ଭଗୱାନ୍' ଓ ଅନ୍ୟ କେତେକ ଫିଲ୍ମରେ ତାଙ୍କର ଅତୁଳନୀୟ ଅବଦାନ ରହିଛି।

ଦୁର୍ନୀତି ମାମଲାରେ ଜର୍ଦ୍ଦାରି ଗିରଫ



ଲାହୋର,୧୭ (ପି.ଟି.): ଏକ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରିଙ୍କୁ ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସୋମବାର ଗିରଫ କରାଯାଇଛି। ଜର୍ଦ୍ଦାରି ବହୁ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଏବେ ନ୍ୟାସନାଲ ଆକାଉଣ୍ଟିବିଲିଟି ବ୍ୟୁରୋ (ଏନ୍‌ଏବି) ହେପାଜତ୍‌ରେ ଅଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟରେ ସେ କରିଥିବା ମଧ୍ୟବର୍ତ୍ତୀକାଳୀନ ଜାମିନ୍ ଆବେଦନ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ଗିରଫ କରାଯାଇଛି। ପାର୍କ ଲେନ୍ ମାମଲାରେ ଏନ୍‌ଏବି ତାଙ୍କୁ ରିମାଣ୍ଡରେ ନେବାର ସମ୍ଭାବନା ରହିଛି। ଦୁର୍ନୀତି ଯୋଗୁ ଜର୍ଦ୍ଦାରିଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଥିବା କୁହାଯାଉଛି।

କାବୁଲରେ ତାଲିବାନର ଆକ୍ରମଣ

ବିସ୍ଫୋରଣରେ ୩୪ ମୃତ

କାବୁଲ,୧୭(ଆଇଏଏନ୍‌ଏସ୍)

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ସକାଳେ ଶକ୍ତିଶାଳୀ ବିସ୍ଫୋରଣରେ ୩୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ଏଥିପାଇଁ ତାଲିବାନ୍ ନିଜକୁ ଦାୟୀ କରିଛି। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ କାତାରଠାରେ ଆମେରିକା ଏବଂ ତାଲିବାନ୍ ପ୍ରତିନିଧି ଦଳ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ଜାରି ରହିଥିବା ସମୟରେ ଏହି ଆକ୍ରମଣ କରାଯାଇଛି। ତାଲିବାନ୍ ଉଗ୍ରପନ୍ଥୀମାନେ ପ୍ରଥମେ ବିସ୍ଫୋରକ ଭର୍ତ୍ତି ଏକ କାର୍‌କୁ ଉଡାଇଦେବା ସହିତ ନିରାପତ୍ତାରକ୍ଷୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣସ୍ଥଳ ନିକଟରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଶାଖା କାର୍ଯ୍ୟାଳୟ, ସ୍ପୋର୍ଟସ ଷ୍ଟାଡିୟମ୍, ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟର ଶାଖା ଏବଂ ଅନ୍ୟାନ୍ୟ ଅଟ୍ଟାଳିକା ରହିଛି। ଏକ ନିର୍ମାଣାଧୀନ କୋଠାର ପ୍ରବେଶ ପଥରେ ପ୍ରଥମେ ବିସ୍ଫୋରଣ କରାଯିବାପରେ ଆତଙ୍କବାଦୀମାନେ ଏହା ଭିତରେ ପ୍ରବେଶ କରିଥିଲେ ଏବଂ ଏଥିରେ ଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣରେ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେକ ଅଫିସର ଏବଂ ନିରାପତ୍ତା କର୍ମଚାରୀ ନିହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ କିଛି କିଲୋମିଟର ପର୍ଯ୍ୟନ୍ତ ଶୁଭାଯାଇଥିଲା।

■ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଅବଧି ବଢ଼ିଲା

ପ୍ରସ୍ତାବ ରାଜ୍ୟ ସଭାରେ ଗୃହୀତ

ନୂଆଦିଲ୍ଲୀ,୧୭(ପି.ଟି.)

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବ ସୋମବାର ରାଜ୍ୟସଭାରେ ଗୃହୀତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଉକ୍ତ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ରାଷ୍ଟ୍ରପତି ଶାସନ ମିଆଦ ବଢ଼ାଇବା ଆବଶ୍ୟକ ପଡୁଛି ବୋଲି ସେ କହିଥିଲେ। ପ୍ରସ୍ତାବକୁ ବିଜେଡି ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ସମର୍ଥନ ଜଣାଇଥିଲେ। ଜୁଲାଇ ୩ରୁ ଆଉ ୬ ମାସ ପାଇଁ ଲାଗୁ ହେବାକୁ ଥିବା ରାଷ୍ଟ୍ରପତି ଶାସନ ପ୍ରସ୍ତାବ ଗତ ଶୁକ୍ରବାର ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

- ■ ବିଜେଡି, ଏସ୍‌ପିର ସମର୍ଥନ
- ■ ସଂରକ୍ଷଣ (ସଂଶୋଧନ) ବିଲ୍‌କୁ ମଞ୍ଜୁରୀ

ବିଧାନସଭା ନିର୍ବାଚନ ବିଳମ୍ବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବାରୁ ଶାହ କହିଥିଲେ, ପୂର୍ବରୁ କେବେ ରମଜାନ ମାସରେ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇ ନଥିଲା। ଜୁନ୍ ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଏବଂ ଅକ୍ଟୋବର ପର୍ଯ୍ୟନ୍ତ ବକରୱାଲ ସମ୍ପ୍ରଦାୟ ପର୍ବତାରୋହଣରେ ଯାଉଥିବାରୁ ଏହା ପରେ ନିର୍ବାଚନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟ ସଭାରେ ଶାହ ଆଣିଥିବା ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୧୯ ମଧ୍ୟ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ଏହି ବିଲ୍ ମଧ୍ୟ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିଲା।

ପାକିସ୍ତାନ ଜେଲ୍‌ରେ ୨୬୧ ଭାରତୀୟ ବନ୍ଦୀ

ଇସ୍‌ଲାମାବାଦ୍,୧୭(ପି.ଟି.): ପାକିସ୍ତାନ ଜେଲ୍‌ରେ ଏବେ ୨୬୧ ଭାରତୀୟ ବନ୍ଦୀ ଅଛନ୍ତି। ସୋମବାର ପାକିସ୍ତାନ ପକ୍ଷରୁ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତାଲିକା ହସ୍ତାନ୍ତର କରାଯାଇଛି। ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି, ୨୦୦୮ ମେ ୨୧ ରାଜିନାମା ଅନୁଯାୟୀ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ୨୬୧ ଜଣଙ୍କ ମଧ୍ୟରେ ୨୦୯ ମତ୍ସ୍ୟଜୀବୀ ଅଛନ୍ତି। ଅନୁରୂପଭାବେ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସେଠାରେ ବନ୍ଦୀଥିବା ପାକିସ୍ତାନ ନାଗରିକଙ୍କ ତାଲିକା ପ୍ରଦାନ କରିବ ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି। ଚୁକ୍ତିରେ ଜାନୁୟାରୀ ପହିଲାରୁ ଜୁଲାଇ ପହିଲା ମଧ୍ୟରେ ପ୍ରତି ଦୁଇବର୍ଷରେ ଥରେ ଉଭୟ ଦେଶ ପରସ୍ପରକୁ ବନ୍ଦୀ ତାଲିକା ପ୍ରଦାନ କରିବେ।

୧୨ ଜେୟୁଡ଼ି ଓ ଜେଇଏମ୍ ସଦସ୍ୟଙ୍କୁ ଜେଲ ଦଣ୍ଡାଦେଶ

ଲାହୋର,୧୭ (ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଆତଙ୍କବିରୋଧୀ ଅଦାଲତ (ଏଟିସି) ନିଷିଦ୍ଧ ଜାମାତ୍ ଉଦ୍ ଦାୱା (ଜେୟୁଡ଼ି) ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ୧୨ ସଦସ୍ୟଙ୍କୁ ସୋମବାର ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଅଭିଯୋଗ ଏମାନଙ୍କ ବିରୋଧରେ ରହିଥିଲା। ପଞ୍ଜାବ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆତଙ୍କବିରୋଧୀ ଅଦାଲତରେ ହାଜର କରିବା ପରେ ଶୁଣାଣି ହୋଇଥିଲା। ଜେୟୁଡ଼ିର ୪ ସଦସ୍ୟ ଘର ଅଲି, ଜୁନୈଦ୍ ଇର୍ଶାଦ, ଇଜାଜ୍ ଅହମଦ ଓ ଅବଦୁଲ ଖଲିକ୍‌ଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡ ସହ ଜରିମାନାଦେଶ ଦିଆଯାଇଛି। ସେହିଭଳି ୮ ସ୍ଥାନୀୟ ଜେଇଏମ୍ ସଦସ୍ୟଙ୍କୁ ଏଟିସି ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଇଫ୍ତିକାର ଅହମଦ, ମୋହମ୍ମଦ ଅଜମଲ, ବିଲାଲ ମକ୍କି, ଅବରାର୍ ଅହମଦ ଓ ଇର୍ଫାନ୍ ଅହମଦ, ହାଫିଜୁଲ୍ଲାହ, ମଜହର ନୱାଜ ଓ ଅବଦୁଲ ଲତିଫ୍। ଅନ୍ତର୍ଜାତୀୟ ଚାପ ବଢ଼ିବାରୁ ପାକିସ୍ତାନ ଏଭଳି ଆତଙ୍କନିରୋଧୀ ଅଭିଯାନ ଚଳାଇଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଇମ୍ରାନ୍ ଖାନ୍ ସରକାର ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଗିରଫ କରିଥିବା ପ୍ରକାଶ। ଏମାନଙ୍କ ମଧ୍ୟରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କ ପୁଅ, ଭାଇ ମଧ୍ୟ ସାମିଲ ଅଛନ୍ତି।

ଇତିହାସର ଆଇନାରେ

ଜୁଲାଇ ୨ର ପ୍ରମୁଖ ଘଟଣା

୧୯୪୦ ଜୁଲାଇ ୨ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କୋଲକାତାରେ ଗିରଫ କରାଯାଇଥିଲା। ୧୮୯୭ ଜାନୁୟାରୀ ୨୩ରେ ଜନ୍ମିତ ସୁଭାଷ ଭାରତର ଜଣେ ଜାତୀୟତାବାଦୀ ନେତା ଥିଲେ। ତାଙ୍କର ପ୍ରଗାଢ଼ ଦେଶପ୍ରେମ ତାଙ୍କୁ ଭାରତର ବୀର ନାୟକର ପରିଚୟ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବିୟୋଗ ଏବେ ବି ରହସ୍ୟଜନକ ହୋଇ ରହିଛି।

୨୦୧୩ ଜୁଲାଇ ୨ରେ ଇଣ୍ଡୋନେସିଆରେ ଭୂକମ୍ପ ଯୋଗୁ ୪୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪୨୦ ଆହତ ହୋଇଛନ୍ତି। ଇଣ୍ଡୋନେସିଆର ସୁମାତ୍ରା ଦୀପରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬.୧। ସୁମାତ୍ରାର ଉତ୍ତରଭାଗରେ ହୋଇଥିବା ଭୂକମ୍ପରେ ପାଖାପାଖି ୪,୩୦୦ ବାସଗୃହ ଭାଙ୍ଗିରୁଜି ଯାଇଥିଲା।

ବୈବାହିକ ବଳାତ୍କାରକୁ ଛାଡ଼ପତ୍ରର କାରଣ ଭାବେ ନେବାକୁ ଆବେଦନ

ହସ୍ତକ୍ଷେପ ଲାଗି ସୁପ୍ରିମକୋର୍ଟ ମନାକଲେ

ନୂଆଦିଲ୍ଲୀ,୧୭

ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ଯୌନସମ୍ପର୍କ ରଖିବା (ବୈବାହିକ ବଳାତ୍କାର)କୁ ଛାଡ଼ପତ୍ରର କାରଣ ଭାବେ ଗ୍ରହଣ କରିବା ଲାଗି ଆଇନ ଆଣିବା ଏବଂ ଏଭଳି ଘଟଣାରେ ଏତଲା ଦାଏର ଲାଗି ଗାଇଡଲାଇନ୍ସ ସ୍ପଷ୍ଟ କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଅନୁରୂପ ମାମଲା ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବାରୁ ସେଠାରେ ଆବେଦନ କରିବା ନିମନ୍ତେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀ ଆଇନଜୀବୀ ଅନୁଜା କପୁରଙ୍କୁ କହିଛନ୍ତି।

ବୈବାହିକ ବଳାତ୍କାର ଓ ବୈବାହିକ ଅପରାଧକରଣ ରୋକିବା ପାଇଁ କୌଣସି ଆଇନ ନାହିଁ। ଏହା ସତ୍ତ୍ୱେ ବିବାହରେ ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସୁପ୍ରିମକୋର୍ଟ ସମସ୍ତଙ୍କ କଲ୍ୟାଣ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ଉଚିତ। ତେଣୁ ସର୍ବୋଚ୍ଚ ଅଦାଲତ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନର ଯୁକ୍ତି ବାଢ଼ିଥିଲେ। ବୈବାହିକ ଜୀବନରେ ବଳାତ୍କାର ରୋକିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ। କାରଣ ଏହା ମଧ୍ୟ ମହିଳାଙ୍କ ମୌଳିକ ତଥା ଆଇନଗତ ଅଧିକାରର ଉଲ୍ଲଂଘନ ବୋଲି ଭାବିବା ଲଗି ମହିଳାମାନଙ୍କ ପାଇଁ ସମୟ ଆସିଛି ବୋଲି ଆବେଦନକାରୀ କହିଛନ୍ତି।

■ ଅଧ୍ୟକ୍ଷ ପଦ ଛାଡ଼ିବା ନିଷ୍ପତ୍ତିରେ ରାହୁଲ ଅଟଳ

ମନାଇବାରେ ୫ ମୁଖ୍ୟମନ୍ତ୍ରୀ ବିଫଳ

ନୂଆଦିଲ୍ଲୀ,୧୭(ଆଇଏଏନ୍‌ଏସ୍)

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ନିଷ୍ପତ୍ତିରେ ରାହୁଲ ଗାନ୍ଧୀ ଅଟଳ ରହିଛନ୍ତି। ସୋମବାର ତାଙ୍କୁ ମନାଇବାକୁ ଉଦ୍ୟମ କରି ୫ କଂଗ୍ରେସ ମୁଖ୍ୟମନ୍ତ୍ରୀ ୯୦ ମିନିଟ ଧରି ଆଲୋଚନା କରିବା ସହ ବିଫଳ ହୋଇଛନ୍ତି। ନିର୍ବାଚନରେ ପରାଜୟ ନୂଆ କଥା ନୁହେଁ ବୋଲି ସେମାନେ ରାହୁଲଙ୍କୁ ବୁଝାଇଥିଲେ। ରାହୁଲ ଆମ କଥା ଶୁଣିଛନ୍ତି ଏବଂ ଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ସେ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ ସେମାନଙ୍କ ପଦରୁ ଇସ୍ତଫା ଦେବା ଲାଗି ପ୍ରସ୍ତାବ ଦେଇଥିଲେ ବୋଲି ଗେହଲଟ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ତେବେ ଦଳ ନେତୃତ୍ୱ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ରାହୁଲଙ୍କୁ ଭେଟିଥିଲେ। ରାହୁଲ ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରିଦେଇଥିବା ପାର୍ଲାମେଣ୍ଟରେ ଖବରଦାତାମାନଙ୍କୁ କହିଛନ୍ତି।

ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲା ଫେରୁଛନ୍ତି।

ଜାପାନୀ ଏନ୍‌ସେଫାଲାଇଟିସ

ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି

ଗୁଆହାଟୀ,୧୭(ଆଇଏଏନ୍‌ଏସ୍)

ଆସାମରେ ଜାପାନୀ ଏନ୍‌ସେଫାଲାଇଟିସରେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। ପରିସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ସେଠାକୁ ଏକ ଟିମ୍ ପଠାଇଛି। ଏହି ଟିମ୍‌ରେ ଜୀବାଣୁ ଓ ଭୂତାଣୁ ଜନିତ ରୋଗ ନିୟନ୍ତ୍ରଣ ଜାତୀୟ କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଗତ ତିନି ମାସରେ ଆସାମରେ ମୋଟ ୬୯ ଜାପାନୀ ଏନ୍‌ସେଫାଲାଇଟିସ୍ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଶିଶୁମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ବୟସ୍କଙ୍କ ଲାଗି ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ସଞ୍ଜୀବ କୁମାର କହିଛନ୍ତି।

■ ସଙ୍କଟ ଆଡ଼କୁ ମୁହାଁଉଛି କୁମାରସ୍ୱାମୀ ସରକାର

ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା

ବେଙ୍ଗାଲୁରୁ,୧୭(ଆଇଏଏନ୍‌ଏସ୍)

କର୍ଣ୍ଣାଟକ ବିଧାନସଭାରୁ ୨ ଜଣ କଂଗ୍ରେସ ବିଧାୟକ ଇସ୍ତଫା ଦେବା ଫଳରେ ଏଚ୍.ଡି. କୁମାରସ୍ୱାମୀ ସରକାର ସଙ୍କଟ ଆଡ଼କୁ ମୁହାଁଉଛି। ବିଦ୍ରୋହୀ ବିଧାୟକ ରମେଶ ଜରକିହୋଳି ଏବଂ ଆନନ୍ଦ ସିଂ ସୋମବାର ସେମାନଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ତାଙ୍କୁ କ୍ୟାବିନେଟରୁ ବାଦ୍ ଦେଇ କଂଗ୍ରେସ ଦଳ ତାଙ୍କ ବରିଷ୍ଠତାକୁ ଅଣଦେଖା କରିଥିବା ଜରକିହୋଳି ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ଜରକିହୋଳି ଗୋକକ୍ ଆସନରୁ ବିଧାୟକ ଅଛନ୍ତି।

ସେହିପରି ବିଜୟନଗରର କଂଗ୍ରେସ ବିଧାୟକ ଆନନ୍ଦ ସିଂ ସୋମବାର ତାଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ପାଖକୁ ପଠାଇଥିଲେ। ଅନ୍ୟପକ୍ଷରେ କୌଣସି ଇସ୍ତଫାପତ୍ର ପାଇ ନ ଥିବା ବାଚସ୍ପତି କହିଛନ୍ତି। ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଜଣାଇବେ ବୋଲି ଆନନ୍ଦ କହିଛନ୍ତି। ବେଲାରୀରେ ୩୬୬୭ ଏକର ଜମି ଜେଏସ୍‌ଡବ୍ଲୁ ଷ୍ଟିଲ୍ କମ୍ପାନୀକୁ ବିକ୍ରି ଲାଗି ମେଣ୍ଟ ସରକାରଙ୍କ ଯୋଜନାକୁ ବିରୋଧ କରି ଆନନ୍ଦ ଇସ୍ତଫା ଦେଇଥିବା କୁହାଯାଉଛି। କିଛିଦିନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ସେ ଜେଏସ୍‌ଡବ୍ଲୁ ଷ୍ଟିଲ୍‌କୁ ଜମି ବିକ୍ରିର ପ୍ରତିବାଦ କରିଥିଲେ। ଦଳ ଅପେକ୍ଷା ଜିଲା ସ୍ୱାର୍ଥର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଆନନ୍ଦ ଭାଜପାରେ ଯୋଗଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଗତବର୍ଷ କଂଗ୍ରେସ ଦଳରେ ମତଭେଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆନନ୍ଦ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ଗତ ଜାନୁୟାରୀରେ ବେଙ୍ଗାଲୁରୁ ଉପକଣ୍ଠର ଏକ ରିସୋର୍ଟରେ ତାଙ୍କର ଅନ୍ୟତମ କଂଗ୍ରେସ ବିଧାୟକ ଜେ.ଏନ୍. ଗଣେଶଙ୍କ ସହ ଧସ୍ତାଧସ୍ତି ହୋଇଥିଲା ଏବଂ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କଂଗ୍ରେସର ଆଉ ୬ ବିଧାୟକ ଦଳ ବିରୋଧରେ ବିଦ୍ରୋହ ଯୋଜନା କରୁଥିବା ଖବର ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ନ୍ୟୁଜର୍ସିରେ କାଳଭୈରବେଶ୍ୱର ମନ୍ଦିରର ଶିଳାନ୍ୟାସ ପାଇଁ ଆମେରିକା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଟୁଇଟ୍ କରି ଏଥିଲାଗି ଭାଜପାକୁ ଦାୟୀ କରିଛନ୍ତି। ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଗୈରିକ ଦଳ ଦିବାସ୍ୱପ୍ନ ଦେଖୁଥିବା ସେ କହିଛନ୍ତି। ତେବେ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ଅଭିଯୋଗକୁ ପୂର୍ବରୁ ଅସ୍ୱୀକାର କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ସଭାପତି ବି.ଏସ୍.ୟେଦ୍ୟୁରପ୍ପା କଂଗ୍ରେସରୁ ଅଧିକ ବିଧାୟକ ଇସ୍ତଫା ଦେବେ ବୋଲି ପୂର୍ବାନୁମାନ କରିଛନ୍ତି। ମେଣ୍ଟକୁ ନେଇ ୨୦ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଆଗକୁ କ'ଣ ହେଉଛି ଦେଖିବାକୁ ଅପେକ୍ଷା କରିବୁ ବୋଲି ସେ କହିଛନ୍ତି। ଦୁଇ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟ ବିଧାନସଭାରେ ଭାଜପାର ୧୦୪ ବିଧାୟକ ଥିବାବେଳେ କଂଗ୍ରେସର ୭୮ ଓ ଜେଡିଏସ୍‌ର ୩୭ ବିଧାୟକ ରହିଛନ୍ତି। ଜଣେ ବିଏସ୍‌ପି ଏବଂ ଜଣେ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରକୁ ସମର୍ଥନ ଦେଉଛନ୍ତି।

'ସୂର୍ଯ୍ୟବଂଶୀ'ରେ ଅକ୍ଷୟଙ୍କ ଷ୍ଟଣ୍ଟ

ମୁମ୍ବାଇ: ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦୀର୍ଘ ୩ ଦଶନ୍ଧି ଧରି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛି ବୋଲି ବଲିଉଡ ଅଭିନେତା ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ୫୧ ବର୍ଷୀୟ ଏହି କଳାକାର ୧୯୯୧ରେ 'ସୌଗନ୍ଧ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ସନ୍ ଷ୍ଟାରଙ୍କ ମଧ୍ୟରୁ ଅକ୍ଷୟ କୁମାର ଅନ୍ୟତମ। 'ଖିଲାଡି' ସିରିଜ୍‌ରେ ତାଙ୍କ ଭିନ୍ନ ରୁଚିର କଳାର ପରିଚୟ ମିଳିଥାଏ। 'ଖିଲାଡି', 'ମୈଁ ଖିଲାଡି ତୁ ଅନାଡି', 'ସବ୍‌ସେ ବଡା ଖିଲାଡି', 'ଖିଲାଡିଓଁ କା ଖିଲାଡି', 'ଇଣ୍ଟରନ୍ୟାଶନାଲ ଖିଲାଡି', 'ଖିଲାଡି ୪୨୦' ଏବଂ 'ଖିଲାଡି ୭୮୬' ଆଦି ସିରିଜରେ ଅକ୍ଷୟଙ୍କ କଳାତ୍ମକ ପ୍ରଦର୍ଶନର ପରିଚୟ ଦେଖିବାକୁ ମିଳେ।



ଅକ୍ଷୟ ବର୍ତ୍ତମାନ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ'ରେ ଅଭିନୟ କରୁଛନ୍ତି। ଅଭିନୟ ଆରମ୍ଭରୁ ଆକ୍ସନ ତାଙ୍କର ଜୀବନ ରେଖା ବୋଲି ସେ କହିଛନ୍ତି। 'ସୂର୍ଯ୍ୟବଂଶୀ'ରେ କିଛି ଷ୍ଟଣ୍ଟ କରିଥିବାର ଭିଡିଓ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ଅକ୍ଷୟ ତାଙ୍କର ଦୀର୍ଘ ଦିନର ସହଯୋଗୀ କାଟ୍ରିନା କୈଫ୍‌ଙ୍କ ସହିତ 'ସୂର୍ଯ୍ୟବଂଶୀ'ରେ ଏକତ୍ର ହେବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ୨୦୨୦ ମାର୍ଚ୍ଚ ୨୭ରେ ରିଲିଜ ହେବାର ଅଛି।

ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ତ କବୀର ଦାସ

ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ

ଢେଙ୍କାନାଳ ଅଫିସ/ କଟକ ଅଫିସ, ୧।୭

ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରିଛନ୍ତି କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ। ଏହାକୁ ନେଇ ଚର୍ଚ୍ଚାର ଅବସାନ ହୋଇ ନ ଥିବାବେଳେ ଏବେ ଢେଙ୍କାନାଳରେ ଜନ୍ମ ନେଇଛନ୍ତି ଶରୀର ଯୋଡ଼ି ହୋଇ ରହିଥିବା ଯାଆଁଳା ଶିଶୁକନ୍ୟା। ଅବସ୍ଥା ଗୁରୁତର ଥିବାରୁ ନବଜାତକଙ୍କୁ କଟକ ଶିଶୁଭବନ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ପରୀକ୍ଷାରୁ ଉଭୟଙ୍କ ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିବା ପରେ ଚିନ୍ତାରେ ପଡ଼ିଛନ୍ତି ପରିବାର ଏବଂ ଡାକ୍ତର।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରସବ ଲାଗି ଭର୍ତ୍ତି ହୋଇଥିଲେ ପରଜଙ୍ଗ ଥାନା ଖାଲପାଲ ଗ୍ରାମର ପ୍ରଦୀପ ବେହେରା (୩୧)ଙ୍କ ସ୍ତ୍ରୀ ରେଣୁବାଳା (୨୫)। ତାଙ୍କର ୬ବର୍ଷର ଏକ ପୁତ୍ର ସନ୍ତାନ ରହିଥିବାବେଳେ ଏହା ଥିଲା ତାଙ୍କର ଦ୍ୱିତୀୟ ଗର୍ଭ। ମଧ୍ୟାହ୍ନ ୧୨ଟା ୫୫ରେ ସେ ଉକ୍ତ ଯୋଡ଼ା ଶିଶୁଙ୍କୁ ଜନ୍ମ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରସନ୍ନଜିତ କର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇଥିଲେ। ଉଭୟଙ୍କ ଅସ୍ୱାଭାବିକ ଶାରୀରିକ ଗଠନକୁ ନେଇ ଚିନ୍ତାରେ ପଡ଼ିଥିଲେ ଡାକ୍ତର। କାରଣ ଯୋଡ଼ା ଶିଶୁଙ୍କ ଛାତିରୁ ନାଭି ଯାଏ ଯୋଡ଼ି ହୋଇରହିଛି। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି। ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏସ୍‌ଏନ୍‌ସିୟୁ ପ୍ରକୋଷ୍ଠରେ ରଖାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବାରୁ ଉଭୟଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଶିଶୁ ବିଭାଗ ବିଶେଷଜ୍ଞ ଡା. ସନ୍ତୋଷ ସାହୁ କୁହନ୍ତି, ନବଜାତ ଶିଶୁ କନ୍ୟା ଦୁହିଁଙ୍କ ଛାତିରୁ ପେଟ ଯାଏ ଯୋଡ଼ି ହୋଇରହିଛି। ସାଲାଇନ ଓ ଅକ୍ସିଜେନ ଦିଆଯିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା। ସର୍ଜରି ଆବଶ୍ୟକ ଥିବାରୁ ସେମାନଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କୁହନ୍ତି, କଟକ ଶିଶୁ ଭବନ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏ ନେଇ କଟକ ଶିଶୁ ଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ଯୋଡ଼ାଶିଶୁଙ୍କ ଶାରୀରିକ ଗଠନ ଅତ୍ୟନ୍ତ ଜଟିଳ। ଗୋଟିଏ ହୃତ୍‌ପିଣ୍ଡ ଥିବାରୁ ସର୍ଜରି କରିବା ମଧ୍ୟ ସହଜ ହେବନାହିଁ। ଯଦି ବା ସର୍ଜରି କରାଯାଏ, ତେବେ ଏଥିରେ ଆରୋଗ୍ୟ ଲାଭ କରିବା ସମ୍ଭାବନା କମ୍। ପ୍ରାଥମିକ ପର୍ଯ୍ୟାୟରେ ମେଡିସିନ ଏବଂ ସର୍ଜରି ବିଭାଗ ଡାକ୍ତରଙ୍କ ମିଳିତ ତତ୍ତ୍ୱାବଧାନରେ ନବଜାତକଙ୍କ ଚିକିତ୍ସା ଚାଲିଛି। ମଙ୍ଗଳବାର ଏଥିପାଇଁ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଗଠନ କରାଯିବ। ଆବଶ୍ୟକ ଅନୁଯାୟୀ ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଶରୀର ଦୁଇ, ହୃଦୟ ଏକ

- ପେଟରୁ ଛାତି ଯାଏ ଯୋଡ଼ି ହୋଇରହିଛି
- ବିରଳ ଶାରୀରିକ ଗଠନ, ସ୍ୱାସ୍ଥ୍ୟବସ୍ଥା ଗୁରୁତର
- କଟକ ଶିଶୁ ଭବନରେ ଭର୍ତ୍ତି କରାଗଲା
- ଚିକିତ୍ସା ତଦାରଖ କରିବେ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଅସ୍ତ୍ରୋପଚାର ସଫଳତାର ସହ ଦିଲ୍ଲୀ ଏମ୍‌ସରେ କରାଯାଇଛି। ସେମାନେ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ ବୋଲି ଏମ୍‌ସ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇସାରିଲେଣି। ଏପରି ସ୍ଥିତିରେ ଢେଙ୍କାନାଳ ଯୋଡ଼ା ଶିଶୁକନ୍ୟାଙ୍କ ଭବିଷ୍ୟତ କ'ଣ ହେବ ସେ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ। ପ୍ରଦୀପ ଜଣେ ଜେସିବି ଚାଳକ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ସେତେଟା ସ୍ୱଚ୍ଛଳ ନୁହେଁ। ଏପରି ସ୍ଥିତିରେ ଝିଅଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢ଼ାଇବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

BADRIPRASAD
DEGREE COLLEGE
+ 3 Online Admission Through SAMS
ADMISSION OPEN
BSc | BCom | BA
70089 20803, 70087 57504, 83277 25282, 70084 83493, bdcsbp@gmail.com, bcctssbp@gmail.com Visit: www.bitsambalpur.in
Debaipali. Majhipali Chowk, Sason, SAMBALPUR

ଆଜି ନବଯୌବନ ଦର୍ଶନ

ପୁରୀ ଅଫିସ, ୧।୭

ଶେଷ ହୋଇଛି ମହାପ୍ରଭୁଙ୍କ ୧୪ ଦିନର ଅଣସର। ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତିମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ମିଳିବ। ଅନ୍ୟପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ କାର୍ଯ୍ୟ। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ପରିମାଣିକ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗତବର୍ଷ ଅପେକ୍ଷା ଏଥର ୫୦ ଟଙ୍କା ବୃଦ୍ଧି କରାଯାଇଛି। ସୋମବାର ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ପରିମାଣିକ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରାୟ ୫ହଜାର ଟିକେଟ ବିକ୍ରି ଲାଗି ସ୍ଥିର ହୋଇଛି। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ଟିକେଟଧାରୀ ଦର୍ଶନ କରିବେ। ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରକାଠ ନିକଟରୁ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ହେବ। ଏହି ସମୟରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରିବେ।

- ଅପରାହ୍ନ ୨ଟାରେ ଫିଟିବ ଅଣସର ତାଟି
- ସାଢେ ୨ଟାରେ ପରିମାଣିକ ଦର୍ଶନ
- ସାଢେ ୩ଟାରେ ସାହାଣମେଲା ଦର୍ଶନ

ଖଳି ଲାଗିହେଲେ ମହାପ୍ରଭୁ

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖଳିଲାଗି ହୋଇଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କ ସୂଚନା ମୁତାବକ, ରବିବାର ରାତିରେ ମହାପ୍ରଭୁଙ୍କ ଘଣା କଟାଯାଇଥିଲା। ଏହାପରେ ପ୍ରଧାପନ ବୁଣାଟ ହୋଇ ଘଣାଲାଗି କରାଯାଇଥିଲା। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ ଓ ଶ୍ରୀପୟର)ରେ ଲାଗି କରାଯାଇଥିଲା। ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢିବା ପରେ ଅଣସର ଶୁଦ୍ଧ ସୁଆରଙ୍କ ଘରୁ ଖଳି ହାଣ୍ଡି ଅଣାଯାଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଏହାପରେ ଶ୍ରୀମୁଖ ଓତା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଅଣାଯାଇଥିବା ଖଡ଼ି ଲାଗି କରାଯାଇଥିଲା।

ADMISSION GUIDANCE 2019-20
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR-752054
Permitted by Govt. of Odisha & Affiliated to Utkal University
+3 SCIENCE (Hons.) (Physics, Chemistry, Mathematics, Zoology, Botany)
+3 COMMERCE (Hons.) (Accounting & Management)
+3 ARTS (Hons.) (Economics, English, Poltical Sc., Psychology & Sociology)
SPECIAL FEATURES
Expert & Experienced Facultymembers
E-Library with DELNET
Doubt Clearing Classes
Scholarship for SC & ST Students
Transport Facilities
Spoken English
Separate Furnished Hostel both Boys & Girls
Apply to SAMS Contact: 9778899990 / 9778899991 / 9438767679
Visit us: www.niisinst.com | Email: niisadmission2019@gmail.com

HONDA
The Power of Dreams
सच कर देंगे सपने
Activa 5G
LIMITED EDITION
UNLIMITED LOVE
Activa The No. 1 Selling Two-wheeler^
STYLISH NEW GRAPHICS
CHROME METAL MUFFLER COVER
Accessories shown in the picture are not part of standard equipment.
Product shown in the picture may vary from actual product. **Conditions apply. ^Based on SIAM figures Apr'18- Mar'19 (cumulative).
BEST DEAL HONDA Buy. Sell. Exchange
ALWAYS WEAR A HELMET WHILE RIDING
Also available: Annual Maintenance Contract** Roadside Assistance** Engine Health Assurance**
Follow us on
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; PADAMPUR: Bindhyabasini Honda - 9437051078, 9937788078; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.
For Bulk/Institutional enquiries, please write us at: institutionalsales@honda2wheelersindia.com

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:...
ଜନ୍ମ ତାରିଖ: ....

ପୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୮ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା
ଆଜିଠୁ ମିଳିବ ଆଡମିଟ୍ କାର୍ଡ

କଟକ ଅଫିସ,୧୭

ଆସନ୍ତା ୮ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା। ଏଥିପାଇଁ ଆଡମିଟ୍ କାର୍ଡ ମଙ୍ଗଳବାରଠାରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେବ। ଏହାକୁ ପରୀକ୍ଷାର୍ଥୀ ଡାଉନଲୋଡ କରିପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ସମାନ ଦିନରେ ଆରମ୍ଭ ହେବ। ଏହି ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ଜୁଲାଇ ୩ରେ ୱେବସାଇଟରେ ଉପଲବ୍ଧ ହେବ ବୋଲି ଡ. ମହାନ୍ତି କହିଥିଲେ। ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୮ରୁ ୧୪ ତାରିଖ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୭,୬୧୬ଜଣ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଓ ୫୫ଟି ପରୀକ୍ଷା କେନ୍ଦ୍ରରେ ୯୦୩୩ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍‌ରେ ନିଜ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ।

କଣ୍ଟାବାଞ୍ଜି ଆସନକୁ ନେଇ ହାଇକୋର୍ଟରେ ଆଉ ଏକ ମାମଲା
ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ନିବେଦନ

କଟକ ଅଫିସ,୧୭

କଣ୍ଟାବାଞ୍ଜି ବିଧାନସଭା ଆସନର ଫଳାଫଳକୁ ନେଇ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିବା ଅଜୟ ଦାସ ଏହି ମାମଲା ରୁଜୁ କରିଛନ୍ତି। ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ଦାସ କୋର୍ଟଙ୍କୁ ନିବେଦନ କରିଛନ୍ତି। ପୂର୍ବରୁ କଣ୍ଟାବାଞ୍ଜି ଆସନରେ ଇଭିଏମ୍ ଟାମ୍ପରିଂ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଭୋଟର ରୂପେଶ କୁମାର ବେହେରା ଓ ଭୁବନାନନ୍ଦ ମହାନ୍ତଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା।

ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୮୨ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। କିନ୍ତୁ ଭୋଟ ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୭୭ ଖଣ୍ଡ ଭୋଟ ବାହାରିଥିଲା। ସମୁଦାୟ ପୋଲିଂ ଓ ଇଭିଏମ୍‌ରୁ ବାହାରିଥିବା ଭୋଟ ମଧ୍ୟରେ ୮୬୬୬ ଅଧିକ ଭୋଟ ଅମେଳ ରହୁଛି। ଅର୍ଥାତ୍ ଇଭିଏମ୍‌ରୁ ବାହାରିଥିବା ଅଧିକ ଭୋଟକୁ ନେଇ ଆବେଦନକାରୀ ଦାସ ପ୍ରଶ୍ନ ଉଠାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କୁ କଟୁରିରେ ଆକ୍ରମଣ

ନିଆଳି, ୧୭(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ବିନିଶିପୁର ପଞ୍ଚାୟତ ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ପାଠପଢ଼ା ଚାଲିଥିବାବେଳେ ଆତଙ୍କ ଖେଳିଯାଇଥିଲା। କାରଣ ବିଭୂତି ମହାନ୍ତି(୪୩) ନାମକ ଜଣେ ଯୁବକ କଟୁରି ଧରି ଶ୍ରେଣୀ ଗୃହରେ ପଶି ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ହାଣି ପକାଇଥିଲେ। ଏଥିରେ ଶୁଚିସ୍ମିତାଙ୍କ ଦୁଇହାତ, ମୁଣ୍ଡ, ବେକ ଓ ପିଠିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଆହତ ଶିକ୍ଷୟିତ୍ରୀଙ୍କ ଖୁଡ଼ୀ ନିଆଳି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୫୩/୧୯) ରୁଜୁ କରି ଆକ୍ରମଣକାରୀ ବିଭୂତିଙ୍କୁ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ମିନିଟ୍‌ରେ ଏହି ଘଟଣା ଘଟିଥିଲା।

ଅଭିଯୁକ୍ତ ବିଭୂତି ମହାନ୍ତି

ଆକ୍ରମଣ ପରେ ଶୁଚିସ୍ମିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରେଣୀଗୃହରେ ଅଚେତ ହୋଇପଡ଼ିଥିଲେ। ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପହଞ୍ଚି ଯାଇଥିଲେ। ଏମାନଙ୍କୁ ଦେଖି ବିଭୂତି ଦୌଡ଼ି ପଳାଇଯାଇଥିଲେ। ଶୁଚିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚାରିଛକ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଚାରିଛକ ବଜାରରେ ବିଭୂତିଙ୍କୁ ଲୋକମାନେ କାବୁ କରିବା ସହ ନିର୍ଘୂମ ପିଟିଥିଲେ। ପୋଲିସ ପହଞ୍ଚି ବିଭୂତିଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ବିଭୂତି କାହିଁକି ଆକ୍ରମଣ କଲେ ସେ ସମ୍ପର୍କରେ ଜଣାପଡ଼ିନାହିଁ। ତାଙ୍କୁ ପଚରାଉଚରା କରାଯାଉଛି।

ଆହୁରି ଦୁଇଦିନ ବର୍ଷିବ

ଭୁବନେଶ୍ୱର, ୧୭(ବ୍ୟୁରୋ)

- ୧୨ ଜିଲାକୁ ଏଲୋ ୱାର୍ନିଂ
- ଚାନ୍ଦବାଲିରେ ସର୍ବାଧିକ ୬୭ ମିମି ବର୍ଷା
- ଜୁନ୍‌ରେ ବର୍ଷା ପରିମାଣ ୩୧ ପ୍ରତିଶତ କମ୍

ରାଜଧାନୀରେ ବର୍ଷାର ଦୃଶ୍ୟ।

ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ରବିବାରଠାରୁ ଆରମ୍ଭ ହୋଇଥିବା ବର୍ଷା କେତେବେଳେ ଛେଚୁଛି ତ' ଆଉ କେତେବେଳେ ଝିପିଝିପି ହେଉଛି। ସୋମବାର ସୁଦ୍ଧା ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଅଞ୍ଚଳ ସବୁଠି ବର୍ଷା ଲାଗି ରହିଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଇତିମଧ୍ୟରେ ୱେଲ୍‌ମାର୍କ ଲୋ ପ୍ରେସରର ରୂପ ନେଇସାରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଫଳରେ ୩ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଉତ୍ତର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଭାରତୀୟ ପାଣିପାଗ ବିଭାଗ ୧୨ ଜିଲାକୁ ଏଲୋ ୱାର୍ନିଂ ଜାରି କରିଛି। ଉକ୍ତ ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ବର୍ଷା ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବୋହିବ। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଚାନ୍ଦବାଲିରେ ସର୍ବାଧିକ ୬୭ ମିଲି ମିଟର (ମିମି) ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ବାଲେଶ୍ୱରରେ ୪୫ମିମି, ପାରାଦୀପରେ ୨୨ମିମି, କଟକରେ ୨୧.୨ମିମି, ସୁନ୍ଦରଗଡ଼ ଓ ମାଲକାନଗିରିରେ ୧୪ମିମି, କେନ୍ଦୁଝରରେ ୧୨ମିମି, ଭୁବନେଶ୍ୱର ୧୦.୩ମିମି, ଅନୁଗୋଳ ଓ ବାରିପଦାରେ ୧୦ମିମି, ଝାରସୁଗୁଡ଼ା ୯ମିମି, ସମ୍ବଲପୁର ୭ମିମି, ତାଳଚେରରେ ୬ମିମି, ଫୁଲବାଣୀରେ ୨.୨ମିମି, ଗୋପାଳପୁର ଓ ସୋନପୁରରେ ୨ମିମି ଓ ପୁରୀରେ ୦.୧ମିମି ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି। ବିଳମ୍ବରେ ମୌସୁମୀ ଆସିବା ଓ ଆରମ୍ଭରୁ ବର୍ଷା ନ ହେବା ଯୋଗୁ ଲୋକେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିଲେ। ଏବେ ବର୍ଷା ଯୋଗୁ ସେଥିରୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ବର୍ଷା ଲାଗି ରହିବା ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ କରାଇବା ମାମଲା
ଝାରପଡ଼ା ଜେଲ୍‌ରେ ରହିଲେ ପାଟଣାଗଡ଼ ବିଧାୟକ

ଭୁବନେଶ୍ୱର,୧୭ (ବ୍ୟୁରୋ)

ନିମ୍ନମାନର ରାସ୍ତା କାମକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରାଇବା ମାମଲାରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହୋଇଥିଲା। ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଧାୟକ ମେହେର ଓ ଅଭିଯୋଗକାରୀମାନେ ନିଜ ପକ୍ଷ ରଖିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ ମଲ୍ଲିକ ଉଭୟ ପକ୍ଷରୁ ଶୁଣିବା ପରେ ମାମଲାର ବିଚାର କରି ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେପର୍ଯ୍ୟନ୍ତ ବିଧାୟକ ଝାରପଡ଼ା ଜେଲ୍‌ରେ ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେବା ପରେ ତାଙ୍କୁ ସେଠାକୁ ପଠାଇ ଦିଆଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଜେଲ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦେଶ ଦିଆଯାଇଛି।

ବିଧାୟକ ମେହେର ଦର୍ଶାଇଥିଲେ ଯେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, ସେଥିମଧ୍ୟରୁ କେବଳ ୫୩୫ ଦଫାକୁ ଛାଡ଼ିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ସେ ଜଣେ ଲୋକ ପ୍ରତିନିଧି ହୋଇଥିବାରୁ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକତା ରହିଛି। ସେ କୋର୍ଟର ସମସ୍ତ ସର୍ତ୍ତକୁ କଡ଼ାକଡ଼ି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲିସେ ଆବେଦନରେ ଲକ୍ଷେଖ କରିଛନ୍ତି। ଅପରପକ୍ଷରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବର ଓ ତାଙ୍କ ସ୍ତ୍ରୀ ତଥା ମାମଲାର ଅଭିଯୋଗକାରୀ ମଧ୍ୟ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେମାନଙ୍କୁ ଅନେକ ଅଜଣା ମୋବାଇଲ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସୁଛି। ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ କହିଥିଲେ।

ଗତ ମାସରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା। ବିଧାୟକ ମେହେର ଲୋକଙ୍କ ସହ ସେଠାରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଯନ୍ତ୍ରୀ ଜଣକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଗିରଫ ଦାବି ଜୋର୍ ଧରିଥିଲା। ଗତ ୨୪ ତାରିଖରେ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱର ହେବାକୁ ଧାର୍ଯ୍ୟ କରିଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇ ପାଟଣାଗଡ଼ ଜେଲ୍‌କୁ ପଠାଇ ଦିଆଯାଇଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ ଆଜି ଭାଗ୍ୟ ସ୍ଥାନକୁ ଛଅଟି ଗ୍ରହ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା ନିଶ୍ଚିତ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବାର ପ୍ରଯତ୍ନ କରିବା ଦିଗରେ ସଫଳତା ପାଇପାରିବେ। ମଙ୍ଗଳଙ୍କ ବଳହୀନତା କାରଣରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବା ଆଶଙ୍କା ରହିଛି।

ବୃଷ ମୁଖଭାବରେ ଚତୁଃଗ୍ରହଯୋଗ ଆପଣଙ୍କ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ, ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବା ସହ ପରିବାରରେ, କର୍ମକ୍ଷେତ୍ରରେ, ସଭାସମିତିରେ ଆପଣ ବହୁଚର୍ଚ୍ଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

ମିଥୁନ ରାଶିରେ ଏକାଧିକ ଗ୍ରହ ଶାରୀରିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରାଇପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ,ସହଯୋଗର ଅଭାବ ରହିବନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ସନ୍ତୋଷ ଲାଭ କରିପାରନ୍ତି।

କର୍କଟ ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଆପଣଙ୍କ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଦୁଶ୍ଚିନ୍ତା ସାୟାହ୍ନେ ଦୂରହେବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବା ସୂଚନା ରହିଛି।

ସିଂହ ଆଜିର ଅନୁକୂଳ ଗ୍ରହ ସ୍ଥିତି ଆପଣଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ,ପ୍ରଶାସନ ଏଜେନ୍ସିଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

କନ୍ୟା ଦଶମ ସ୍ଥାନରେ ଏକାଧିକ ଗ୍ରହ ଆପଣଙ୍କ କର୍ମକ୍ଷେତ୍ରକୁ ଚଳଚଞ୍ଚଳ କରାଇବେ। ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଫଳରେ ପରିବାର,ବନ୍ଧୁମିଳନ, ସଭାସମିତି, ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। କିନ୍ତୁ ଚିତ୍ରା ନକ୍ଷତ୍ର କୌଣସି କଥାକୁ ଭଲ ରୂପେ ବିଚାର ନ କରି କାମକଲେ ସମସ୍ୟା ଭିତରକୁ ଟାଣିହୋଇଯିବେ।

ତୁଳା ପକ୍ଷୀର ଡେଣା ପରି ଦୁଇ, ତିନି ଓ ନଅ, ଦଶମ ସ୍ଥାନରେ ଗ୍ରହମାନେ ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟ ବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ଆଶା ରହିଛି।

ବିଛା ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ଭଲମନ୍ଦର ମିଶ୍ରିତଫଳ ପ୍ରଦାନ କରିବ। ଅଷ୍ଟମଭାବସ୍ଥ ଗ୍ରହ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ। ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

ଧନୁ ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଜନିତ ଚିନ୍ତା ସୃଷ୍ଟିକରେ। କର୍ମାଧିପ ଅଷ୍ଟମସ୍ଥାନରେ ଥିବାରୁ ଅପମାନଜନକ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

ମକର ଷଷ୍ଠ ଓ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟହାନି ଓ ଅର୍ଥସଙ୍କଟ ମାନସିକ ସ୍ଥିତିକୁ ବିପନ୍ନ କରିବ। କିନ୍ତୁ ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

କୁମ୍ଭ ଆଜିର ଗ୍ରହ ପ୍ରଭାବରେ ଆପଣ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟିକଲେ ମଧ୍ୟ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

ମୀନ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହୋଇପାରେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାଜନକ ପରିସ୍ଥିତିକୁ ସୁଧାରିନେବାରେ ସମର୍ଥ ହେବେ।

ଆଜି ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ, ରଥଯାତ୍ରାର ଅଧିବାସ କର୍ମ, ଆଷାଢ଼ ଅମାବାସ୍ୟା ମଙ୍ଗଳବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ହୋମିଓପ୍ୟାଥିକର ଜନକ ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ୯।୦୭ମି. ପରେ ଆରଦ୍ରା ନକ୍ଷତ୍ର ହେବ, ଅମାବାସ୍ୟାର ଶ୍ରାଦ୍ଧ,କନ୍ୟାରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର , ଅମାବାସ୍ୟାର ନିଶା ପାଳନ। ଦିବା ଘ୮।୧୮ମି. ମଧ୍ୟେ ଘ୧୦।୦୭ମି. ଗତେ, ଘ୧୧।୪୬ ମଧ୍ୟେ ଅମୃତବେଳା।

classifieds Everyday
0674-2580101, 2549302

real estate

SALE

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡ଼କୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Residential plot-Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/- sqft. 9777063609. D-66156

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ **9438525948.** D-66717

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097. D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524. D-66720

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/- 9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ **9438432164.** D-66718

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and full ayurvedic body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674- 2597822. D-66589

Full body massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66916

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

ଜିଲା ଚିଠି
କେନ୍ଦ୍ରାପଡ଼ା

କାଳ ସାଜିଛି ଚିଙ୍ଗୁଡ଼ି ଘେରି

କୃଷିଭିତ୍ତିକ ଅର୍ଥନୀତିରେ ସମୃଦ୍ଧ କେନ୍ଦ୍ରାପଡ଼ା ଜିଲାରେ ଚାଷ ଜମି କମିବାରେ ଲାଗିଛି। ଚାଷ ଜମି ସହ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ବିଭିନ୍ନ ନାଳ ଓ ଯୋର ଆଦି ଚିଙ୍ଗୁଡ଼ି ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ଏଥିଯୋଗୁ ଦୁର୍ଦ୍ଦିନରେ ଥିବା ଧାନ ଓ ପରିବା ଚାଷୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ମାତ୍ର ଚିଙ୍ଗୁଡ଼ି ଘେରିକୁ ମୁଖ୍ୟ ବ୍ୟବସାୟ କରି ମାଲାମାଲ ହେଉଥିବା ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ସେମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରି ଦେଶ ବିଦେଶକୁ ପ୍ରାୟ ୧୧ ପ୍ରକାର ଚିଙ୍ଗୁଡ଼ି ରପ୍ତାନି କରୁଛନ୍ତି। ସେହି ଲାଭ ଟଙ୍କାରୁ ସ୍ଥାନୀୟ ପ୍ରଶାସକ, ରାଜନେତା ଓ ବନବିଭାଗ କର୍ମଚାରୀଙ୍କ ହାତ ଚିକ୍କଣ ହେଉଛି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ୪ ରାଜସ୍ୱ ସର୍କଲର ମୋଟ ୩୭୮ ଏକର ଜମିରେ ବେଆଇନ ଭାବେ ୭୦୩ ଚିଙ୍ଗୁଡ଼ି ଘେରି ରହିଛି। ରଙ୍ଗଣୀ ରାଜସ୍ୱ ସର୍କଲର ୬ଗ୍ରାମର ୨୫୧ ଏକର ଜମିରେ ୨୪୧, ତାଳଚୁଆର ୫ଟି ହାମଲେଟ ଗ୍ରାମର ୩୯ ଏକର ଜମିରେ ୩୮୫ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ସେହିପରି ରିଘାଗଡ଼ ରାଜସ୍ୱ ସର୍କଲର ୬ ଗ୍ରାମର ୭୪ ଏକର ଜମିରେ ୬୯, ଗୁପ୍ତି ରାଜସ୍ୱ ସର୍କଲର ୨ଟି ଗ୍ରାମର ୧୪ ଏକର ଜମିରେ ୮ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। କେବଳ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ୫୦ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଜମି ଚିଙ୍ଗୁଡି ଘେରି ମାଲିକଙ୍କ ହାତକୁ ଚାଲିଯାଇଥିବା ବେଳେ ରାଜନଗର, ମହାକାଳପଡା ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ଚିଙ୍ଗୁଡ଼ି ଘେରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚାଷ ଏବେ କେବଳ କେନ୍ଦ୍ରାପଡ଼ା ଜିଲାବାସୀଙ୍କର ହୋଇ ରହିନାହିଁ। ବହୁ ବାଂଲା ଅନୁପ୍ରବେଶକାରୀ ସ୍ଥାନୀୟ ଅଞ୍ଚଳରେ ରହି ଚିଙ୍ଗୁଡି ଘେରି ନିର୍ମାଣ କରି ଲୋକଙ୍କୁ ନାକେଦମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏସବୁ ଘେରି ଉଚ୍ଛେଦ ନେଇ ଶିଥିଳତା ପ୍ରକାଶ ପାଇବା ପରେ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ହାଇକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଜିଲାର ବିଭିନ୍ନ ଅଞ୍ଚଳରେ ବଢି ଚାଲିଥିବା ଘେରିଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଜିଲା ପ୍ରଶାସନ ନାମକୁ ମାତ୍ର ଘେରି ଉଚ୍ଛେଦ କରୁଥିବା ଅଭିଯୋଗ ହୋଇଛି। ଏସବୁ ଘେରିର ଗୋଟିଏ ପାର୍ଶ୍ୱ ବନ୍ଧରୁ ପ୍ରାୟ ୫ରୁ ୧୦ ଫୁଟ ଚଉଡା ଘେରି ଭାଙ୍ଗି ଦିଆଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଉଛି। ଏହା ଘେରି ମାଲିକଙ୍କ ଉପରେ କୌଣସି ଫରକ ପକାଉନାହିଁ। ଭଙ୍ଗାଯିବାର ଗୋଟିଏ ଦିନ ପରେ ପୁନର୍ବାର ଘେରି ବନ୍ଧ ନିର୍ମାଣ କରି ପୂର୍ବପରି ଚିଙ୍ଗୁଡି ଚାଷ କରାଯାଉଛି। ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ବିସ୍ତୃତ ଲୁଣା ଜଙ୍ଗଲ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ। ସମୁଦ୍ରର ଲୁଣି ପାଣି ଏହି ଅଞ୍ଚଳକୁ ମାଡ଼ି ଆସି ପୁଣି ଫେରିଯାଏ। ଏହି ପାଣିକୁ ଘେରି ମାଧ୍ୟମରେ ଅଟକାଯାଇ ଅଥବା ନାଳ ଖୋଳି ଘେରି ନିକଟକୁ ଅଣାଯାଇ ସେଥିରେ ଚିଙ୍ଗୁଡ଼ି ଚାଷ କରାଯାଏ। ଏହି ଚାଷ ପାଇଁ ଚିଙ୍ଗୁଡ଼ି ବ୍ୟବସାୟୀମାନେ ଭିତରକନିକା ଜାତୀୟ ଉଦ୍ୟାନର ନିଷିଦ୍ଧାଞ୍ଚଳକୁ ସୁରକ୍ଷିତ ମନେକରି ସେଠାରେ ଚାଷ କରି ଆସୁଥିଲେ। ଏବେ ସେହି ନିଷିଦ୍ଧାଞ୍ଚଳରେ ଧାନ ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଛି। ମାତ୍ର ଚିଙ୍ଗୁଡି ଚାଷ ଯୋଗୁ ଜମିରେ ନାଳ, ଯୋର, ମାହାରା ଆଦିର ଲୁଣି ପାଣି ମାଡି ଯାଉଛି। ଫଳରେ ଧାନ ଚାଷ ନଷ୍ଟ ହେଉଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଭିତରକନିକାର ହେନ୍ତାଳ ବଣ, ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀ ଉପରେ ପଡୁଛି। ଏଥିଯୋଗୁ ଆଗାମୀ ଦିନରେ ଭିତରକନିକାର ଜୈବବିବିଧତା ନଷ୍ଟ ହେବ। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଆଶଙ୍କା ରହିଛି।

– ଜଗନ୍ନାଥ ଧଳ

■ ଶିଶୁଙ୍କୁ ବିଷ ଦେଇ ମା'ଙ୍କ ଆତ୍ମହତ୍ୟା ଘଟଣା

ବାଚସ୍ପତିଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୭(ବ୍ୟୁରୋ)

ଭୋକର ଭୂଗୋଳ ମାଲକାନଗିରି

■ **ବିଧାନସଭାରେ ସରକାରଙ୍କୁ ଘେରିଲେ ବିରୋଧୀ**

ରାଜ୍ୟରେ କେହି ଗରିବ ରହିବେ ନାହିଁ। ଭୋକ ଉପାସରେ କାହାରିକୁ ମରିବାକୁ ଦିଆଯିବନାହିଁ। ଏମିତି ଅନେକ ପ୍ରତିଶ୍ରୁତି ଦିଆଯାଉଛି। ଯୋଜନା ପରେ ଯୋଜନା କରାଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଏହାସତ୍ତ୍ୱେ ମାଲକାନଗିରି ଜିଲା ପାଲଟିଛି ଭୋକର ଭୂଗୋଳ। ଏବେ ବି ଏହି ଜିଲାର ଅନେକେ ଅଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି କି ଦାରିଦ୍ର୍ୟର କଷାଘାତରେ ଗରିବ ଆଦିବାସୀ ମା' ନିଜ ଶିଶୁକୁ ବିଷ ଦେଇ ହତ୍ୟା କରିବାକୁ ପଛାଉନାହାନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ। ଜଣେ ଆଦିବାସୀ ମହିଳା ନିଜ ପିଲାଙ୍କ ମୁହଁରେ ମୁଠେ ଆହାର ଦେଇ ନ ପାରି ରବିବାର ବିଷ ପିଆଇ ଦେଇଥିଲେ। ଏହା ପରେ ନିଜେ ବିଷ ପାଇ ଆତ୍ମହତ୍ୟା କରିଥିଲେ। ସୌଭାଗ୍ୟବଶତଃ ୨ ଶିଶୁ ବଞ୍ଚି ଯାଇଛନ୍ତି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଉଭୟେ ଚିକିତ୍ସାଧୀନ ଅଛନ୍ତି ଓ ସେମାନେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ତେବେ ଭୋକରେ ଆଉଟୁପାଉଟୁ ହେଉଥିବା ପରିବାରଙ୍କ କରୁଣ କାହାଣୀ ରାଜ୍ୟ ପାଇଁ ଲଜ୍ଜା ଆଣିଦେଇଛି। ଏହାକୁ ନେଇ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ପରିସ୍ଥିତିକୁ ଦେଖି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ମାଲକାନଗିରି ଜିଲାପାଳଙ୍କ ସହ କଥା ହୋଇ ତଦନ୍ତ ପାଇଁ ବାଚସ୍ପତି ରାଜସ୍ୱ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ବିଧାନସଭାରେ ଏଭଳି ସ୍ପର୍ଶକାତର ବିଷୟ ଉଠାଇଥିଲେ ମାଲକାନଗିରି ଭାଜପା ବିଧାୟକ ଆଦିତ୍ୟ ମାଢ଼ୀ। ଶୂନ୍ୟକାଳରେ ସେ ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ ଜଣେ ଆଦିବାସୀ ମହିଳା ନିଜର ୨ ଛୁଆଙ୍କୁ ବିଷ ଦେବା ଓ ନିଜେ ଆତ୍ମହତ୍ୟା କରିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଯକ୍ଷ୍ମାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ଦୁଇ ପିଲାଙ୍କୁ ଦିନକୁ ମୁଠାଏ ଖାଇବାକୁ ଦେଇପାରୁ ନ ଥିଲେ। ପଞ୍ଚାୟତ ଅଫିସଠାରୁ ଦେଢ଼ କି.ମି. ମଧ୍ୟରେ ତାଙ୍କର ଏକ ଭଙ୍ଗାଦଦରା ପଲିଥିନ ଘର ଥିଲେ ମଧ୍ୟ କୌଣସି ସରକାରୀ ବାବୁଙ୍କର ସେଠାରେ ଆଖି ପଡି ନ ଥିଲା। ସମ୍ପୃକ୍ତ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ମିଳିପାରିଲା ନାହିଁ। ଯକ୍ଷ୍ମାରେ ଛଟପଟ ହେଉଥିଲେ ବି ତାଙ୍କୁ ସ୍ୱାସ୍ଥ୍ୟସେବା ଟିକେ ମିଳିଲା ନାହିଁ। ରାଜ୍ୟ ସରକାର ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ କଥା କହୁଛନ୍ତି। ବାସ୍ତବରେ ତାହା ଗରିବ ଆଦିବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ସେହି ଗରିବ ମହିଳାଙ୍କୁ ରାଶନ କାର୍ଡ ମିଳିଥିଲେ ମଧ୍ୟ ୪ ବଦଳରେ ୨ ଜଣଙ୍କ ପାଇଁ ୧୦ କେଜି ଚାଉଳ ମିଳୁଥିଲା। ଏଥିରେ ସେ କିପରି ବଞ୍ଚିଥାଆନ୍ତେ। ଏହି ଘଟଣାର ତଦନ୍ତ ହେଉ ବୋଲି ମାଢ଼ୀ ଦାବି କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗକୁ ଅତି ସମ୍ବେଦନଶୀଳ କହିବା ସହ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଉକ୍ତ ପ୍ରସଙ୍ଗରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଗରିବ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ବେଳେ ଆଦିବାସୀମାନେ ପେଟକୁ ମୁଠେ ଖାଇବାକୁ ପାଉନାହାନ୍ତି। ମାଲକାନଗିରି ଘଟଣା ଭଳି ଦୁର୍ଭାଗ୍ୟ କ'ଣ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ କଟାକ୍ଷ କରି କହିଥିଲେ, ନବୀନବାବୁଙ୍କ ବେଳା ଭଲ ପଡ଼ିଛି। ସ୍କୁଲ୍ ଘର ଖଣ୍ଡେ କରି ନ ଥିବା ନବୀନବାବୁ ୫ଥର ମୁଖ୍ୟମନ୍ତ୍ରୀ ହେଲେଣି। ଯେତେଥର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ପଛେ ଗରିବଙ୍କ ପାଇଁ କାମ କରନ୍ତୁ ବୋଲି ରାଉତରାୟ କହିଥିଲେ।

ଆଜି କ'ଣ କେଉଁଠି

ନୂଆପଡ଼ା

■ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ସମୀକ୍ଷା ବୈଠକ, କୋମନା ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

■ଜିଲାସ୍ତରୀୟ ବନ ମହୋତ୍ସବ,ସାରବଙ୍ଗ, ପୂର୍ବାହ୍ନ ୧୦ଟା।

■କୋମନା ରେଞ୍ଜସ୍ତରୀୟ ବନ ମହୋତ୍ସବ, ଦର୍ଲିପଡା, ପୂର୍ବାହ୍ନ୯ଟା।

■ଶ୍ରୀଜୀଉଙ୍କ ନେତ୍ରୋତ୍ସବ, ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୧୦ଟା।

ସୁବର୍ଣ୍ଣପୁର

■ସୋନପୁର କଲେଜର ପ୍ରତିଷ୍ଠା ଉତ୍ସବ, କଲେଜ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢେ ୧୦ଟା।

ପୁରୁଣାକଟକ

■ମେଧାବୀ ଛାତ୍ର ସମ୍ବର୍ଦ୍ଧନା ସଭା, ଉଚ୍ଚ ବିଦ୍ୟାଳୟ ପୁରୁଣାକଟକ, ପୂର୍ବାହ୍ନ ୧୧ଟା।

ସମ୍ବଲପୁର

■ବ୍ରହ୍ମପୁରା ଠାକୁରଙ୍କ ନବଯୌବନ ଦର୍ଶନ, ଝାଡୁଆପଡା ମନ୍ଦିର, ଅପରାହ୍ନ ୨ଟାରୁ ରାତି ୧୦ଟା।

■ଭାରତ ବିକାଶ ପରିଷଦର କାର୍ଯ୍ୟକାରୀ କମିଟି ବୈଠକ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା।

ବଲାଙ୍ଗୀର

■ଜିଲା ପାଠକ ସଂସଦର ବାର୍ଷିକ ଉତ୍ସବ ଓ ଶ୍ୱେତଗଙ୍ଗା ପତ୍ରିକାର ଉନ୍ମୋଚନ, ଗାନ୍ଧୀଭବନ, ସନ୍ଧ୍ୟା ୬ଟା।

■ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ର ପ୍ରତିଷ୍ଠା ଦିବସ, ସାମ୍ବାଦିକ ଭବନ, ସନ୍ଧ୍ୟା ୭ଟା ୩୦।

ରାଉରକେଲା

■୫ ଦିନିଆ ଅର୍ଗାନିକ ଫାର୍ମିଂ କର୍ମଶାଳା, ଏନଆଇଟି ପରିସର, ପୂର୍ବାହ୍ନ ୧୦ଟା।

■ଉତ୍କଳମଣି ଗୋପବନ୍ଧୁଙ୍କ ପୁଣ୍ୟତିଥି, ବାଲିଯୋଡି, ସକାଳ ୮ଟା ୩୦।

ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ସମ୍ପର୍କୀୟ ପିଉସୀଙ୍କୁ ହତ୍ୟା

କନ୍ଧମାଳ,୧୭ (ଡି.ଏନ.ଏ.)

ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଛି। ଏଭଳି ଏକ ଘଟଣା ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ଘଟିଛି । ଅଭିଯୁକ୍ତ ଫେରାର ଅଛନ୍ତି ।ପୋଲିସ ସୂଚନା ଅନୁସାରେ, ରବିବାର ଅପରାହ୍ନ ୫ଟାରେ ଅଭିଯୁକ୍ତ ଘରେ ଥିବାବେଳେ ତାଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ଦୂର ସମ୍ପର୍କୀୟ ପିଉସୀ ତାଙ୍କ ଘରକୁ ଟିଭି ଦେଖିବାକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ଆଶାଳୀନ ବ୍ୟବହାର କରିଥିଲେ । ହେଲେ ନାବାଳିକା ସେଠୁ ଖସି ଆସି ପରିବାର ଲୋକଙ୍କୁ କିଛି କହି ନ ଥିଲେ। ରାତି ୨ଟା ସମୟରେ ନାବାଳିକା ଜଣକ ତାଙ୍କ ଆଈଙ୍କ ପାଖରେ ଶୋଇଥିବା ବେଳେ ଅଭିଯୁକ୍ତ ସେଠାକୁ ଯାଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଛୁରିରେ ତାଙ୍କ ବେକକୁ କାଟି ଦେଇ ଫେରାର ହୋଇ ଯାଇଥିଲେ। ନାବାଳିକଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ତାଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ଅପରାହ୍ନରେ ହସ୍ତାନ୍ତର କରିଛି । ଏ ନେଇ କନ୍ଧମାଳ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି । ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

■ ଭଡ଼ା ବୃଦ୍ଧି ଦାବିରେ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

ସଡ଼କ ପଥରେ କୋଇଲା ପରିବହନ ବନ୍ଦ

ତାଳଚେର,୧୭(ନି.ପ୍ର.)

ଭଡ଼ା ବୃଦ୍ଧି ଦାବିରେ ତାଳଚେର ଟ୍ରକ୍ ମାଲିକମାନେ ରବିବାର ମଧ୍ୟରାତ୍ରିରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ତାଳଚେର କୋଲ୍‌ଫିଲଡ୍‌ସରୁ ଟ୍ରକ୍ ଯୋଗେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସମସ୍ତ କ୍ଷେତ୍ରରେ ଦରବୃଦ୍ଧି ଘଟିଥିବା ବେଳେ ଭଡ଼ା ବୃଦ୍ଧି କରାଯାଉ ନ ଥିବାରୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା। ସେମାନେ ୩ ବର୍ଷ ହେଲା ଭଡା ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଟ୍ରକ୍ ମାଲିକ ସଂଘ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ୩ରୁ ୪ ହଜାର ଟ୍ରକ୍ ମାଲିକ ସାମିଲ ହୋଇଛନ୍ତି। ଆରଟିଓ ରିପୋର୍ଟ ଅନୁସାରେ ଗାଡ଼ି ପରମିଟ୍, ଫିଟନେସ, ଟ୍ୟାକ୍ସ, ଇନସ୍ୟୁରାନ୍ସ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ସରକାର କି.ମି. ପିଛା ନୂତନ ଭଡ଼ା ଧାର୍ଯ୍ୟ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

NIMAPARA AUTONOMOUS COLLEGE

ADMISSION TO POST GRADUATE COURSE IN GEOLOGY, COMMERCE AND ODIA

Notice No.68 Date: 29.06.2019

Online applications are invited from the candidates for admission to Post Graduate course in Geology, Commerce & Odia for the session 2019.

The details of forms prospects are available in the college website www.nimaparacollege.org.in. The last date for submission of forms is 15.07.2019. Applicant can collect the form from the college office by depositing of Rs.500/- in the college counter during office hour.

LECTURER WANTED IN GEOLOGY & MATHEMATICS.

Candidate having 56% mark and above mark in PG Level may attend walk in interview on 08.07.2019 in the office of the undersigned at 11.00 A.M.

Sd./- PRINCIPAL

SALE

DAMAGED STRUCTURAL MATERIALS, STOCK OF VARIOUS NATURE AVAILABLE FOR SALE AT BHUBANESWAR /CUTTACK. OFFER INVITED WITH 10% EMD IN SEALED COVER TO BE SENT WITHIN 7 DAYS TO

SNM CONSULTANTS
1/1A, VANSITTART ROW
B.B.D.BAG
KOLKATA – 700001
MOB: 9830871642

SIHM

JOINTLY DEVELOPED BY
GOVT. OF INDIA & GOVT. OF ODISHA

NCHMCT

STATE INSTITUTE OF HOTEL MANAGEMENT, BALANGIR

Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

COURSES	DURATION	QUALIFICATION	AGE LIMIT
1. B.Sc In Hospitality & Hotel Administration	03 Years	10+2 pass or equivalent with English as one of the subjects (Minimum 50% marks)	25 Years as on 1st July 2019 for General/ OBC candidates & 28 Years for SC/ST candidates
2. Diploma In Front Office Operation	1½ Year	10+2 pass or equivalent	
3. Diploma In Food & Beverage Service	1½ Year	10+2 pass or equivalent	
4. Diploma In Food Production	1½ Year	10+2 pass or equivalent	
5. Diploma In Housekeeping Operation	1½ Year	10+2 pass or equivalent	
6. Craftsmanship Certificate Course In Food & Beverage Service	06 Months	10th pass	
7. Craftsmanship Certificate Course In Food Production	1½ Year	10th pass	

ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ବିଷ୍ଠା ଖୁଆଇବା ଘଟଣା

ଉଭୟ ପକ୍ଷରୁ ୭ ଜେଲ୍ ଗଲେ

ପୁରୁଷୋତ୍ତମପୁର,୧୭(ଡି.ଏନ୍.ଏ.)

■ **ଲାଗି ରହିଛି ଚାପା ଉତ୍ତେଜନା**

■ **ଗାଁରେ ପୋଲିସ ପଇଁତରା**

ପୁରୁଷୋତ୍ତମପୁର ଥାନା ରାଣୀଗାଁରେ ରବିବାର ଗୁଣି ଗାରେଡି ସନ୍ଦେହରେ କେତେଜଣ ବ୍ୟକ୍ତି ଏକ ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ଜଣାପଡିବା ପରେ ଚାପା ଉତ୍ତେଜନା ଲାଗି ରହିଛି। ଗାଁରେ ପୋଲିସ ପଇଁତରା ମାରିବା ସହ ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ଉକ୍ତ ଘଟଣାକୁ ନେଇ ଦମ୍ପତିଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିବା ବେଳେ ସାହି ବାସିନ୍ଦାଙ୍କ ପକ୍ଷରୁ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ୨ ମାମଲା ରୁଜୁ ହୋଇଛି । ଉଭୟ ପକ୍ଷରୁ ୭ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

ତାଙ୍କ ଗ୍ରାମର ୧୦ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ବଳପୂର୍ବକ ଘରେ ପଶି ତାଙ୍କୁ ଓ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ନିର୍ଯାତନାର ଶିକାର ହୋଇଥିବା ଦମ୍ପତିଙ୍କ ପୁଅ ଅରୁଣ ଦାସ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ରୁଜୁ ହୋଇଥିବା ମାମଲା (ନଂ.୧୪୯/୧୯)ରେ ନୀଳା ଦାସ, କଂଗ୍ରେସ ଦାସ, ପପୁନ ଦାସ, ଉପେନ୍ଦ୍ର ଦାସ, ବଳରାମ ଦାସଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ଜଣେ ଫେରାର ଅଛନ୍ତି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସ୍ୱାମୀ, ଦାଦା ଶ୍ୱଶୁର ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା କଂଗ୍ରେସ ଦାସଙ୍କ ସ୍ତ୍ରୀ ମାମିଙ୍କ ପାଲଟା ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା(ନଂ.୧୫୦/୧୯) ରୁଜୁ କରିଛି। ଉକ୍ତ ମାମଲାରେ ଅରୁଣ ଓ ତାଙ୍କ ବାପା ତଥା ନିର୍ଯାତିତ ବଂଶୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ବଂଶୀଙ୍କ ସ୍ତ୍ରୀ, ଝିଅ ଓ ଭଉଣୀଙ୍କୁ ସିଆରପିସିର ଧାରା ୪୧ ଅନୁଯାୟୀ ନୋଟିସ ଦେଇ ଥାନାରୁ ଛାଡି ଦିଆଯାଇଥିବା ମାମଲାର ତଦନ୍ତ କରୁଥିବା ଏଏସ୍‌ଆଇ ପଦ୍ମନାଭ ଗୌଡ କହିଛନ୍ତି।

ଜନ୍ମଦିନ ଶୁଭେଚ୍ଛା

Happy Birthday to
"PUTY"

ଆଜି ୯ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

Best Wishes From:
Papin, Mama, Unguda, Oh My God, Jeja, Maa, Chini & Swain Family

ଧ–୧୩୨୧୬

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ମେଘନାଦ ବରାଳ
ବାଟଗାଁ, କାମାକ୍ଷାନଗର
ଆବିର୍ଭାବ: ୦୧।୦୯।୧୯୫୭
ତିରୋଧାନ: ୨୨।୦୬।୨୦୧୯
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।

ଧ–୬୬୮୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁ ଲକ୍ଷ୍ମୀ ସାଇଁ
ଆବିର୍ଭାବ - ୨୧.୦୪.୧୯୨୦
ତିରୋଧାନ- ୨୩.୦୬.୨୦୧୯
ତିନିଘରିଆ, କଟକ-୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ- ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ ।

ଧ–୬୬୫୯୨

■ ଆୟ ବହିର୍ଭୂତ ସମ୍ପତ୍ତି ଜବତ ଘଟଣା

ଜେଲ ଗଲେ ପୌର ନିର୍ବାହୀ ଅଧିକାରୀ

ଫୁଲବାଣୀ ଅଫିସ/ବ୍ରହ୍ମପୁର ଅଫିସ, ୧୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଘଟଣାରେ ଛନ୍ଦି ହୋଇ ପଡିଥିବା ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଧାମୋହନ ବେହେରାଙ୍କୁ ସୋମବାର ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗ ହାଜତକୁ ୧୪ଦିନ ପାଇଁ ପଠାଇଦିଆଯାଇଛି। ରବିବାର ଭିଜିଲାନ୍ସ ବିଭାଗ ବେହେରାଙ୍କୁ ଗିରଫ କରିଥିଲା। ବିଚାରପତି ଭଗବାନ ପ୍ରଧାନ ବେହେରାଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି।

ପୌର ନିର୍ବାହୀ ଅଧିକାରୀ ବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସର୍ଚ୍ଚ ୱାରେଣ୍ଟ ଅଣାଯାଇ ଗତ ୨୮ ତାରିଖରେ ବେହେରାଙ୍କ ଅଫିସ ଚାମ୍ବର, ସରକାରୀ ବାସଭବନ, ତାଙ୍କ ଅଫିସିର ଜଣେ ସହକର୍ମୀଙ୍କ ଘର, ବ୍ରହ୍ମପୁରସ୍ଥିତ ବାସଭବନ ଓ ଜରଡାସ୍ଥିତ ଶ୍ୱଶୁରଙ୍କ ବାସଭବନ ଉପରେ ଏକ ସଙ୍ଗେ ଚଢାଉ କରାଯାଇଥିଲା। ଚଢାଉ ବେଳେ ବେହେରାଙ୍କର ୧ କୋଟି ୩୨ ଲକ୍ଷ ୮ ହଜାର ୨୫୫ ଟଙ୍କାର ସମ୍ପତ୍ତି ଥିବା ଆକଳନ କରାଯାଇଥିଲା। ବେହେରାଙ୍କ ଚାକିରି କାଳ ମଧ୍ୟରେ ହୋଇଥିବା ଆୟ ଓ ବ୍ୟୟର ହିସାବ କରିବାରେ ସେ ମାତ୍ର ୧୧ ଲକ୍ଷ ୭୭ ହଜାର ୩୧୦ ଟଙ୍କା ସଞ୍ଚୟ କରିଥିଲେ। ବାକି ୧ କୋଟି ୨୦ ଲକ୍ଷ ୩୦ ହଜାର ୯୪୫ ଟଙ୍କାର ହିସାବ ସେ ଦେଇ ପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଥିଲା। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୧୫/୧୯ ମାମଲା ରୁଜୁ ହୋଇଛି।

CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ଏପରି ଜୋଶ୍ ଭରା ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସୌଖୀନ ବ୍ୟକ୍ତି ଥରେ ନିଶ୍ଚୟ ଆପଣାନ୍ତୁ
କେବଳ ପ୍ରଭାବ
୧ କ୍ୟାପ୍ସୁଲ ସକାଳେ ଓ ୧ କ୍ୟାପ୍ସୁଲ ରାତିରେ ସେବନ କରନ୍ତୁ
ପ୍ଲେ-ୱିନ୍® କ୍ୟାପ୍ସୁଲ
Play Win
ଏକ୍ସଟ୍ରା ଟାଇମିଂ ପାଇଁ
ଗୁପ୍ତରୋଗ ଏବଂ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ସମସ୍ୟା, ନପୁଂସକତା ଭଳି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦାକୁ ଦୁର୍ବଳ ଇନ୍ଦ୍ରିୟରେ ମାଲିସ୍ କରିବା ପାଇଁ ବ୍ୟବହାର କରନ୍ତୁ ଏବଂ ଉପରୋକ୍ତ ସମସ୍ତ ସମସ୍ୟାରୁ ମୁକ୍ତି ପାଇ ବୈବାହିକ ଜୀବନର ଭରପୂର ଆନନ୍ଦ ନିଅନ୍ତୁ।
ତେଲ
କ୍ୟାପ୍ସୁଲ
A Quality Product by Rajnish Wellness Limited
ଜୋଶ୍, ଶକ୍ତି ଓ ଏକ୍ସଟ୍ରା ଟାଇମିଂ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋରରେ ଉପଲବ୍ଧ
www.playwincapsule.com
SS : Mahendra Pharma / ODD
Trade Enquiry : 8291288119 / 8657520093

ସାଙ୍ଗ ନ ହେଲେ ଶତ୍ରୁ

ଉତ୍ତର କୋରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୩୦ ଜୁନ୍, ୨୦୧୯ରେ ପାଦ ଦେବା ପରେ ସମଗ୍ର ବିଶ୍ୱରେ ଚହଳ ପଡ଼ିଯାଇଛି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ପ୍ୟୋଙ୍ଗୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିବାରେ ଟ୍ରମ୍ପ୍ ହେଉଛନ୍ତି ଦାୟିତ୍ୱରେ ଥିବା ପ୍ରଥମ ଆମେରିକା ରାଷ୍ଟ୍ରପତି। ଉଲ୍ଲେଖଯୋଗ୍ୟ ଯେ, ଡିଏମ୍‌ଜେଡ୍ ହେଉଛି କୋରିଆ ଉପଦ୍ୱୀପକୁ ଦୁଇ ଭାଗରେ ବିଭକ୍ତ କରୁଥିବା ସୀମା, ଯାହା ଅସ୍ତ୍ରବିରତି ଅଞ୍ଚଳ ଭାବେ ଜଣାଶୁଣା। ସିଓଲରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ଭେଟଘାଟ ପରେ ଟ୍ରମ୍ପ୍ ଯେତେବେଳେ ଉତ୍ତର କୋରିଆରେ ପାଦ ଥାପି କିମ୍‌ଙ୍କ ସହ କରମର୍ଦ୍ଦନ କଲେ, ଏହା ବିଶ୍ୱ କୂଟନୈତିକ ଦୁନିଆକୁ ଦୋହଲାଇ ଦେଇଛି। ୧୯୫୦ରେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇ ୧୯୫୩ରେ ଶେଷ ହୋଇଥିଲା। ଆର୍ମିଷ୍ଟାଇସ୍ ବଳରେ କୋରିଆ ଯୁଦ୍ଧର ଅବସାନ ଘଟିବା ପରଠାରୁ ଉତ୍ତର କୋରିଆ ଓ ଆମେରିକାର କୌଣସି ନେତା ଡିଏମ୍‌ଜେଡ୍‌ରେ ଏକାଠି ହୋଇ ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୭ରେ ଉତ୍ତର କୋରିଆ ବାରମ୍ବାର ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ପରେ ୱାଶିଂଟନ ସହ ପ୍ୟୋଙ୍ଗୟାଙ୍ଗ୍‌ର ତିକ୍ତତା ବୃଦ୍ଧି ପାଇଥିଲା। ହେଲେ ୨୦୧୮ ଜୁନ୍‌ରେ ଦୁଇ ନେତା ସିଙ୍ଗାପୁରରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଅନୁରୂପ ଭାବେ ଫେବୃୟାରୀ ୨୦୧୯ରେ ଭିଏତ୍‌ନାମ ରାଜଧାନୀ ହାନୋଇଠାରେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ୍ ହୋଇଥିଲା। ଏହା ସତ୍ତ୍ୱେ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇପାରି ନାହିଁ। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ୍ ଯେଉଁଭଳି ଭାବେ ନିଜ ଆଡ଼ୁ ସମ୍ପର୍କ ବୃଦ୍ଧି ସକାଶେ ସୂତ୍ରପାତ କଲେ, ତାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଦିଗରେ ନୂଆ ଦିଗ ଉନ୍ମୋଚନର ସମ୍ଭାବନା ସୃଷ୍ଟି କରିଛି।

ଏକଜିଦିଆ ଓ ଆକ୍ରମଣାତ୍ମକ ଚରିତ୍ରର ବ୍ୟକ୍ତିଦ୍ୱୟ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ୍ ଓ କିମ୍ ଜଙ୍ଗ୍ ଉନ୍। ସେମାନଙ୍କ କାର୍ଯ୍ୟକଳାପକୁ ନିଜ ଦେଶ ସମେତ ବିଶ୍ୱସ୍ତରରେ ନିନ୍ଦା କରାଯାଇଆସୁଛି। ଅନ୍ତର୍ଜାତୀୟ ସ୍ତରରେ ଟ୍ରମ୍ପ୍‌ଙ୍କୁ ଯେତେ ନାପସନ୍ଦ କରାଯାଉଥିଲେ ମଧ୍ୟ କିମ୍‌ଙ୍କୁ ଭେଟି ସେ ଶାନ୍ତିର ଯେଉଁ ବୀଜବପନ କଲେ, ତାହା ଅନ୍ୟ ବିବାଦଗ୍ରସ୍ତ ରାଷ୍ଟ୍ର ପ୍ରତି ନୂଆ ସନ୍ଦେଶ ଦେବ ବୋଲି କୁହାଯାଇପାରିବ। ପ୍ରତ୍ୟେକେ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିଲେ ବୃହତ୍ ଓ ସାମୂହିକ ମଙ୍ଗଳ ପାଇଁ ପଥ ଉନ୍ମୁକ୍ତ ହୋଇଯିବା ସ୍ୱାଭାବିକ।

ଏଭଳି ପ୍ରଚ୍ଛଦପଟରେ ଭାରତର କୂଟନୈତିକ ଯାତ୍ରା ଉପରେ ଦୃଷ୍ଟି ଦିଆଯାଇପାରେ। ନୂଆଦିଲ୍ଲୀ ଏବେ ବି ୧୯୫୦ ଦଶକର କୂଟନୀତି ଆପଣାଇ ଅନ୍ୟ ଉପରେ ବିଜୟ ଲାଭ କରିବାକୁ ପ୍ରୟାସ ଚଳାଇଲା ଭଳି ମନେହେଉଛି। କିନ୍ତୁ ବାସ୍ତବତା ହେଉଛି, ଭାରତର ଅର୍ଥନୈତିକ ପରିସ୍ଥିତିକୁ ଦେଖିଲେ ତାହା ଯୁଦ୍ଧ ସକାଶେ ପ୍ରସ୍ତୁତ ଥିବା ଭଳି ମନେହେଉ ନାହିଁ। ଆଧୁନିକ ଯୁଗରେ ଯୁଦ୍ଧ କେବେହେଲେ ସ୍ୱଳ୍ପ ସମୟରେ ମୀମାଂସିତ ହେବ ନାହିଁ। ଭାରତର ସବୁଠାରୁ ବଡ଼ କୂଟନୈତିକ ବିଫଳତା ତା'ର ପଡ଼ୋଶୀ ଦେଶମାନଙ୍କ ସହିତ ଅପଡ଼ ହେବାରେ ପରିଲକ୍ଷିତ ହେଉଛି। ଏବେ ମଧ୍ୟ ନୂଆଦିଲ୍ଲୀର କୂଟନୀତି-ଆମ ସହ ବନ୍ଧୁତ୍ୱ ସ୍ଥାପନ କର, ନ ହେଲେ ତୁମେ ଶତ୍ରୁ-ରେ ଅଟକିଯାଇଛି। ଫଳରେ ଭାରତ କଳା ଧଳା ସ୍ତରରେ ରହିଯାଉଛି। ପଡ଼ୋଶୀ ଦେଶ ସହ ଉତ୍ତମ ସମ୍ପର୍କ ରହିପାରୁ ନ ଥିବାରୁ ସବୁ ସୀମାରୁ ବିପଦ ଲାଗି ରହିଛି। ସୀମାନ୍ତରେ ପ୍ରତିଦିନ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟୁଥିବା ବେଳେ ଜମ୍ମୁ ଓ କଶ୍ମୀରଠାରୁ ଅରୁଣାଚଳ ପ୍ରଦେଶ ଯାଏ ଥିବା ଭାରତୀୟ ଭୂଖଣ୍ଡର କିଛି କିଛି ଅଞ୍ଚଳକୁ ଚାଇନା ପ୍ରାୟ ମାଡ଼ି ଚାଲିଛି। ସେଥିପାଇଁ ଆମ ଦେଶର କୂଟନୀତିକୁ ପୁନର୍ବିଚାର କରାଯିବା ଆବଶ୍ୟକ।

ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ଦେଖାଯିବ ଏହିନାଗେ
ଧନୀ ସାଉ ଦୋକାନରୁ
ସେଥିଲାଗି ଫୁସୁଲାଏ
ନାହିଁ ତାର ଭାବନା ତ
ଚକେ ଗଲେ ବାରହାତ।
ଦି'ଅଣା ହୋଇଛି ବାକି
ଦେବା ପାଇଁ ମିଛ ସାକ୍ଷୀ।
(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

୨୫ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୯୪

- ମରିଟାନିଆ ଏୟାର ୱେଜର ଏକ ଫେବର-୨୮ ବିମାନ ଆଜି ତିଜ୍‌କମା ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଯାତ୍ରୀ ମୃତ।
- ବାଣିଜ୍ୟ ସଂକ୍ରାନ୍ତ ବିବାଦର ସମାଧାନ ପାଇଁ ଭାରତ ଉଦ୍ୟମଶୀଳ ଥିବା ଦୃଷ୍ଟିରୁ ଆମେରିକା ସରକାର ନୂଆଦିଲ୍ଲୀ ବିରୋଧରେ ସ୍ୱତନ୍ତ୍ର-୩୦୧ ଆଇନ ବଳରେ ବାଣିଜ୍ୟ କଟକଣାକୁ ଏକବର୍ଷ ପାଇଁ ସ୍ଥଗିତ କରିଛି।
- ଡ୍ରଗ୍‌ସ ସେବନ ଅଭିଯୋଗରେ ଆର୍ଜେଣ୍ଟିନା ଫୁଟବଲ ଦଳ କ୍ୟାପଟେନ ଡିଏଗୋ ମାରାଡୋନା ଚଳିତ ବିଶ୍ୱକପର ଅବଶିଷ୍ଟ ମ୍ୟାଚରୁ ବାଦ ପଡିଛନ୍ତି।

su | do | ku ସୁ-ଡୋ-କୁ

A	B	1					3		5	6	2			4
	E	3	6				7			8		9		
7					8	9	5							
2					3			8			E		7	A
0	D		A			4	6							
	C	D		2					0	5				1
					6			C	4					
4	A				E	3				2			C	B
3	2				1		D		C					
	6			D	0	A		5					E	
			E		C	D	A						4	
E		B	8	3		C	9	6						
	0		1	9			2	4	7		C		A	E
					4	8				D				3
				A	2					9				

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

C	2	7	6	5	D	E	B	0	1	3	4	8	9	A
E	A	8	7	9	1	3	5	4	0	2	D	B	C	6
6	3	B	8	0	C	D	7	A	5	9	E	1	2	4
4	1	5	3	E	2	8	6	9	A	B	C	D	0	7
0	9	D	B	A	4	1	2	C	8	7	6	3	E	5
B	4	0	E	3	6	C	9	1	7	A	5	2	D	8
1	7	E	5	8	9	0	D	2	C	4	B	A	6	3
8	6	3	D	7	0	A	4	B	2	1	9	C	5	E
5	C	A	2	1	B	7	E	8	6	D	3	0	4	9
2	D	9	4	C	A	5	3	6	E	8	0	7	1	B
A	0	2	9	B	5	4	C	3	D	6	7	E	8	1
D	B	1	0	6	7	2	A	5	9	E	8	4	3	C
9	8	6	1	D	3	B	0	E	4	C	A	5	7	2
7	E	C	A	4	8	6	1	D	3	5	2	9	B	0
3	5	4	C	2	E	9	8	7	B	0	1	6	A	D

ଗତକାଲିର ଉତ୍ତର

ନିଖିଳର କବି କାଳିନ୍ଦୀଚରଣ

ଡ. ହୃଷୀକେଶ ମଲ୍ଲିକ

ଗତ ଶତାବ୍ଦୀର ଓଡ଼ିଆ ଗଦ୍ୟ ଓ କବିତାରେ କାଳିନ୍ଦୀଚରଣ ହେଉଛନ୍ତି ଏକ ସଶକ୍ତ ଉଚ୍ଚାରଣ। ୧୯୨୦ ମସିହା ପରେ, ଅର୍ଥାତ୍ ସତ୍ୟବାଦୀ ଯୁଗର ଜାତୀୟତାବାଦୀ ସୋପାନଟି ଅତିକ୍ରମ କଲାପରେ ଓଡ଼ିଆ କବିତାରେ ଯେଉଁ ନୂଆ ଯୁଗଟି ଆସେ, ସେହି ଯୁଗର ଅନ୍ୟତମ ପ୍ରମୁଖ ବିଧାଣି ସେ। 'ମାଟିର ମଣିଷ' ଉପନ୍ୟାସ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ସେ ଯେପରି ଏକ ଦିଗବାରେଣୀ, 'ମନେ ନାହିଁ', 'କ୍ଷଣିକ ସତ୍ୟ' ଓ 'ମହାଦୀପ' ଭଳି କବିତାଗ୍ରନ୍ଥ ରଚନା କରି ଓଡ଼ିଆ କବିତାରେ ସେହିପରି ଭିନ୍ନ ଏକ ବୁନିଆଦିର ନିର୍ମାତା। ତାଙ୍କ ତାରୁଣ୍ୟ ଭାରତୀୟ ରାଜନୀତିର ଏପରି ସମୟଖଣ୍ଡରେ ଉଦ୍ଦୀପିତ, ଯେତେବେଳେ କି 'କଂଗ୍ରେସ'ରେ ପ୍ରବେଶ କରୁଛି 'ସମାଜବାଦ'। ଏହି ସମୟକୁ ପୁଣି ଓଡ଼ିଶାରେ ଅଭ୍ୟୁଦୟ ଘଟୁଛି କମ୍ୟୁନିଷ୍ଟ ଚିନ୍ତନର। ରାଜାରାଜୁଡ଼ାଙ୍କ ଏକଚ୍ଛତ୍ର ସ୍ଥିତି ବିପକ୍ଷରେ ଦାନା ବାନ୍ଧୁଛି ମେହନତି ମଣିଷର ପ୍ରତିବାଦୀ ସ୍ୱର। ଯଦିଓ କାଳିନ୍ଦୀଙ୍କ ପ୍ରାଥମିକ କବିତା ଥିଲା 'ସ୍ୱପ୍ନ' ଓ 'ଯୌବନ'ର ନିରାଜନା; କିନ୍ତୁ ତା'ର ସମାନ୍ତରାଳରେ ଉଧାଉଥିଲା ଓଡ଼ିଆ କବିତାରେ ଏକ ସାମ୍ୟବାଦୀ ଚେତନାର ଅଭୀକତା। ଈଶ୍ୱର ନୁହେଁ, ଈଶ୍ୱରଙ୍କଠୁଁ ନିରାଶ ହୋଇ ମୁହଁ ଫେରାଉଥିବା ନିରାଶ୍ରୟୀ ମଣିଷର ଅଭିଷେକ ଓଡ଼ିଆ କବିତାରେ ରଚିଥିଲା ମାନବବାଦର ଏକ ନୂଆ ଯୁଗ। ଏପରି ଏକ ସନ୍ଧିକ୍ଷଣରେ କାଳିନ୍ଦୀ ଓଡ଼ିଆ କବିତାରେ ଆବିର୍ଭୂତ ହୋଇ, ଓଡ଼ିଆ କବିତାର ଯେଉଁ ବିନୀତ ଓ କାନ୍ଦୁରା ଯୁଗଟିକୁ ବାଟ ବଢ଼େଇ ଆଣିଥିଲେ ସତ୍ୟବାଦୀର ସାହିତ୍ୟସାଧକମାନେ, ତାକୁ ପ୍ରଦାନ କରିଥିଲେ ପ୍ରତିବଦ୍ଧତାର ନିଶଙ୍କ ବଜ୍ର-କବଚ।

କାଳିନ୍ଦୀ ଐତିହ୍ୟ ସୂତ୍ରରୁ ପାଇଥିଲେ ଓଡ଼ିଆ କାବ୍ୟଭାଷାର ଯେଉଁ ଖାନ୍‌ଦାନି, ତାକୁ ଆଧାର କରି ଗଢ଼ିଥିଲେ ନିଜସ୍ୱ ଏକ କାବ୍ୟଧାରା, ଯହିଁରେ 'ମଣିଷ' ଥିଲା କେନ୍ଦ୍ରରେ। ଅଙ୍ଗେନିଭା ଅନୁଭୂତିକୁ ସେ ଦେଇଥିଲେ କାବ୍ୟଭାଷାର ଗୌରବ। 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରି ଦେଲିରେ ଶିମୁଳିପାଳ' କବିଙ୍କର ଦୁଇ ଅମର କାବ୍ୟକୃତି। ଏଥିରେ ଅଛି 'ଆଦର୍ଶ' ଓ 'ଜୀବନର ତାଜାପଣ'। ଦେହକୁ କଷ୍ମିନ୍‌କାଳେ ଅସ୍ୱୀକାର ନ କରି ମଧ୍ୟ ଜୀବନକୁ ଛୁଇଁଛନ୍ତି ମହାକାଶୀ ଉଚ୍ଚତାରେ। 'ଯୌବନ' ତାଙ୍କ କବିତାର ଯଦିଓ ପାଦପ୍ରଦୀପ, କିନ୍ତୁ ସେହି ପ୍ରଦୀପରେ ଆଲୋକିତ ନିଖିଳବିଶ୍ୱର ସାମଗ୍ରିକତା। ମଣିଷ ଆଖିର ଏପରି ବୁନ୍ଦାଏ ଲୁହ ନାହିଁ, ଯାହା ତାଙ୍କ କବିତାର ଶବ୍ଦ ଦେଇ ଝରିଯାଇନାହିଁ। ଦୀନଦୁଃଖୀର ଏପରି ଟୋପାଏ ସ୍ୱେଦ ନାହିଁ, ଯାହା ତାଙ୍କ କବିତାର ଅତି ସୁକୁମାର ଶବ୍ଦଙ୍କୁ ବି ଝାଳେଇ ଦେଇନାହିଁ। ତାଙ୍କର ପ୍ରତ୍ୟେକଟି ପରିଣତ କବିତାରେ ରାତିଶେଷର ଦୂର ଆଡ଼ବଂଶୀ ପରି ଶୁଭିଛି ଖଟିଖିଆର ନିରୁପାୟ ଦୀର୍ଘଶ୍ୱାସ। ଗାଁ ମହାଜନର ଅତ୍ୟାଚାରରେ ନିପୀଡ଼ିତ ସର୍ବହରାର

ଜୟନ୍ତୀ ଉପଲକ୍ଷେ

ଦୁର୍ଦ୍ଦଶାକୁ ରୂପ ଦେବାକୁ ଯାଇ କାଳିନ୍ଦୀ ତାଙ୍କର 'ଚାଷୀର ଭାଗ୍ୟ' (ମହାଦୀପ) କବିତାରେ ଲେଖିଛନ୍ତି:

''କିଣିଥିଲା ଛଡ଼ାଟିଏ, ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା, ତାଗିଦା କରିଛି ସୁଧ!
ଜମିଦାରି ପିଆଦାକୁ, ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା, ସତାରିବ ମାସେ ଖାଲି।''

ରାଜନୀତିରେ ଭୋଟ୍ ବେଳ ଆସିଲେ ଗାଁ ଗାଁରେ କେତେ ସଭା ହୁଏ, କେତେ ମିଠା ମିଠା ବୋଧନା ଦିଆଯାଏ; ଅଥଚ ଭୋଟ୍ ସରିଲେ କାଣିଆ କିଏ ନା କପିଳା କିଏ? ଗରିବର ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ। ରାଜନୀତିର ଏଇ ଚିରାଚରିତ ପ୍ରବଞ୍ଚନାକୁ କାଳିନ୍ଦୀ ରୂପ ଦିଅନ୍ତି ଏହିପରି ତାଙ୍କ କବିତାରେ-''ଆପଣା ବରାଦ ଆପେ, କରିବାକୁ ହେବ ଆଜି/ଗଲାଣି ସେ ବେଳକାଳ, କରିବାକୁ ହାଁ ଜୀ ହାଁ ଜୀ!/କରିବାକୁ ହେବ ରଡ଼ି, ନାହିଁ ନାହିଁ ନାହିଁ ଯାହା/କରାମତି ଦେଖାଇବ, କେଡ଼େ ଘାସକଟା ଦାଆ!'' (ଚାଷୀର ଭାଗ୍ୟ, ମହାଦୀପ)। ପ୍ରବଞ୍ଚକଙ୍କ ବିରୋଧରେ ଉତ୍ତୋଳିତ ହୋଇଥିଲା କି ଆଗରୁ ଚାଷୀର ଏ ତୃଷାର୍ତ୍ତ ଘାସକଟା ଦାଆ କାଳିନ୍ଦୀଙ୍କ ପୂର୍ବରୁ, ଏତେ ଅ'ଣ ଉପ୍ରୋଧ?

'ଚାଳଘର', 'ବ୍ୟଥାର ସାଧନ' ଓ 'ଯାଦୁଘର' ଭଳି କବିତା ରଚନା କରି କାଳିନ୍ଦୀ ଓଡ଼ିଆ କବିତାରେ ସାଧାରଣ ଜନତାର ସ୍ୱରକୁ ଏପରି ଶାଣିତ କରିଯାଇଛନ୍ତି ଯେ, ତାହା ଆଜି ସୁଦୂର ଅନ୍ତରୀକ୍ଷରେ ବି ପ୍ରତିଧ୍ୱନିତ ହେଉଛି ରହି ରହି। ସମକାଳର 'କଟକ'ର ରାଜନୈତିକ ବିରୂପତାକୁ କାଳିନ୍ଦୀ ଯେପରି ପ୍ରତ୍ୟକ୍ଷ କରି ଆଙ୍କିଛନ୍ତି ତାଙ୍କ କବିତାରେ, ତା'ର ବିକଳ୍ପ ଖୋଜିଲେ ତାଙ୍କ ସମଧର୍ମା ସହକବିଙ୍କ କବିତାରେ କ୍ୱଚିତ୍ ମିଳେ। ଯଥା: ''ସୁବିଧାବାଦର ଫିଟାଇ ନୂତନ ରାହା/କାମଠାରୁ ବଡ଼ ହୋଇଅଛି କରତାଳି/ସବୁଠାରୁ ବଳି ଖବରକାଗଜ-ମାୟା/କଟକେ କେବଳ ରାଜନୀତି ଆଜିକାଲି।'' (କଟକ-ରାଜନୀତି)। ୧୯୪୦ରେ ଲେଖୁଛନ୍ତି କବି ତାଙ୍କର ଏ କବିତା, ଯେତେବେଳେ ସେ ନିଜେ ବି ଊଣା ଅଧିକେ ରାଜାଶ୍ରିତ ବା ଶାସନର ଅଂଶୀଦାର, ବେତନଭୁକ୍।

ଦଳିତ, ଲାଞ୍ଛିତ ଓ ସର୍ବହରାଙ୍କୁ ନେଇ ଓଡ଼ିଆରେ ୧୯୪୦ ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ଅନେକ କବିତା ଲେଖାଯାଇଛି, କିନ୍ତୁ ଖୁବ୍ କମ୍ କବି ତାଙ୍କ କବିତାରେ ଗୋଟିପଣେ ଦଳିତ, ଲାଞ୍ଛିତ ଓ ସର୍ବହରାର ହାହାକାର ଭିତରେ ନିଜକୁ ମିଳାଇ ଦେଇଛନ୍ତି, ଯେପରି କରିଛନ୍ତି କାଳିନ୍ଦୀଚରଣ। ଖୁବ୍ କମ୍ କବିତାରୁ ଶୁଭୁଛି 'ବ୍ୟକ୍ତିସତ୍ତା'ର 'ସମଗ୍ର'ରେ ବିସର୍ଜନର ଏ ଅଶ୍ରୁଧ୍ୱନି- ''ଦଳିତ ପୀଡ଼ିତ ମୋ' ତହୁଁ ଅଧିକ କିଏ?/ମୋ ତହୁଁ ଉଷ୍ଣ ନିଃଶ୍ୱାସ ଢାଳିଦିଏ/ ବୁହାଏ ମୋ' ତହୁଁ ଅଧିକ କିଏ ବା ଝାଳ/ ରୁଧିର କାହାର ମୋ' ତହୁଁ ତୀବ୍ର ଲାଲ?/ମଣିଷ ପାଖରେ ବନ୍ଧୁତା କଲେ ଯାଇ/ ସେହି ଛୁରି ଲୋଡ଼ା ନିଜକୁ ରଖିବା ପାଇଁ। ('ମୋ ବାଣୀ', 'ଛୁରିଟିଏ ଲୋଡ଼ା')। ୧୯୩୯ରେ କାଳିନ୍ଦୀ ଲେଖୁଛନ୍ତି ଏ କବିତା, ଯେତେବେଳେ ସାରା ଦେଶ ମାତିଛି ଏକ ବିବର୍ତ୍ତନର ସନ୍ଧାନରେ। ଲକ୍ଷ୍ୟ କରିବାର କଥା ଯେ, କାଳିନ୍ଦୀଙ୍କ କବିତାରେ 'ଛୁରି' ଏଠି 'ଲୁହା'ର ଶାଣଦିଆ ଛୁରି ନୁହେଁ, ଏ 'ଛୁରି' ବନ୍ଧୁତାର, ସମନ୍ୱୟର ଓ ପରକୁ ଆପଣେଇ ନେବାର ଉତ୍ସବମୟତା। ଦେବତାର ଦୁଆରେ ଦରିଦ୍ରର ଡାକବାଜି ଫେରି ଆସୁଛି, ଅଥଚ କବି କହୁଛନ୍ତି, ଏ ପ୍ରତ୍ୟାଖ୍ୟାନରେ ଦେବତାର ଟେକ ରଖିବାକୁ କାଟିଦେବାକୁ ହେବ ନିଜର ବେକ।

କାଳିନ୍ଦୀଙ୍କ କବିତାରେ ଆଉ ଏକ ଲକ୍ଷ୍ୟ କରିବାର କଥା ଯେ, ସେ ତାଙ୍କ କବିତାରେ 'ଶଳା' ଓ 'ଶାଳୀ' ପରି ଇତରୋଚିତ ଶବ୍ଦର ପ୍ରୟୋଗ କରିଥିଲେ ବି କଦାପି ଏ ଶବ୍ଦସବୁକୁ ପ୍ରତିପକ୍ଷ ବିରୋଧରେ ମର୍ଯ୍ୟାଦାହୀନ ଭାବେ ନିୟୋଜିତ କରିନାହାନ୍ତି। 'କିଏ ଶଳା ସଇତାନ'(୧୯୪୪) ଶୀର୍ଷକ ତାଙ୍କର ଏକ ଚର୍ଚ୍ଚିତ କବିତାର ଏଇ ପଙ୍‌କ୍ତିଟିକୁ ଲକ୍ଷ୍ୟ କରନ୍ତୁ- ''ଜନ୍ମ ଆମର ମଣିଷ କୁଳରେ/ନାହିଁ ଇଜ୍ଜତ ମାନ/ଆମ ଝିଅବୋହୂ ସବୁରି ଶାଳୀ ହେ/ଆମେ ଶଳା ସଇତାନ।'' 'ଶଳା' ଓ 'ଶାଳୀ' ଶବ୍ଦ ଏଠି ନିଜ ପ୍ରତି 'ଆତ୍ମଧିକ୍କାର', ଯଦିଓ କବିତାର ଶେଷ ପର୍ଯ୍ୟାୟରେ ସେ କହନ୍ତି 'ବଳେ ଜଣାଯିବ କିଏ ଶଳା ସଇତାନ' ବୋଲି। ପ୍ରତି ଯୁଗର ପ୍ରତ୍ୟେକ ପ୍ରତିଭାବାନ କବି ସ୍ଥିତ ଭାଷାର ନବନିର୍ମାଣ କରିଥାନ୍ତି। କାଳିନ୍ଦୀ ତାହା ତ କରିଛନ୍ତି, କିନ୍ତୁ ଏଥି ସହିତ ନିଜର ସକଳ ନିଷ୍ଠା ଦେଇ ସେ ଉତ୍କ୍ର ବାଗ୍‌ଦେବୀଙ୍କର ଯେଉଁ ଚାମର ସେବା କରିଯାଇଛନ୍ତି, ତାହା ଓଡ଼ିଆ କବିତାରେ ଅବଶ୍ୟ ଦୁର୍ଲଭ।

ଓଡ଼ିଆ ଭାଷାର ଅପାଠୁଆ, ଅପାଠୋଇଙ୍କ ତୁଣ୍ଡରୁ ଶବ୍ଦ ଛଡ଼େଇଆଣି ନିଜ କବିତାକୁ ଯେପରି ନିଜ କରି ଗଢ଼ିଯାଇଛନ୍ତି କାଳିନ୍ଦୀଚରଣ, ତା'ର ପଟାନ୍ତର କେବଳ ଓଡ଼ିଆ ଭାଷାରେ ନୁହେଁ, ତାଙ୍କ ସମକାଳୀନ ଭାରତର ଅନ୍ୟ କବିତାରେ ମଧ୍ୟ ବିରଳ। କବିଙ୍କର ଆଜି ପବିତ୍ର ଜନ୍ମତିଥି। ଏ ଅବକାଶରେ ମହାର୍ଘ ଏହି କବିଙ୍କର ଗୋଟିଏ କବିତାଂଶ ଉଦ୍ଧାର କରି ତାଙ୍କୁ 'ଧରିତ୍ରୀ' ଓ ସମଗ୍ର ଓଡ଼ିଆ ଜାତିର ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ହିଁ ହେବ ତାଙ୍କ ପ୍ରତି ଓଡ଼ିଆ ଭାଷାର କାମ୍ୟ କୃତଜ୍ଞତା- ''ମୃତ୍ୟୁ ପରେ କି ସୁଖ ଅଛି/କି ଅବା ବିଭୀଷିକା/ କଳ୍ପନାର ରାଇଜେ ବୁଲ କାହିଁ?/ନିଭିଲେ ଥରେ ନ ଜଳେ ଆଉ/ ଜୀବନ-ଦୀପଶିଖା/ଜୀବନ ପରେ ନାହିଁରେ କିଛି ନାହିଁ!'' ('ଅମର ଆଶା', 'ମନେ ନାହିଁ')

ମୋ-୯୮୫୩୨୮୭୭୫୫

ମୁଁ କ'ଣ ସତରେ ବୋକା

ସୁଧାକର ଦାସ

ମତେ ପିଲାଦିନେ ସମସ୍ତେ କହୁଥିଲେ ବୋକା। ଅରୁଆ ଧାନ ଗୋଟେ ବିଲରେ ଆଉ ଉସୁନା ଧାନ ଆଉ ଗୋଟେ ବିଲରେ ଫଳେ ବୋଲି ମୁଁ ବି.ଏ. ପଢିବା ପର୍ଯ୍ୟନ୍ତ ଜାଣିଥିଲି। ଗାଁ ସାର୍‌ଙ୍କ ପାଖରୁ ଟ୍ୟୁଶନ ସାରି ଫେରିବା ବାଟରେ ମୋ ସାଙ୍ଗ ଅଭୟ ଘରକୁ ଯାଇ ତାଙ୍କ ପିଣ୍ଡାରେ ଜଳୁଥିବା ଲଣ୍ଠନ ପାଖରେ ମୋ ଲଣ୍ଠନଟା ରଖିଦେଇ ପଚାରୁଥିଲି ଆରେ ଏତେ ଲଣ୍ଠନ କାହିଁକି ଜଳେଇଛୁ ବଡ଼ବୋଉ?

ମତେ ଅଧିକାଂଶ ଦିନ ଘିଅଭାତ ଖାଇବାକୁ ଭଲ ଲାଗେ। ବୋଉ ବି ଏକଥା ଜାଣେ। ଦିନେ ଦିନେ ଘିଅ ନ ଥିବା ବେଳେ, ବୋଉ ମୋ ଭାତରେ ମରା ନଡିଆ ତେଲ ପକେଇଦେଇ କହେ ଏଇଟା ମଇଁଷି ଘିଅ। ମୁଁ ପରମ ସନ୍ତୋଷରେ ଖାଇଦିଏ। ଏ କଥାଟା ମୁଁ ବଡ଼ ହେଲା ପରେ ଜାଣିଲି।

ମାଟ୍ରିକ ପରୀକ୍ଷା ଦେବାବେଳେ ମୋ ସିଟ୍ ଥିଲା ଠିକ୍ ଡୋର୍ ପାଖାପାଖି। ସ୍କ୍ୱାଡ୍ ଆସିଲା ବୋଲି ହଲ୍ଲା ହେଇଯିବା ପରେ ପଛରେ ବସି କପି କରୁଥିବା ପିଲା ସବୁ କପିଗୁଡା ଡୋର୍ ଆଡକୁ ପକେଇଦେଲେ ଆଉ ମତେ କାଳେ ସ୍କ୍ୱାଡ୍ ବାଲା ଧରିବେ ବୋଲି ମୁଁ ମୋ ସିଟରୁ ଉଠିପଡି ସବୁଗୁଡା କପି ବାରଣ୍ଡା ଆଡକୁ ପାଦରେ ଠେଲୁଥିବା ବେଳେ ସ୍କ୍ୱାଡ୍ ବାଲା ମତେ ଆସି ଧରି ମୋ ଆଡ୍‌ମିଟ କାର୍ଡ ନେଇଗଲେ। ବେଳ ଭଲ ସେମାନେ ମୋ ଖାତା ଚେକ୍ କରି କ'ଣ ବୁଝିଲେ କେଜାଣି ମତେ ମାଲ୍‌ପ୍ରାକ୍ଟିସରେ ବୁକ୍ କଲେନି। ମୁଁ ବଞ୍ଚିଗଲି।

କଲେଜରେ ପଢ଼ିବା ବେଳେ, ଯୋଗମାୟା ମତେ ହିଁ କଣେଇ କଣେଇ ଚାହେଁ ଓ ହସେ ବୋଲି ବିଶ୍ୱାସ ଦେଇ ମୋ ସାଙ୍ଗମାନେ ମୋ'ଠୁ ଆଲୁଦମ୍ ଦହିବରା ଖା'ନ୍ତି ଆଉ ସିଗାରେଟ୍ ଟାଣନ୍ତି। ୟୁ ଆର୍ ଏ ଜୁଏଲ କହି ବର୍ଷ ସାରା ପାଠ ନ ପଢି ମଉଜମସ୍ତିରେ ଟାଇମ୍ ବିତେଇଥିବା ସାଙ୍ଗମାନେ ମୋ ନୋଟ୍‌ବୁକ୍ ନେଇ ଘୋଷି ପକାନ୍ତି କି କପି କରିଦିଅନ୍ତି ଆଉ ରେଜଲ୍ଟ ବାହାରିଲା ବେଳକୁ ମୋ ମାର୍କ ଆଉ ସେମାନଙ୍କର ମାର୍କ ପ୍ରାୟ ପାଖାପାଖି ଥାଏ।

ବହୁତ ଚେଷ୍ଟା, ଅନେକ ପରୀକ୍ଷା ଦେବା ପରେ ଚାକିରିଟେ ନ ମିଳିବାରୁ ମୋ ସାଙ୍ଗର ବଡ଼ଭାଇ, ଯାହାଙ୍କର ଅନେକ ରାଜନୈତିକ ପତିଆରା, ତାଙ୍କ ମାଧ୍ୟମରେ ସରକାରୀ ଚାକିରିଟେ ପାଇବି ବୋଲି ଭରସାରେ ତାଙ୍କ ହାତକୁ ତିନି ଲକ୍ଷ ଟଙ୍କା ଟେକି ଦିଏ, ଯାହା ଆଜି ଯାଏ ଅନାଦେୟ ହେଇ ରହିଯାଇଛି। ମୁଁ ତୁମକୁ ସାରା ଜୀବନ ଅପେକ୍ଷା କରିବି ବୋଲି ବାରମ୍ବାର ମତେ କହିଥିବା ଅର୍ପିତା ତା' ଶେଷ ଚିଠିରେ ମତେ ଲେଖିଥିଲା ମୁଁ ସିନା ଅନ୍ୟତ୍ର ବାହା ହେଇ ଯାଉଛି, ହେଲେ ତୁମ ପରି ହୃଦୟଟେ ମୁଁ ସାରା ସଂସାରରେ ପାଇବିନି। ସାରା ଜୀବନ ତମେ ହିଁ ମୋ' ପ୍ରିୟତମ ହୋଇ ରହିବ, ତୁମକୁ ନେଇ ପ୍ରେମ କରିହୁଏ, ସଂସାର ନୁହେଁ। ବାହାଘର ପରେ ମୁଁ ମୋ ସ୍ତ୍ରୀ ହାତକୁ ଦରମା ଗଣ୍ଡାକ ଟେକି ଦେଉଥିଲି। ଗାଁରେ କେବେ ଭୋଜିଭାତ ପଡିଲେ ପତ୍ନୀ କହୁଥିଲା ତା' ହାତ ପୂରା ଖାଲି। ଅଗତ୍ୟା ଜିପିଏଫ୍‌ରୁ ଟଙ୍କା କାଢୁଥିଲି, ନ ହେଲେ ଧାରକରଜ। ହେଲେ ମୋ ପତ୍ନୀ ବର୍ଷକୁ ବେଶ୍ ପଇସା ସୁନାହୀରା କିଣିବାରେ ଖର୍ଚ୍ଚ କରୁଥିଲା ଆଉ ତା' ବଡ଼ଭିଣୋଇ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହେଇଥିବାରୁ ତାଙ୍କ ପିଲାମାନଙ୍କର ସମସ୍ତ ଖର୍ଚ୍ଚ ଉଠଉଥିଲା।

ମୋ ପିଲାମାନେ ବଡ଼ ହେଉଥିଲେ। ତାଙ୍କ ହାତରେ କେବେ ବହି ଧରିବା ଦେଖେନି। ମୋବାଇଲ ନ ହେଲେ କମ୍ପ୍ୟୁଟର୍। ପଚାରିଲେ କୁହନ୍ତି, ଏବେ ପାଠ ସବୁ ଇଣ୍ଟର୍‌ନେଟ୍‌ରେ। କିଛି ଭିତରି କଥା ପଚାରିଲେ, ପତ୍ନୀ ଗର୍ଜନ କରି ମାଡିଆସେ- ବହିପତ୍ର ନ କିଣି ସେମାନେ କେତେ ପଇସା ତମର ସେଭ୍ କରୁଛନ୍ତି? ତମେ କିଛି ବୁଝିନ ସେ ସବୁ। ପାଠପଢାର ଧାରା ବଦଳିଗଲାଣି। ତମେ ଗଲ, ତମ ଚା' ଥଣ୍ଡା ହେଉଛି।

ମୋ ପତ୍ନୀ ଏବେ ସବୁବେଳେ କୁହେ ତମେ ଏତେ ବୋକା ଲୋକ! ଫଳ, ପନିପରିବା ଯିଏ ଯାହା ଧରେଇଦେଲା, କମ୍ ପଇସାରେ ମିଳୁଛି ବୋଲି ଧରି ଘରକୁ ପଳେଇ ଆସିଲ? ପୁଅଝିଅ କୁହନ୍ତି- ବାପା, ତମେ ସତରେ ବଡ଼ ବୋକା। ପ୍ରତି ମାସରେ ଅନାଥାଶ୍ରମ, ବାଳାଶ୍ରମ, ମନ୍ଦିର ଏସବୁକୁ ପଇସା ପଠେଇବା କ'ଣ ଦରକାର? ସେତିକି ପଇସା ତମେ ସେୟାର୍ ମାର୍କେଟରେ ଲଗଉନ, କେତେ ଲାଭ ମିଳିବ ଦେଖିବ। ମତେ ବୋକା ବୋଲି କହୁଥିବା ଓ ଭାବୁଥିବା ସମସ୍ତଙ୍କୁ ମୁଁ ବେଳେବେଳେ ମନେ ପକାଏ। ମୋ' ବୋଉ, ମୋ କଲେଜ ସାଙ୍ଗ, ଅର୍ପିତା ଦାସ, ମୋ ପତ୍ନୀ ଓ ମୋ ପିଲାମାନେ, ଯୋଉମାନେ ମତେ ନିହାତି ବୋକା ବୋଲି ଆଜି ଯାଏ ଭାବି ଆସିଛନ୍ତି। ମୋ ସରଳପଣରେ ମୁଁ ଯଦି ବୋଉର ସ୍ନେହକୁ ସତ ମାନିନେଲି, ମୋ ନିଛନ୍ଦ ମନରେ ଯଦି ସାଙ୍ଗମାନଙ୍କୁ ବିଶ୍ୱାସ କରିଗଲି, ହତାଶାର ଶିକାର ହୋଇ ଭରସା କରି ଚାକିରି ପାଇଁ ଯଦି ସାଙ୍ଗର ଭାଇ ହାତକୁ ୩ ଲକ୍ଷ ଟଙ୍କା ଟେକିଦେଲି, ଉଚ୍ଛୁଳା ଭାବାବେଗ ଆଉ ପ୍ରଗାଢ଼ ପ୍ରେମରେ ଯଦି ଅର୍ପିତାକୁ ଭଲପାଇଲି, ସାଂସାରିକ ମୋହରେ ମୋ ପତ୍ନୀ ଓ ପିଲାମାନଙ୍କୁ ବିଶ୍ୱାସ କରିଗଲି, ମଲ୍‌କୁ ନ ଯାଇ ରାସ୍ତାକଡ ପରିବାବିକାଳିଠୁ କିଛି ପନିପରିବା କିଣି ଆଣିଲି, ସଂସାରରେ ଅନାଥ ଓ ଅସହାୟଙ୍କ ପାଇଁ ମୋ ନିଜ ଆୟର କିଛି ଅଂଶ ଦାନ କରିଦେଲି ତେବେ ଏହା କ'ଣ ମୋର ସତରେ ବୋକାମି? ଆଉ ପ୍ରତିଥର ଏମାନଙ୍କ ଭାବନା ବିଷୟରେ ଭାବିବାବେଳେ ଉପସଂହାରରେ ଗୋଟିଏ ପ୍ରଶ୍ନ ମୋ ମନକୁ ଆସେ, ମୁଁ କ'ଣ ସତରେ ବୋକା?

ମୋ- ୯୪୩୭୨୭୪୮୫୭

ଏଇ ଭାରତରେ

ଆସାମ ତିନସୁକିଆର ୪୦ବର୍ଷୀୟ ଡି. କ୍ରିଷ୍ଣ କୁମାର ସ୍କୁଟରରେ ମା'ଙ୍କୁ ୧୭ଟି ତୀର୍ଥସ୍ଥଳ ଭ୍ରମଣ କରାଇବାକୁ ବାହାରି ପଡିଛନ୍ତି। ପାଖାପାଖି ୪୦,୩୮୦ କିଲୋମିଟର ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି କ୍ରିଷ୍ଣ କୁମାର। ଏଥିସହ ସେ ନେପାଳ ଓ ଭୁଟାନର କିଛି ତୀର୍ଥସ୍ଥଳ ମଧ୍ୟ ଭ୍ରମଣ କରିବେ। ଏଥିପାଇଁ ତାଙ୍କୁ ଦେଢ଼ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଆଧୁନିକ ଯୁଗର ଏହି ଶ୍ରବଣକୁମାର ତାଙ୍କର ୭୦ ବର୍ଷୀୟା ମା' ଚୁଡ଼ରତ୍ନାଙ୍କୁ ବିଭିନ୍ନ ତୀର୍ଥସ୍ଥାନ ବୁଲାଇବାକୁ ବାହାରିଥିବା ବେଳେ ମା' ତାଙ୍କର ଏଭଳି ପୁଅ ପାଇ ବେଶ୍ ଗର୍ବିତ ବୋଲି କହିଛନ୍ତି। ୨୦୧୮ ଜାନୁୟାରୀ ୧୬ରୁ ଏମାନେ ଯାତ୍ରା ଆରମ୍ଭ କରିଥିବା ବେଳେ ଇତିମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୋଆ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ସିକିମ, ନେପାଳ ଓ ଭୁଟାନ ଭ୍ରମଣ କରିସାରି ଏବେ ଆସାମରେ ପହଞ୍ଚିଛନ୍ତି। ଏହାପରେ ସେ ଅରୁଣାଚଳ ପ୍ରଦେଶର ପର୍ଶୁରାମ କୁଣ୍ଡ ଗସ୍ତ କରିବେ।

ଅମୃତର ନାଭି

ଡ. ଲାବଣ୍ୟଚନ୍ଦ୍ର ସାହୁ

ଗାଈ ବା ଗାଭୀକୁ ବେଦରେ ଅମୃତର ନାଭି କୁହାଯାଇଛି- ''ମାତା ରୁଦ୍ରାଣାଂ ଦୁହିତା ବସୂନାଂ ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ।'' ଅର୍ଥାତ୍ ଗାଈ ହେଉଛି ରୁଦ୍ରଗଣଙ୍କ ମାତା, ବସୁମାନଙ୍କର ପୁତ୍ରୀ, ଆଦିତ୍ୟମାନଙ୍କର ଭଗ୍ନୀ ଏବଂ ଦୁଗ୍ଧ, ଦଧି ଓ ଘୃତ ରୂପକ ଅମୃତର ସୃଜନସ୍ଥଳୀ। ଭାରତୀୟ ସଂସ୍କୃତିରେ ଗୋସେବାକୁ ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ବିଚାର କରାଯାଉଥିଲା। ବୈଦିକ ଅଗ୍ନିହୋତ୍ର ବା ହୋମ ପାଇଁ ଘୃତ ଅନିବାର୍ଯ୍ୟ ଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ଏବଂ ପ୍ରାୟଶ୍ଚିତ୍ତ କ୍ରିୟାରେ ପଞ୍ଚଗବ୍ୟର ଆବଶ୍ୟକତା ପଡ଼ିଥାଏ। ପୁରାଣ, ସଂହିତାରେ ଗୋମାତାକୁ ସର୍ବଦେବମୟୀ କୁହାଯାଇ ଗାଈର ଗୋବର ଓ ମୂତ୍ରକୁ ମଧ୍ୟ ପବିତ୍ର ମନେ କରାଯାଉଥିଲା। ପ୍ରାଚୀନ ରାଜାମାନଙ୍କ ସମ୍ପଦ କହିଲେ ଗୋସମ୍ପଦକୁ ବୁଝାଉଥିଲା। ଏଣୁ ଦୁର୍ଯ୍ୟୋଧନଙ୍କ ଭଳି ଅଭିମାନୀ କ୍ଷତ୍ରିୟ ବୀର ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଧେନୁ ହରଣ ପାଇଁ ବିରାଟ ରାଜ୍ୟ ଆକ୍ରମଣ କରିଥିଲେ। ଜମଦଗ୍ନି ଆଶ୍ରମରୁ କାମଧେନୁ ହରଣ କଥା ପୁରାଣରେ ରହିଛି।

ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି ଯେ, ଗାଈ, ଭୂମି, ବିଦ୍ୟା- ଏହି ୩ଟି ଦାନର ଫଳ ଅମାପ। ଭୂମିର ଉର୍ବରତା ଓ ବାତାବରଣ ଶୁଦ୍ଧି ନିମିତ୍ତ ଗାଈ ବଞ୍ଚିଥିବା ବେଳେ ଉପକାରୀ ଓ ମୃତ୍ୟୁ ପରେ ମଧ୍ୟ ତାହାର ସର୍ବାଙ୍ଗ ଉପଯୋଗ ହୋଇଥାଏ। ପ୍ରାଚୀନ ପୁରାଣରେ ଦୂରତାକୁ 'ଧେନ୍ୱନ୍ତର'ରେ ମପାଯାଉଥିଲା, ଯଥା-ଲିଙ୍ଗରାଜ ମନ୍ଦିରଠାରୁ ମେଘେଶ୍ୱର ୧୭୦୦ ଧେନ୍ୱନ୍ତରରେ ଅବସ୍ଥିତ। ଗୋଟିକ ପରେ ଗୋଟିଏ ଗାଈକୁ ଠିଆକରି ଦୂରତା ମପାଯାଉଥିଲା। ହଜିଯାଇଥିବା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ହେଉଥିବା ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ରିସର୍ଚ୍ଚ ଅର୍ଥରେ ବ୍ୟବହୃତ ହେଉଛି। ଆଜି ବୁଢ଼ୀ ଓ ରୋଗଣା ଗୋରୁ ପ୍ରତି ଅବହେଳା ଓ ମାଂସାର୍ଥେ ଚାଲାଣକୁ ନେଇ ବିବାଦ ଦେଖାଦେଉଛି। ହିନ୍ଦୁ ସଂସ୍କୃତିରେ 'ଗାଈ' ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ।

ଶ୍ରାବସ୍ତୀ, ୩୫, ବସନ୍ତ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ

ହ୍ରାସ ପାଉଛି ଶିକ୍ଷାର ମାନ

ମହାଶୟ,

ଶିକ୍ଷା ମନୁଷ୍ୟର ମୌଳିକ ଅଧିକାର- ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁ ପାଠ ପଢିବା ଏବଂ ବିଦ୍ୟାଳୟକୁ ଯିବାକୁ ବାଧ୍ୟତାମୂଳକ କରାଯାଇଛି। ୨୦୦୯ ଶିକ୍ଷା ଅଧିନିୟମରେ ମଧ୍ୟ ସମସ୍ତ ବର୍ଗର ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ହେଉଛି। ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ ଓ ପୋଷାକପତ୍ର ସବୁ ସରକାର ଯୋଗାଇବା ସତ୍ତ୍ୱେ ସରକାରୀ ସ୍କୁଲରେ ବେଶି ପିଲା ପଢୁନାହାନ୍ତି। ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ଦେଖାଯାଉଛି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ଶିକ୍ଷାର ମୂଲ୍ୟ ବୃଦ୍ଧି ହେଉନାହିଁ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ପିଲାମାନଙ୍କୁ ଲାଞ୍ଚଖୋର କରୁଛନ୍ତି। ଉପସ୍ଥାନ ବଢିବା ପାଇଁ ପ୍ରୋତ୍ସାହନ ଦିଆଯିବ, ୧ କି.ମି. ଦୂରରୁ ଆସିଲେ ଗସ୍ତଖର୍ଚ୍ଚ ମିଳିବ। କିନ୍ତୁ ଶିକ୍ଷାର ମାନ କେତେ ବଢୁଛି ତାହା ଦେଖିବାର କଥା।

ବାଳକୃଷ୍ଣ ଷଡ଼ଙ୍ଗୀ, ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼

ପଲିଥିନ କଟକଣା

ଧରିତ୍ରୀ(୧୬।୬)ର ଫଟୋ ଖବରରୁ ବରଗଡ଼ରେ ପଲିଥିନ ନିଷିଦ୍ଧ ଘୋଷଣା ପରେ ଜଣେ ବାଳିକା ଟିଫିନ ବକ୍ସ ଓ ବ୍ୟାଗ୍ ଧରି ଜଳଖିଆ ନେବା ପାଇଁ ହୋଟେଲକୁ ଆସିଛନ୍ତି ଦେଖି ଖୁସି ଲାଗିଲା। ପଲିଥିନ ନିଷିଦ୍ଧ ବହୁ ପୂର୍ବରୁ କରାଯିବା କଥା। କାରଣ ଯେପରି ଭାବେ ଗାଁ ସହର ସବୁ ପଲିଥିନ ଆବର୍ଜନାରେ ପୂର୍ଣ୍ଣ ହୋଇଯାଉଛି ଅବସ୍ଥା ଅସମ୍ଭାଳ ହୋଇପଡିବ। ଏଣିକି ଘରୁ କନା ବ୍ୟାଗ୍ ନେଇ ଲୋକେ ବାହାରନ୍ତୁ।

କୁବେର ଚନ୍ଦ୍ର ଜୋଷୀ, ଢୁଙ୍ଗୁରିପାଲି, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ

ସଂକ୍ଷେପରେ

ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ବାତିଲ

ସମ୍ବଲପୁର,୧।୭(ବ୍ୟୁରୋ)
ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଝାରସୁଗୁଡ଼ା-ସିଙ୍ଗାରପୁର ରୋଡ୍ ସେକ୍ସନରେ ଆଧୁନିକୀକରଣ କାର୍ଯ୍ୟ ଚାଲିଛି। ଏହାକୁ ଦୃଷ୍ଟିରେ ରଖି କେତେକ ଟ୍ରେନ୍ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ୫୮୩୦୧ ସମ୍ବଲପୁର-କୋରାପୁଟ ପେସେଞ୍ଜର ଓ ୫୮୩୦୩ ସମ୍ବଲପୁର-ଜୁନାଗଡ଼ ପେସେଞ୍ଜର ଟ୍ରେନ୍‌କୁ ସୋମବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିପରି ୫୮୩୦୨ କୋରାପୁଟ-ସମ୍ବଲପୁର ପେସେଞ୍ଜର ଓ ୫୮୩୦୪ ଜୁନାଗଡ଼-ସମ୍ବଲପୁର ପେସେଞ୍ଜରକୁ ଜୁଲାଇ ୧୬ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ସମ୍ବଲପୁର ରେଳ ମଣ୍ଡଳ ଜନସମ୍ପର୍କ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

ଫସଲବୀମା, ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି

ସମ୍ବଲପୁର,୧।୭(ବ୍ୟୁରୋ)

ଫସଲବୀମା ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିବାକୁ ସମ୍ବଲପୁର ଜିଲା କୁଲୁଣ୍ଡି ପଞ୍ଚାୟତବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ ବର୍ଷ ଧରି ଏହି ପଞ୍ଚାୟତରେ ମରୁଡ଼ି ହେଉଛି। ଗତବର୍ଷ ମଧ୍ୟ ମରୁଡ଼ି ଘୋଷଣା କରାଯାଇଥିଲା। ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା କରିଥିଲେ। ହେଲେ କ୍ଷତିପୂରଣ ଟଙ୍କା ପାଇନାହାନ୍ତି। ନିୟମ ଅନୁଯାୟୀ ଘୋଷଣାର ୪୫ ଦିନ ଭିତରେ ଟଙ୍କା ମିଳିଯିବା କଥା। ହେଲେ ଏହି ଅଞ୍ଚଳର ଚାଷୀଙ୍କୁ ମିଳିନାହିଁ। ଏବେ ମୌସୁମୀ ଆସିଯାଇଥିବାରୁ ଚାଷ କାମ କରିବାର ସମୟ। ହେଲେ ଚାଷୀମାନେ ବୀମା କ୍ଷତିପୂରଣ ପାଇଁ ଲଢ଼େଇ କରୁଛନ୍ତି। ତେଣୁ ଏ ଦିଗରେ ଜିଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରସନ୍ନ ପ୍ରଧାନ, ସରସ୍ୱତୀ ପ୍ରଧାନ, ତପସ୍ୱିନୀ ବାରିକ, ତ୍ରିନାଥ ମେହେର, ଜୟନ୍ତୀ ମେହେର, ବିରଞ୍ଚି ବାରିକ, ଦିଲୀପ କୁମାର ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ଦାବି କରିଥିଲେ।

ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଚାଷୀ।

୧୫ଦିନ ହେଲା ବେଠିଆବେର୍ଣ୍ଣୀ ଗ୍ରାମ ଅନ୍ଧାର

ନାକଟିଦେଉଳ,୧।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ବେଠିଆବେର୍ଣ୍ଣୀ ଗ୍ରାମ ୧୫ ଦିନରୁ ଅଧିକ ସମୟ ହେବ ଅନ୍ଧାରରେ ରହିଛି। ଗ୍ରାମରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବଜ୍ରପାତରେ ପୋଡ଼ିଯିବା ଫଳରେ ଏପରି ଅବସ୍ଥା ସୃଷ୍ଟି ହୋଇଛି। ବର୍ତ୍ତମାନ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥବାରୁ ବିଦ୍ୟୁତ ବିନା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି କି ସନ୍ଧ୍ୟା ସମୟରେ ଛାତ୍ରୀଛାତ୍ର ପାଠ ପଢ଼ିବାରେ ମଧ୍ୟ ବହୁତ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ ସେବା ସ୍ୱାଭାବିକ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ହୀରାକୁଦରେ ବିଶ୍ୱ ଡାକ୍ତର ଦିବସ

ସମ୍ବଲପୁର,୧।୭(ବ୍ୟୁରୋ)
ହୀରାକୁଦ ଲାୟନ୍ସ କ୍ଲବ ରୟାଲ ପକ୍ଷରୁ ସୋମବାର ବିଶ୍ୱ ଡାକ୍ତର ଦିବସ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଡା. ମନୋଜ ନନ୍ଦଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କାର୍ତ୍ତିକ କଲେତ, କୋଷାଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଅବିନାଶ ମିଶ୍ର, ମଞ୍ଜୁ ଓରାମ, ଉତ୍ତର ବାଗ, ମହେଶ ଗର୍ତ୍ତିଆ, ବିକାଶ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୧୮କେଜି ଗଞ୍ଜେଇ, ବାଇକ୍ ଜବତ: ଜଣେ ଗିରଫ

ନାକଟିଦେଉଳ,୧।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ପୋଲିସ ସୋମବାର ଚଢ଼ାଉ କରି ଚୋରାଚଲାଣ କରାଯାଉଥିବା ୧୮କେଜି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ଗଞ୍ଜେଇ ଚାଲାଣକାରୀ ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତ କୁଞ୍ଜାମୁରା ବଜ୍ରିବଜାରସାହିର ଗୋବିନ୍ଦ ନାଏକ (୩୨)ଙ୍କୁ ପୋଲିସ ଗିରଫ କରିଛି। ଗୋବିନ୍ଦ ନିଜ ବାଇକ୍‌ରେ ଗଞ୍ଜେଇ ବୋଝେଇ କରି ବୌଦ୍ଧ ପଟରୁ ନାକଟିଦେଉଳ ଆଡ଼କୁ ଆସୁଥିବା ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ରେଢ଼ାଖୋଲ ଏସ୍‌ଡିପିଓ ହାଡ଼ିବନ୍ଧୁ ସ୍ୱାଇଁଙ୍କ ନେତୃତ୍ୱରେ ନାକଟିଦେଉଳ ଆଇଆଇସି ଇସ୍ମାଇଲ ଏକ୍କା, ଏସ୍‌ଆଇ ଅନିତା ପଟ୍ଟନିଆଙ୍କୁ ନେଇ ଗଠିତ ପୋଲିସ ଟିମ୍ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ ଟାୱାର ନିକଟରେ ରାଜପଥ ଉପରେ ଜଗି ବସିଥିଲେ। ଗୋବିନ୍ଦ ସେଠାରେ ପହଞ୍ଚିବା କ୍ଷଣି ପୋଲିସ ବାଇକ୍‌କୁ ଯଞ୍ଚ କରିଥିଲା। ସେଥିରୁ ଗଞ୍ଜେଇ ଭର୍ତ୍ତି ଏକ ବ୍ୟାଗ୍ ମିଳିବା ପରେ ପୋଲିସ ଗଞ୍ଜେଇ ସହ ଗୋବିନ୍ଦଙ୍କ ଓଡିଏ୧୪-ଇକ୍ସ୮୪୩୩ଂ ବାଇକ୍ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ, ୮୧/୧୯) ରୁଜୁ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଗୋବିନ୍ଦଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଏକ୍କା କହିଛନ୍ତି।

ଜବତ ଗଞ୍ଜେଇ ବ୍ୟାଗ ସହ ଅଭିଯୁକ୍ତ।

ବିଭିନ୍ନ ସ୍ଥାନରେ ଭଗବାନଙ୍କ ପ୍ରତିମୂର୍ତ୍ତିକୁ ବିରୋଧ

ସମ୍ବଲପୁର,୧।୭(ବ୍ୟୁରୋ)
ସରକାରୀ ଅଫିସ ଓ ଘରୋଇ ଅନୁଷ୍ଠାନଗୁଡ଼ିକରେ ପାନଛେପ ପକାଉଥିବା ସ୍ଥାନରେ ହିନ୍ଦୁ ଦେବଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ସମ୍ବଲପୁର ଉଦୟ ସମାଜିକ ଅନୁଷ୍ଠାନ ବିରୋଧ କରିଛି। ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଷ୍ଠାନ କର୍ମକର୍ତ୍ତା ଦାବି କରିଛନ୍ତି। ନଚେତ୍ ବୁର୍ଲା ମେଡିକାଲ ସମ୍ମୁଖରେ ଧାରଣ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଅନୁଷ୍ଠାନ ଚେତାବନୀ ଦିଆଯାଇଛି।

ପାଚିକା, ସହାୟିକାଙ୍କ ବିକ୍ଷୋଭ

ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ପାଚିକା ସଂଘର ବିକ୍ଷୋଭ।

ସମ୍ବଲପୁର,୧।୭(ବ୍ୟୁରୋ)

ବିଭିନ୍ନ ଦାବି ନେଇ ସିଆଇଟିୟୁ ନେତୃତ୍ୱରେ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ସୋମବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨ ହଜାର ଟଙ୍କା ଭତ୍ତା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି, ୨୮ ମାସର ବକେୟା ଦରମା, ବର୍ଷକୁ ୨ ଖଣ୍ଡ ଶାଢ଼ି, ଇପିଏଫ୍, ଇଏସ୍‌ଆଇରେ ଅନ୍ତର୍ଭୁକ୍ତ କରିବାକୁ ସେମାନେ ଦାବି କରିଥିଲେ। ସଂଘ ସାଧାରଣ ସମ୍ପାଦକ ରାଧାରମଣ ଷଡ଼ଙ୍ଗୀ, ଜିଲା ସଭାପତି ବିକାଶ ପ୍ରଧାନ, ପ୍ରଶାନ୍ତୀ ଓରାମ, ନବୀନ ବିଶ୍ୱାଳ, ଭୂମିସୂତା ମେହେର, ମାଳତୀ ପଣ୍ଡା, ପ୍ରଣୟ ନାଏକ ପ୍ରମୁଖ ଭିକ୍ଷୋଭ ସଭାରେ ବ୍ୟକ୍ତବ୍ୟ ଦେଇଥିଲେ। କଚେରୀ ଛକରୁ ସେମାନେ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସରେ ପହଞ୍ଚିଥିଲେ।

ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଧାରଣା

ସମ୍ବଲପୁର,୧।୭(ବ୍ୟୁରୋ)
ସମ୍ବଲପୁର ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ସୋମବାର ଏହାର ଚତୁର୍ଥ ଶ୍ରେଣୀ କର୍ମଚାରୀ ଧାରଣା ଦେଇଛନ୍ତି। ରାଜ୍ୟ ସଂଘ ଡାକରାରେ ୭ ଦଫା ଦାବି ନେଇ ଏହି ଧାରଣା ଦିଆଯାଇଛି। ବକେୟା ଦରମା ପ୍ରଦାନ, ଇପିଏଫ୍, ଇଏସ୍‌ଆଇରେ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ଜାତୀୟ ଛୁଟିରେ ଦରମା ଲାଗୁ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ଘରୋଇକରଣ ବନ୍ଦ କରିବା ଆଦି ଦାବିଗୁଡ଼ିକ ମଧ୍ୟରେ ପ୍ରମୁଖ। ସଂଘ ଜିଲା ସମ୍ପାଦକ ସୁରେଶ ବଢ଼ାଇ, ଗୋକୁଳ ମେହେର, ପ୍ରଣୟ ନାୟକ, ଭଗତ ସିଂହ, ଫଗୁନୁ ବାଗ, ରଙ୍କନିଧି ଦେହୁରି, ଯୋଗେନ୍ଦ୍ର ସାଗର, ବିଜୟ ଭୋଇ, ଶ୍ରୀମନ୍ତ ସୁନାନୀ, ବାବୁଲାଲ ଛତର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ପ୍ରଥମ ଦିନ ଧାରଣାରେ ରାଜ୍ୟ ସମ୍ପାଦକ ବିଶ୍ୱନାଥ ବେହେରା ଯୋଗଦେଇଥିଲେ।

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁଷ୍ଟି ବଗିଚା ପାଇଁ ତାଲିମ

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମହିଳାମାନଙ୍କୁ ତାଲିମ ଦିଆଯାଉଛି।

ରେଢ଼ାଖୋଲ,୧।୭(ଡି.ଏନ୍.ଏ.)
ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୭୦୦ ପୁଷ୍ଟି ବଗିଚା କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକର ଲୁହାପଙ୍କ ପଞ୍ଚାୟତରେ ପ୍ରାଥମିକ ପର୍ଯ୍ୟାୟରେ ୧୨ ସ୍ଥାନ ଚିହ୍ନଟ କରାଯାଇ ସୋମବାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ତାଲିମ ପ୍ରଦାନ କରାଯାଇଛି। ପଞ୍ଚାୟତର କୁଟାସିଙ୍ଗା ଗ୍ରାମର ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ତାଲିମ ନେଇଛନ୍ତି। ଓଡ଼ିଶା ଜୀବିକା ମିଶନ ସଂଯୋଜକ ମନୋଜ ସ୍ୱାଇଁ ମହିଳାମାନଙ୍କୁ ଜମି ପ୍ରସ୍ତୁତି ପ୍ରଣାଳୀ ସହ ଅନ୍ୟାନ୍ୟ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପରୀକ୍ଷିତ ସାହୁ, ଜିପିଇଓ ପଞ୍ଚାନନ ବେହେରା, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି, ପିଏ କିଶୋର କୁମାର ପାତ୍ର, ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ, ବ୍ଲକ ସଂଯୋଜକ ଆଶିଷ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ।

ଡିଜିଟାଲ ଇଣ୍ଡିଆ ସପ୍ତାହ ପାଳିତ

ସମ୍ବଲପୁର ମୁଖ୍ୟ ଡାକଘର ଅଧୀକ୍ଷକ ଜଣେ ଉପଭୋକ୍ତାଙ୍କୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କାର୍ଡ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧।୭(ବ୍ୟୁରୋ)

ସମ୍ବଲପୁର ମୁଖ୍ୟ ଡାକଘର ପରିସରରେ ସୋମବାର ଡିଜିଟାଲ ଇଣ୍ଡିଆ ସପ୍ତାହ ଅନୁଷ୍ଠିତ ହୋଇଛି। ଏଥିସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଅଧିକ୍ଷକ ବାନାମ୍ବର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରି କହିଥିଲେ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଜରିଆରେ ଉପଭୋକ୍ତାମାନେ ନିଜ ଘରେ ବସି ଟଙ୍କା ଜମା ଓ ଉଠାଣ କରିପାରିବେ। ଏତଦ୍‌ବ୍ୟତୀତ ଅନ୍ୟ ବ୍ୟାଙ୍କ ସହ ମୋବାଇଲ ରିଚାର୍ଜ କରିପାରିବେ ବୋଲି ସେଠୀ କହିଥିଲେ। ସେହିପରି ବରଗଡ଼, ଦେବଗଡ଼, ରାଜବୋଡ଼ାସମ୍ବର, ବୁର୍ଲା, ହୀରାକୁଦ ଡାକଘରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯାଇଥିବା ସେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହ ଅଧକ୍ଷୀକ ସୁଜିତ କୁମାର ମହାରଣା, ଅରୁଣ କୁମାର ଲାଟା, ଯତୀନ୍ଦ୍ର ନାଥ ସୋରେନ, ପ୍ରଭାକର ସୋରେନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

ଚାର୍ଟାର୍ଡ ଆକାଉଣ୍ଟ ଦିବସ

ସମ୍ବଲପୁର,୧।୭(ବ୍ୟୁରୋ)

କ୍ଷେତରାଜପୁର ଅଗ୍ରସେନ ମାର୍ଗସ୍ଥିତ ଚାଟାର୍ଡ ଆକାଉଣ୍ଟ ଅନୁଷ୍ଠାନରେ ଚାଟାର୍ଡ ଆକାଉଣ୍ଟ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଶାଖା ଅଧକ୍ଷ ରାଜକୁମାର ଟିବ୍ରିୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟଅତିଥି ଓ ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉପାଧକ୍ଷ ଆଶିଷ କୁମାର ଅଗ୍ରୱାଲ ସୂଚନା ପ୍ରଦାନ, ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୱାଡି ଯୁବ ମଞ୍ଚ, ଚାଟାର୍ଡ ଆକାଉଣ୍ଟ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ।

ରେଡିଓ ହୀରାଖଣ୍ଡ ପ୍ରତିଷ୍ଠା ଦିବସ

ସମ୍ବଲପୁର,୧।୭(ବ୍ୟୁରୋ)

ରେଡିଓ ହୀରାଖଣ୍ଡର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ରାତିରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ହୋଇଛି। ଡ. ଶ୍ୟାମସୁନ୍ଦର ଧରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ବିକାଶ ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ସହନିର୍ଦ୍ଦେଶିକା ପିଙ୍କି ପ୍ରଧାନ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଖଗେନ୍ଦ୍ର ନାଥ ଜେନା, ପ୍ରଦୀପ ବେହେରା ଓ ଲଲିତମୋହନ ଦେବତାଙ୍କୁ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନେତାଜୀ ସୁବାସ ଚନ୍ଦ୍ର ବୋଷ କଲେଜ ଅଧ୍ୟାପକ ଡ. ବିଶ୍ୱମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ରେଡିଓ ହୀରାଖଣ୍ଡ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଫଟୋରେ ଖବର

ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ରବିବାର ରାତିରେ ଉଦ୍‌ଯାପିତ ହୋଇଥିବା ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅତିଥି ଭାବେ ଯୋଗଦେଇ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସର ନୈନିକା ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ରେଡିଓ ହୀରାଖଣ୍ଡ ପ୍ରତିଷ୍ଠା ଦିବସ ଉତ୍ସବରେ ବାଳିକା ବାଳକମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨ ଜୁଲାଇ, ୨୦୧୯

ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ

ପ୍ରହସନ ପାଲଟିଛି ପଲିଥିନ ବନ୍ଦ ନିୟମ

ବରପାଲି, ୧।୭ (ଡି.ଏନ.ଏ)

ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ସରକାର କଡା ନିୟମ ଲାଗୁ କରିଛନ୍ତି । ମାତ୍ର ବରପାଲି ସହରରେ ଏହା ସମ୍ପୂର୍ଣ୍ଣ ଭାବେ ପ୍ରହସନ ପାଲଟିଛି । କିଛି ଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ଏନଏସି ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି ଏନଏସି ଅଧିକାରୀ ଓ କର୍ମଚାରୀମାନେ ଏହା ଉପରେ ଚଢ଼ାଉ କରି କିଛି ମାତ୍ରାରେ ଦୋକାନୀ, ଠେଲାବାଲାଙ୍କଠାରୁ ଫାଇନ ମଧ୍ୟ ଆଦାୟ କରିଥିଲେ । ଏହା ସତ୍ତ୍ୱେ ପଲିଥିନ ବ୍ୟବହାର ବନ୍ଦ ହେବା ପରିବର୍ତ୍ତେ ଏବେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଦୋକାନ ମାନଙ୍କରେ ମାଲ ମାଲ ପଲିଥିନ ଟଙ୍ଗା ଯାଇଥିବା ଦେଖିବାକୁ ମିଳୁଛି । ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ପୋତି ହୋଇଯାଉଛି କଳାଜୀରା କେନାଲ: ଚିନ୍ତାରେ ଚାଷୀ

ବାରକୋଟ,୧।୭ (ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମଠାରୁ ଅସନନାଳୀ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା କଳାଜୀରା କେନାଲ ମାଟିରେ ପୋତି ହୋଇ ପଡିଲାଣି । ଫଳରେ ଚଳିତ ବର୍ଷ ଚାଷ କାର୍ଯ୍ୟ ପାଇଁ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ବଳମରୁ ଅସନନାଳୀ ପର୍ଯ୍ୟନ୍ତ ପ୍ରାୟ ୫ କି.ମି. କେନାଲ ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ କଂକ୍ରିଟ କେନାଲ ନିର୍ମାଣ କରାଯାଇଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ତଥା ତ୍ରୁଟିପୂର୍ଣ୍ଣ କେନାଲ ନିର୍ମାଣ ଯୋଗୁ ମୁଖ୍ୟ କେନାଲରେ ଏକ ଘାଇ ସୃଷ୍ଟି ହୋଇଥିଲା । ଫଳର ଅସନନାଳୀ ଗ୍ରାମର ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ହୋଇ ନ ଥିଲା। ଚଳିତ ବର୍ଷ ବର୍ଷା ପୂର୍ବରୁ କେନାଲ କିଛି ଭାଗ ମାଟି ସଫା କାମ ହୋଇଥିବା ବେଳେ ଘାଇରେ କିଛି ମାଟି ପକା ଯାଇଛି। ହେଲେ ଘାଇକୁ କଂକ୍ରିଟ ମରାମତି କରିବା ପରିବର୍ତ୍ତେ ମାଟି ଦିଆଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ଏମ୍ଆଇପି କନିଷ୍ଠ ଯନ୍ତ୍ରୀ କେ.କେ. ସୋଇଲାଙ୍କୁ ପଚାରିବାରୁ କେନାଲରୁ ମାଟି ସଫା କରି ଅସନନାଳୀ ପର୍ଯ୍ୟନ୍ତ ପାଣି ଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

ମାଟି, ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା କଳାଜୀରା କେନାଲ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କୁରୁ ଘର ଖାଇ
ପାଣ୍ଡବ ଘର ଚିନ୍ତା କରଇ ।

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

କିଣିଲି ଯେତେ ବିକିଲି ସେତେ
ଘରକୁ ଫେରିଲି ଶୁଖିଲା ହାତେ ।

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଅନାଥଶିଶୁଙ୍କ ସହ ଜନ୍ମ ଦିନ ପାଳନ କଲେ ଏସ୍‌ପି

ଏସ୍‌ପି ରାହୁଲ ଜୈନଙ୍କ ସହ ସପୋର୍ଟ ଶିଶୁ ଗୃହରେ ରହୁଥିବା ଶିଶୁମାନେ।

ଦେବଗଡ,୧।୭(ଡି.ଏନ.ଏ.)

ଦେବଗଡ଼ ଏସ୍‌ପି ରାହୁଲ ଜୈନ ସୋମବାର ସ୍ଥାନୀୟ ସପୋର୍ଟ ଶିଶୁ ଗୃହରେ ପହଞ୍ଚି ଅନାଥଶିଶୁଙ୍କ ସହ ଜନ୍ମ ଦିନ ପାଳନ କରିଥିଲେ। ଏହି ଅବସରରେ ଏସ୍‌ପି ଜୈନ ପିଲାମାନଙ୍କ ସହି ଖୁସି ଗପ କରି ମିଠା ଖୁଆଇ ଥିଲେ। ଏପରି କି ପିଲାମାନଙ୍କୁ ପାଠପଢ଼ା ସାମଗ୍ରୀ ଉପହାର ପ୍ରଦାନ କରିଥିଲେ। ଏସ୍‌ପି ଜୈନ ଶିଶୁ ଆଶ୍ରୟ ଗୃହର କର୍ମକର୍ତ୍ତାଙ୍କ ସହ ଗୃହର ସେବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟଅଧିକାରୀମାନେ ଉପସ୍ଥିତ ଥିଲେ।

ବୃକ୍ଷରୋପଣ, ସଫେଇ କାର୍ଯ୍ୟକ୍ରମ

ଦେବଗଡ,୧।୭(ଡି.ଏନ.ଏ.)

ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ଦେବଗଡ଼ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ଅବସରରେ ଜିଲାର ସୁନାମୁଣ୍ଡା ଗ୍ରାମସ୍ଥିତ ଜବାହର ନବୋଦୟ ସ୍କୁଲ ପରିସରରେ ସୋମବାର ସକାଳେ ବିଭିନ୍ନ ଫଳ, ପୁଷ୍ପ ଏବଂ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଦେବଗଡ଼ ଶାଖା ମୁଖ୍ୟ ପରିଚାଳକ ଭରତ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ସ୍କୁଲର ଅଧକ୍ଷ ଉତ୍ତମ ପ୍ରସାଦ ସିଂ, ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ବୃକ୍ଷର ମହନୀୟତା ଏବଂ ପରିବେଶକୁ ସୁସ୍ଥ ରଖିବା ନେଇ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଅପରାହ୍ନରେ ଦେବଗଡ ଜିଲାର ପର୍ଯ୍ୟଟନସ୍ଥଳୀ ପ୍ରସିଦ୍ଧ ପ୍ରଧାନପାଟ ଜଳପ୍ରପାତରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କର୍ମଚାରୀମାନେ ଏଣେତେଣେ ପଡି ରହିଥିବା ଅଳିଆ ଆବର୍ଜନା ସଫା କରି ଡଷ୍ଟବିନରେ ପକାଇଥିଲେ। ଏପରି କି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଖା ପରିଚାଳକ ଧନେଶ୍ୱର ନାଏକ, ସୁରେଶ ଚନ୍ଦ୍ର ନାଏକ, ଲକ୍ଷ୍ମଣ ମାଝି, ବସନ୍ତ କୁମାର ଦାସ, ପ୍ରକାଶ କୁଣ୍ଡ, ବିନୟ ସଡଙ୍ଗୀ, ସୁନିତା, ଭୁମିତ, ଗୁରୁଆ ମୁଣ୍ଡା, ପ୍ରଶାନ୍ତ ଦେବଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ବ୍ୟାଙ୍କ ଏବଂ ସ୍କୁଲ କର୍ମଚାରୀମାନେ।

ଗୁଣପୁର ଉ.ପ୍ରା. ବିଦ୍ୟାଳୟରେ ମାତୃପିତୃ ସମ୍ମିଳନୀ

ଭବାନୀପାଟଣା,୧।୭ (ଡି.ଏନ.ଏ.)

ନୂଆଦିଲ୍ଲୀ,୧୧୭: ବିଶ୍ୱର କୌଣସି ବୋଲିଂ ଲାଇନ ଅପ୍ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ରୋକିପାରିବ ନାହିଁ। ବହୁ ରେକର୍ଡ ଅଧିକାରୀ କୋହଲି ରବିବାର ନିଜ କ୍ୟାରିୟରରେ ସଫଳତାର ଆଉ ଏକ ପର୍ଦ୍ଦ ଯୋଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷରେ ବର୍ମିଂହାମଠାରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ସେ ୬୬ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ଥିଲା ଚଳିତ ବିଶ୍ୱକପ୍‌ରେ କୋହଲିଙ୍କ କ୍ୟାରିୟରର କ୍ରମାଗତ ୫ମ ଅର୍ଦ୍ଧଶତକ। ସେ ପ୍ରଥମ ଅଧିନାୟକ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ସେ ପ୍ରଥମ ଭାରତୀୟ ଓ ବିଶ୍ୱର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ଲଗାଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ୨୦୧୫ ବିଶ୍ୱକପ୍‌ରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍ ପୂର୍ବରୁ କୋହଲି ଅଷ୍ଟ୍ରେଲିଆ, ପାକିସ୍ତାନ, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ଯଥାକ୍ରମେ ୮୨, ୭୭, ୬୭ ଓ ୭୨ ରନ୍ କରିଥିଲେ।

ଗୁଜରାଟ ରଣଜୀ ଦଳର କୋଚ୍ ବାହୁତୁଲେ

ବଡୋଦରା,୧୭(ପି.ଟି.): ପୂର୍ବତନ ଭାରତୀୟ ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଗୁଜରାଟ ଦଳର କୋଚ୍ ଭାବେ ସୋମବାର ନିଯୁକ୍ତ କରାଯାଇଛି। ଏ ନେଇ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଉପସଭାପତି ପରିମଲ ନାଥୱାନୀ କହିଛନ୍ତି। ୪୬ ବର୍ଷୀୟ ବାହୁତୁଲେ ପୂର୍ବରୁ ବେଙ୍ଗଲ ଭଳି ଦଳକୁ କୋଚିଂ ଦେଇ ସାରିଛନ୍ତି। ମୁମ୍ବାଇରେ ଜନ୍ମିତ ପୂର୍ବତନ କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨ ଟେଷ୍ଟ ଓ ୮ ଦିନିକିଆ ଖେଳିଥିଲେ। ସେ ପ୍ରାୟତଃ ଘରୋଇ କ୍ରିକେଟରେ ସକ୍ରିୟ ଥିଲେ। ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬୩୦ ଉଇକେଟ ନେଇଥିଲେ। ପୂର୍ବରୁ ସେ ମୁମ୍ବାଇ ଦଳର କୋଚ୍ ପଦବୀ ଲାଗି ଆବେଦନ କରିଥିଲେ। କିନ୍ତୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ଏ ନେଇ କିଛି ନିଷ୍ପତ୍ତି ନେଇନାହିଁ।

ବୈଭବ ଯାଦବଙ୍କୁ ଡବ୍ଲ୍ୟୁବିସି ଏସିଆ ଟାଇଟଲ

ନୂଆଦିଲ୍ଲୀ,୧୭(ପି.ଟି.): ଭାରତୀୟ ପେଶାଦାର ବକ୍ସର ବୈଭବ ଯାଦବ ଡବ୍ଲ୍ୟୁବିସି ଏସିଆ ସିଲଭର ୱେଲ୍ଟରୱେଟ ଟାଇଟଲ ହାତେଇଛନ୍ତି। ଥାଇଲାଣ୍ଡର ପାଟାୟାଠାରେ ଅନୁଷ୍ଠିତ ମୁକାବିଲାରେ ଘରୋଇ ବକ୍ସର ଫାପେଟ୍ଚ ସିଙ୍ଗମାନାସାକଙ୍କୁ ହରାଇ ବୈଭବ ଏହି ସଫଳତା ପାଇଛନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ ବିକାଶ କ୍ରିଷ୍ଣନଙ୍କ ସମ୍ପର୍କୀୟ ଭାଇ। ସେ ଏବେ ପେସାଦର ବକ୍ସିଂରେ ଅଂଶଗ୍ରହଣ କରୁଛନ୍ତି। ଉକ୍ତ ଫାଇଟ୍ ଏସିଆନ ବକ୍ସିଂ କଉନ୍ସିଲ ଦ୍ୱାରା ପରିଚାଳନା ହୋଇଥିବାବେଳେ ବିଶ୍ୱ ବକ୍ସିଂ ପରିଷଦ (ଡବ୍ଲୁବିସି) ଏହାକୁ ସ୍ୱୀକୃତି ଦେଇଥିଲା।

■ କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ୧୭ରୁ

ଓଡ଼ିଶା ସରକାର-ଟିଟିଏଫ୍‌ଆଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୭ (ସ୍ପୋର୍ଟ୍ସ ବ୍ୟୁରୋ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍। ଏଥିଲାଗି ସୋମବାର ଓଡ଼ିଶା ସରକାର ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫ୍‌ଆଇ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ କ୍ରୀଡ଼ା ଯୁବସେବା ସଚିବ ତଥା କମିଶନର ବିଶାଲ ଦେବ ଟିଟିଏଫ୍‌ଆଇର ସିନିୟର ଉପସଭାପତି ଏସ୍.ଏନ୍. ସୁଲ୍‌ତାନ ଓ ଓଏସଟିଟିଏ ସଭାପତି ଏଲ. ଏନ୍. ଗୁପ୍ତା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ସମସ୍ତ ୩ ପକ୍ଷର ଅଫିସିଆଲମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାରଙ୍କ ସହିତ ପାର୍ଟନରଶିପ୍‌ରେ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ।

ଏହି ସମ୍ମାନଜନକ ଚାମ୍ପିୟନଶିପ୍‌ର ଆୟୋଜନ କରୁଥିବାରୁ ମୁଁ ଭାରତୀୟ ଟେବୁଲ ଟେନିସ ମହାସଂଘ ଏବଂ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନକୁ ଶୁଭେଚ୍ଛା ଜଣାଉଛି। ଟେବୁଲ ଟେନିସ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। କଟକରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସହାୟକ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଲାଗି ମୁଁ ଶୁଭକାମନା ଜଣାଉଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ କହିଥିଲେ, ଏହି ଚାମ୍ପିୟନଶିପ୍‌ରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ଏସିଆଡ୍ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଆସନ୍ତା ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଦର୍ଶନକୁ ନେଇ ଆମର ଉତ୍କଣ୍ଠା ରହିବ। ଆଇଟିଟିଏଫ୍‌ର ନିର୍ଦ୍ଦେଶକ ତଥା ଟିଟିଏଫ୍‌ଆଇର ପରାମର୍ଶଦାତା ଧନରାଜ ଚୌଧାରୀ କହିଥିଲେ ଓଡ଼ିଶା ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୬ ଦିନିଆ ପ୍ରତିଯୋଗିତାର ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ଅଂଶଗ୍ରହଣକାରୀ ଏବଂ ଦର୍ଶକମାନେ ସକାରାତ୍ମକ ଅଭିଜ୍ଞତା ନେଇ ଫେରିବେ ବୋଲି ଆମର ଦୃଢ଼ ବିଶ୍ୱାସ। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ଗୁପ୍ତା କହିଛନ୍ତି, ଦେଶର ର୍‍ୟାଙ୍କିଙ୍ଗ ତାଲିକାରେ ଓଡ଼ିଶା ଟେବୁଲ ଟେନିସ୍ ଦଳ ୧୦ମ ସ୍ଥାନରେ ରହିଛି। ରାଜ୍ୟରେ ଏକ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ଆୟୋଜନ ହେବାକୁ ଯାଉଥିବାରୁ ଏହା ଆମ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ରାଜ୍ୟଗୋଷ୍ଠୀ ଅନ୍ତର୍ଗତ ୧୪ଟି ଦେଶର ଦଳ ଭାଗ ନେବେ। ଭାଗ ନେଉଥିବା ଦେଶଗୁଡ଼ିକ ହେଲେ ଭାରତ, ସିଙ୍ଗାପୁର, ମାଲେସିଆ, ବାଂଲାଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲାଣ୍ଡ, ୱେଲ୍ସ, ଜର୍ସି, ଅଷ୍ଟ୍ରେଲିଆ, ସାଇପ୍ରସ, ଦକ୍ଷିଣ ଆଫ୍ରିକା, ନାଇଜେରିଆ ଓ ପାକିସ୍ତାନ। ଏହି ଚାମ୍ପିୟନଶିପ୍‌ରେ ପୁରୁଷ ଟିମ୍ ଓ ମହିଳା ଟିମ୍ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଇଭେଣ୍ଟ ହେବ।

ସ୍ୱତନ୍ତ୍ର କ୍ଲବ୍‌ରେ ସାମି



ନୂଆଦିଲ୍ଲୀ,୧୧୭: ଭାରତୀୟ ପେସର ମହମ୍ମଦ ସାମି ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ୫ ଉଇକେଟ ନେଇଛନ୍ତି। ଏଥିସହିତ ସେ ବିଶ୍ୱକପ୍‌ରେ କ୍ରମାଗତ ୩ଥର ୪ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବା ବୋଲରଙ୍କ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ସାମିଙ୍କ ବ୍ୟତୀତ ପାକିସ୍ତାନର ପୂର୍ବତନ ସ୍ପିନର ଶାହିଦ ଆଫ୍ରିଦୀ ଏହି କ୍ଲବ୍‌ରେ ରହିଛନ୍ତି। ଆଫ୍ରିଦୀ ୨୦୧୧ ବିଶ୍ୱକପ୍‌ରେ କ୍ରମାଗତ ୩ ମ୍ୟାଚ୍‌ରେ ୪ ଉଇକେଟ ନେଇଥିଲେ। ସାମି ଇଂଲଣ୍ଡ ବିପକ୍ଷରେ ୬୯ ରନ୍ ବ୍ୟୟକରି ଜନି ବେୟାରଷ୍ଟୋ, ଜୋ ରୁଟ୍, ଇଆନ ମୋର୍ଗାନ, ଜୋସ୍ ବଟଲର ଓ କ୍ରିସ୍ ୱୋକ୍ସଙ୍କ ଉଇକେଟ ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ୍। ଏହି ମ୍ୟାଚ୍ ପୂର୍ବରୁ ୨୮ ବର୍ଷୀୟ ବୋଲର ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ବିପକ୍ଷରେ ୪ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଭର୍ଷ୍ଟାପେନ ଚାମ୍ପିୟନ

ସ୍ପିଏଲ୍‌ବର୍ଗ (ଅଷ୍ଟ୍ରିଆ), ୧୭ (ଏଏଫ୍‌ପି)

ରବିବାର ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରି ପ୍ରତିଯୋଗିତାରେ ରେଡ୍ ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। ରେସ୍ ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ୨ ଲ୍ୟାପ୍‌ରେ ଫେରାରିର ଚାର୍ଲସ ଲେକ୍‌ଲର୍କଙ୍କୁ ପଛରେ ପକାଇ ଭର୍ଷ୍ଟାପେନ ବାଜିମାତ୍ କରିନେଇଥିଲେ। ୨୧ ବର୍ଷୀୟ ବେଲଜିଆନ ଡ୍ରାଇଭର ଭର୍ଷ୍ଟାପେନଙ୍କ କ୍ୟାରିୟରର ଏହା ୬ଷ୍ଠ ବିଜୟ ଥିଲା। ୭୧ ଲ୍ୟାପ୍ ବିଶିଷ୍ଟ (ପ୍ରତି ଲ୍ୟାପ୍= ୪.୩୧୮ କି.ମି.) ଏହି ରେସ୍‌କୁ ସେ ମୋଟ୍ ଏକ ଘଣ୍ଟା ୨୨ ମିନିଟ୍ ୧.୮୨୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫେରାରୀର ଚାର୍ଲସ ଲେକ୍‌ଲର୍କ +୨.୭୨୪ ସେକେଣ୍ଡ ଅଧିକ ସମୟ ନେଇ ୨ୟ ଓ ମର୍ସିଡିଜ ଡ୍ରାଇଭର ଭାଲଟେରି ବୋଟ୍ଟାସ (+୧୮.୯୬୦) ୩ୟ ସ୍ଥାନରେ ରହିଥିଲେ। ଏହି ବିଜୟ ସହ ଭର୍ଷ୍ଟାପେନ ମର୍ସିଡିଜର ଅପରାଜେୟ ଧାରାରେ ରୋକ୍ ଲଗାଇବାରେ ସଫଳ ହୋଇଛନ୍ତି। ଅନ୍ୟତମ ମର୍ସିଡିଜ ଡ୍ରାଇଭର ତଥା ପାଞ୍ଚଥରର ଚାମ୍ପିୟନ ଲୁଇସ ହାମିଲଟନ ତାଲିକାର ୫ମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।

ଜୋକୋଭିଚ୍, ଆଣ୍ଡରସନ ଦ୍ୱିତୀୟ ରାଉଣ୍ଡରେ

ଲଣ୍ଡନ, ୧୭

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବେଲଡନ ଓପନ ସୋମବାରଠାରୁ ଆରମ୍ଭ ହୋଇଛି। ଏହାର ପୁରୁଷ ସିଙ୍ଗଲ୍ସରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଦକ୍ଷିଣଆଫ୍ରିକାର କେଭିନ ଆଣ୍ଡରସନ ପ୍ରମୁଖ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଜର୍ମାନୀର କୋଲଶ୍ଚର୍ବରଙ୍କୁ ୬-୩, ୭-୫ ୬-୩ ସେଟରେ ପରାସ୍ତ କରିଛନ୍ତି। ସେହିପରି ଆଣ୍ଡରସନ ୬-୩, ୬-୪, ୬-୨ ସେଟରେ ପିଏରେ-ହ୍ୟୁଗ୍ସ ହର୍ବର୍ଟଙ୍କୁ ହରାଇ ଦେଇଛନ୍ତି। ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ୬୩, ୬-୨ ୬-୨ ସେଟରେ ରୁବେନ ବେମେଲମାନ୍ସଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ମାଡିସନ କିଜ୍ ୬-୩, ୬-୨ ସେଟ୍‌ରେ ଥାଇଲାଣ୍ଡର ଲୁକସିକା କୁମଖୁମ୍‌ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା ୭-୫, ୬-୦ରେ ଡାରିଆ ଗାଭ୍ରିଲୋଭାଙ୍କୁ, ସିମୋନା ହାଲେପ ୬-୪, ୭-୫ ସେଟ୍‌ରେ ଆଲେକସାଣ୍ଡ୍ରା ସାସ୍‌ନୋଭିଚ୍, ଆନାସ୍ତାସିଜା ସେବାସ୍ତୋଭା ୬-୩, ୬-୪ରେ କ୍ରିଷ୍ଟି ଆହନ, କାରୋଲିନା ପ୍ଲିସକୋଭା ୬-୨, ୭-୬(୭/୪) ସେଟ୍‌ରେ ଝୁ ଲିନ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ମାଡିସନ କିଜ୍ ରିଟର୍ନ ଶଟ୍ ଖେଳୁଛନ୍ତି।

ବିଜୟ ହାସଲ ପରେ କେଭିନ ଆଣ୍ଡରସନ।

ଟ୍ରଫି ସହ ଚାମ୍ପିୟନ ସ୍ପେନ୍ ଖେଳାଳିଙ୍କ ସେଲିବ୍ରେଶନ୍।

ସ୍ପେନ୍ ୫ମ ଥର ୟୁରୋପ ଚାମ୍ପିୟନ

ଉଡିନେ (ଇଟାଲି), ୧୭ (ଏଏଫ୍‌ପି): ଗତଥରର ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଏନ ରୁଇଜ୍ (୭ମ ମିନିଟ) ଓ ଡାନି ଓଲ୍‌ମୋ (୬୯ତମ ମିନିଟ) ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ପକ୍ଷରୁ ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକି ଥିବାବେଳେ ନାଦିମ ଆମ୍‌ରି ଏକ ଗୋଲ ସ୍କୋର କରିଥିଲେ।

୨୧ ବର୍ଷରୁ କମ୍ ଫୁଟ୍‌ବଲ

ଏହି ବିଜୟ ଦ୍ୱାରା ଦୁଇ ବର୍ଷ ପୂର୍ବେ ଫାଇନାଲରେ ଜର୍ମାନୀ ନିକଟରୁ ୧-୦ ଗୋଲରେ ପରାଜୟର ପ୍ରତିଶୋଧ ନେଇ ପାରିଛି ସ୍ପେନ୍। ୨୦୧୩ ପରେ ସ୍ପେନ୍ ପୁଣି ଚାମ୍ପିୟନ ହୋଇପାରିଛି। ଏଥିସହିତ ୫ଥର ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ଇଟାଲୀ ସହିତ ସମକକ୍ଷ ହୋଇ ପାରିଛି। ଜର୍ମାନୀ କୋଚ୍ ଷ୍ଟିଫାନ୍ କୁଞ୍ଜ୍ କହିଛନ୍ତି ମ୍ୟାଚ ଜିତିପାରି ନ ଥିବାରୁ ଆମେ ଦୁଃଖିତ, କିନ୍ତୁ ସ୍ପେନ ଆମଠାରୁ ଭଲ ଖେଳିଥିଲା।

ପରାଜୟରୁ ଭାରତ ଶିଖିବା ଉଚିତ

ସୌରଭ ଗାଙ୍ଗୁଲି

ବିଶ୍ୱକପରେ କୌଣସି ଦଳ ଅପରାଜେୟ ଭାବେ ଆଗକୁ ବଢ଼ିବା କ୍ୱଚିତ ଦେଖିବାକୁ ମିଳିଥାଏ। ଚଳିତ ଥର ମଧ୍ୟ ତାହା ଦେଖିବାକୁ ମିଳିଲା। ଅପରାଜେୟଭାବେ ଆଗଉଥିବା ଭାରତ ଇଂଲଣ୍ଡଠାରୁ ପରାଜିତ ହେଲା। ତେବେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରି ସଫଳ ପ୍ରତ୍ୟାବର୍ତ୍ତନ କରିବାନେଇ ମୁଁ ଆଶାବାଦୀ। ଭାରତର ସେମିଫାଇନାଲ ପ୍ରବେଶ କେବଳ ସମୟ ଉପରେ ନିର୍ଭର କରୁଛି। ବର୍ତ୍ତମାନର ଫର୍ମାଟ ଅନୁସାରେ ପଏଣ୍ଟ ଅପେକ୍ଷା ଶୀର୍ଷ ୪ ଦଳ ନିର୍ଦ୍ଦିଷ୍ଟ ଦିବସରେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ। ୨୦୧୧ ବିଶ୍ୱକପ ଅଭିଜ୍ଞତା ଦୃଷ୍ଟିରୁ ଭାରତୀୟ ଦଳ ନିଜ ଉପରେ ଭରସା ରଖିବା ଉଚିତ। ଗ୍ରୁପ ପର୍ଯ୍ୟାୟରେ ଦଳ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲେ ହେଁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ ଚାମ୍ପିୟନ ହୋଇଥିଲା।

ଇଂଲଣ୍ଡ ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ଏକଦିବସୀୟ କ୍ରିକେଟରେ ଏଭଳି ପ୍ରଦର୍ଶନ ପାଇଁ ସେମାନେ ଗତ କିଛିବର୍ଷଧରି ନିଜକୁ ପ୍ରସ୍ତୁତ କରି ଆସୁଥିଲେ। ଜାସନ ରୟଙ୍କ ପ୍ରତ୍ୟାବର୍ତ୍ତନ ଦଳପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେଲା। ଜାସନ ଓ ଜନି ବେୟାରଷ୍ଟୋ ବଢ଼ିଆ ଖେଳି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ।

SEAGRAM'S
ROYAL STAG
MEGA MUSIC CDs

ଅନ୍ୟ ଦଳର ଖେଳାଳିମାନେ ଯାହା କରିପାରି ନ ଥିଲେ ତାହା ସେମାନେ କରି ଦେଖାଇଲେ। ସେମାନେ ବୁମ୍‌ରା ଓ ସାମିଙ୍କ ବିପକ୍ଷରେ ସକାରାତ୍ମକ ଖେଳି ସ୍ପିନରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ପ୍ରଥମ ୧୦ ଓଭର ସେମାନେ ଉଇକେଟ ହରାଇବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରିବା ଉଚିତ। ଚଳିତ ବିଶ୍ୱକପରେ କୌଣସି ଦଳ ପ୍ରଥମଥରପାଇଁ ଟସ ଜିତି ଭାରତକୁ ପ୍ରଥମେ ପ୍ରଥମେ ବୋଲିଂ କରିବାକୁ ନିମନ୍ତ୍ରଣ କଲା। ଏପରି ଚ୍ୟାଲେଞ୍ଜ ଭାରତୀୟ ଦଳ ପୂର୍ବରୁ କେବେ ପାଇ ନଥିଲା। ଏଥିରେ ଦଳ ଅସଫଳ ହୋଇଥିବାରୁ ଭବିଷ୍ୟତରେ ରନ ଚେଜ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ।

ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଚମତ୍କାର ଖେଳିଲେ। ରୋହିତଙ୍କ ପାଇଁ ଏହି ବିଶ୍ୱକପ ସ୍ମରଣୀୟ ହୋଇଛି। ସେ ଓ କୋହଲି ସହଜରେ ଖେଳିଥିଲେ ସତ, ମାତ୍ର ପ୍ରଥମ ୧୦ ଓଭର ସଂଘର୍ଷ କରିଥିଲେ ବୋଲି ନିଶ୍ଚିତ ସ୍ୱୀକାର କରିବେ। ମିଡଲ ଅର୍ଡରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ସବୁକିଛି ଠିକ୍ ଅଛି ବୋଲି ମୋର ଅନୁଭବ ହେଉଛି। ରିଷଭ ପନ୍ତ ପ୍ରଥମ ମ୍ୟାଚରେ ଭଲ ଖେଳିଛନ୍ତି। ତାଙ୍କ ଉପସ୍ଥିତିରେ ବୃହତ୍ ରନ ଚେଜ୍ କ୍ଷେତ୍ରରେ କୋହଲି ଓ ରୋହିତ ଅଧିକ ଆକ୍ରମଣାତ୍ମକ ଖେଳି ପାରିବେ।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଭାରତ ଆଉଟିକେ ଆଗରୁ ବିଶେଷ କରି ଶେଷ ୭ ଓଭରରେ ଉଦ୍ୟମକୁ ଜୋରଦାର କରିବାର ଥିଲା। ସେମାନଙ୍କୁ ରନର ପାହାଡ ଚଢ଼ିବାକୁ ଥିବାବେଳେ ଉଭୟ ପ୍ଲଙ୍କେଟ ଓ ଆର୍ଚେର ତାହା ହେବାକୁ ଦେଇ ନ ଥିଲେ। ଏପରି ସ୍ଥିତିରେ ଧୋନୀ ଓ ଯାଦବ ପ୍ରତି ଓଭରରେ ଗୋଟିଏ ଲେଖାଏ ଚୌକା ମାରିବାର ଥିଲା। ମାତ୍ର ଦୁର୍ଭାଗ୍ୟଜନକଭାବେ ତାହା ହୋଇପାରି ନ ଥିଲା। ଏହାର ପ୍ରତିଫଳନ ଖବରଦାତା ସମ୍ମିଳନୀରେ ଦେଖିବାକୁ ମିଳିଥିଲା। କୋହଲି ନିରାଶବ୍ୟକ୍ତ କରିଥିଲେ। ଏହା କରିବାର ସମ୍ପୂର୍ଣ୍ଣ ଅଧିକାର କୋହଲିଙ୍କର ରହିଛି।

-(ଗେମ୍‌ପ୍ଲାନ)

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୨/୨୦୧୯ Sambalpur, Tuesday, July 2 / 2019

■ପେଟ୍ରୋଲ ପମ୍ପରୁ ସେବାଶ୍ରମ ଛାତ୍ରୀ ଉଦ୍ଧାର ଘଟଣା, ଆଶ୍ରମ ବାହାରକୁ କେମିତି ଗଲେ ଛାତ୍ରୀ

କୈଫିୟତ ମାଗିଲେ ଅଧିକାରୀ

ସମ୍ବଲପୁର,୧୭(ବ୍ୟୁରୋ)

ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ପରମାଣପୁର ପେଟ୍ରୋଲ ପମ୍ପରୁ ଶନିବାର ଭୋର୍‌ରୁ ପୋଲିସ ଖୁଲିଆ ସେବାଶ୍ରମ ସ୍କୁଲର ଜଣେ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣା ସମ୍ପର୍କରେ ସୋମବାର କେବଳ ଧରିତ୍ରୀରେ ଖବର ପ୍ରକାଶ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁମୋହନ ଦାସ ସୋମବାର ସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, କେୟାର୍‌ଟେକର ଓ ଛାତ୍ରୀମାନଙ୍କ ବୟାନ ରେକର୍ଡ କରିଛନ୍ତି ଦାସ। ସ୍କୁଲରେ ଏତେଜଣ କର୍ମଚାରୀ ନିୟୋଜିତ ଥାଇ ମଧ୍ୟ ଛାତ୍ରୀ ଜଣକ କେମିତି ବାହାରକୁ ଗଲେ ବୋଲି ସେ ପ୍ରଶ୍ନ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ଅବହେଳା ହୋଇଥିବା ନେଇ କର୍ମଚାରୀମାନଙ୍କୁ ସେ ତାଗିଦ୍ କରିବା ସହ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସ୍କୁଲର ସମସ୍ତ କର୍ମଚାରୀ ସୋମବାର ସନ୍ଧ୍ୟା ସୁଦ୍ଧା କାରଣ ଦର୍ଶାଇ ରିପୋର୍ଟ ଦେବାକୁ ଦାସ ନିର୍ଦ୍ଦେଶ ଦେଇଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପୀଡ଼ିତା ଛାତ୍ରୀଙ୍କର ଯଦି କୌଣସି ସମସ୍ୟା କିମ୍ବା ମନରେ ଭୟ ରହିଥିବ ତେବେ ତାଙ୍କ ସହ ଓ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରାଯିବ। ଆଗକୁ ପାଠ ପଢ଼ିବା ପାଇଁ ଚାହିଁଲେ ନିଶ୍ଚୟ ସ୍କୁଲରେ ପଢ଼ିପାରିବେ ବୋଲି ଦାସ କହିଥିଲେ। ସୂଚନାଯୋଗ୍ୟ, ଏହି ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଶନିବାର ଭୋର୍ ସମୟରେ ପୋଲିସ ପରମାଣପୁର ପେଟ୍ରୋଲ ପମ୍ପରୁ ଉଦ୍ଧାର କରିଥିଲା। ଛାତ୍ରୀ ଜଣକ କାନ୍ଦି କାନ୍ଦି ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ସହଯୋଗ ମାଗିଥିଲେ। ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ପାଖରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ତାଙ୍କ ପରିବାର

■ସୁରକ୍ଷା ବ୍ୟବସ୍ଥାରେ ଅବହେଳା ନେଇ ସ୍ୱୀକାର

■ପୂର୍ବରୁ ବିବାଦରେ ରହିଛି ସ୍କୁଲ

ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ଛାତ୍ରୀଙ୍କ ବାପା ଶନିବାର ଶାସନ ଥାନାରେ ଆଶ୍ରମ ସ୍କୁଲର କେୟାରଟେକରଙ୍କ ବିରୋଧରେ ଅଭିଯୋଗ କରିଥିଲେ। କେୟାରଟେକର ଜଣକ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ ମିଶି ଛାତ୍ରୀଙ୍କୁ ବାଇକ୍‌ରେ ନେଇ ପେଟ୍ରୋଲ ପମ୍ପରେ ଛାଡ଼ି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ପୂର୍ବରୁ ଏହି ସ୍କୁଲ ବିବାଦରେ ରହିଆସିଛି। ସ୍କୁଲରେ ୧୧୦ ଛାତ୍ରୀ ରହିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ୧୫୦ ଛାତ୍ରୀଙ୍କ ଉପସ୍ଥାନ ଦର୍ଶାଯାଉଥିଲା। ଏପରି କି ବାହାରୁ ପଢ଼ି ଆସୁଥିବା ଛାତ୍ରୀଙ୍କୁ ମଧ୍ୟ ହଷ୍ଟେଲରେ ନାମ ଲେଖାଇ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଡ୍ରେସ୍, ମଶାରି, କମ୍ବଳ ଓ ଅନ୍ୟାନ୍ୟ ସାମଗ୍ରୀ କିଣାବିକାରେ ମଧ୍ୟ ଦୁର୍ନୀତି ହୋଇଥିବା ଅଭିଯୋଗ ଥିଲା। ସୂଚନା ଅଧିକାର ଆଇନ ବଳରେ ଜଣେ ସଞ୍ଜୟ ଛୁରିଆ ଏ ସମସ୍ତ ତଥ୍ୟ ପାଇ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ବର୍ଷେ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ମଙ୍ଗଳ ଅଧିକାରୀ ଦାସ କହିଛନ୍ତି, ପୂର୍ବରୁ ଅଧିକ ଉପସ୍ଥାନ ରହିଥିଲା। ହେଲେ ଏବେ ସ୍କୁଲରେ ୧୦୫ ଛାତ୍ରୀ ରହିଛନ୍ତି। କୌଣସି ସ୍କୁଲରେ ଅଧିକ ଛାତ୍ରୀ ରହିପାରିବେ ନାହିଁ। ଏ ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ପୂର୍ବ ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି ବୋଲି ଦାସ କହିଥିଲେ।

ବୃଦ୍ଧାଙ୍କୁ ବଳାତ୍କାର, ଥାନାରେ ଏତଲା

ବଡଗାଁ,୧୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଶଙ୍କରାପୋଷ ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ବୃଦ୍ଧାଙ୍କ ଡାକ୍ତରୀ ମାଇନା କରାଯିବ । ଅଭିଯୋଗ ମୁତାବକ, ବୃଦ୍ଧା ଜଣକ ଶୁକ୍ରବାର ଘରେ ଏକାକୀ ଶୋଇଥିଲେ। ଏହାରି ସୁଯୋଗ ନେଇ ଜଣେ ବ୍ୟକ୍ତି ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ । ବଳାତ୍କାରୀ ମୁହଁରେ କପଡା ବାନ୍ଧି ଥିବାରୁ ତାଙ୍କୁ ଚିହ୍ନି ପାରି ନ ଥିବା ପୀଡିତା କହିଛନ୍ତି।

ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ

ଭୁବନେଶ୍ୱର, ୧୭(ବ୍ୟୁରୋ)

ଦୂରଦର୍ଶନରେ ଆସନ୍ତା ୪ତାରିଖ ଦିନ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ସକାଳ ୮ଟା ୩୦ରୁ ରଥଟଣା ଶେଷ ପର୍ଯ୍ୟନ୍ତ, ଡିଡି ନ୍ୟାଶନାଲରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ଡିଡି ଭାରତୀ, ଡିଡି ଇଣ୍ଡିଆ ଓ ଡିଡି ବଙ୍ଗଳାରେ ସକାଳ ସାଢ଼େ ୮ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ପ୍ରସାରଣ ହେବ। ଓଡ଼ିଆ, ହିନ୍ଦୀ, ଇଂଲିଶ, ସଂସ୍କୃତ ତଥା ବଙ୍ଗଳା ଭାଷାରେ ଧାରା ବିବରଣୀ ସହ ପ୍ରସାରଣ କରାଯିବ। ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର ଦ୍ୱାରା ଶ୍ରୀଗୁଣ୍ଡିଚା ଯାତ୍ରାର ୱେବ୍‌କାଷ୍ଟ http://rathajatra.nic.in/rathjatra.htmlରେ ପ୍ରସାରିତ ହେବ। ସେହିପରି www.youtube.com/c/ddodisha ମାଧ୍ୟମରେ ରଥଯାତ୍ରାର ଲାଇଭ୍ ଷ୍ଟ୍ରିମିଙ୍ଗ କରାଯିବ। ହ୍ୱାଟ୍‌ସଆପ୍ ମାଧ୍ୟମରେ ଦର୍ଶକଙ୍କ ରଥଯାତ୍ରା ସମ୍ବନ୍ଧୀୟ ଜିଜ୍ଞାସା ତଥା ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଦ୍ୱାରା ସିଧା ପ୍ରସାରଣ ସହ ସଂଯୋଗ କରାଯିବ। ଦର୍ଶକଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶ୍ନୋତ୍ତରୀ ବ୍ୟବସ୍ଥା ହେବ। ୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଏବଂ ସନ୍ଧ୍ୟା ୬ଟାରେ ଡିଡି ନ୍ୟାଭନୋଲରେ ହିନ୍ଦୀରେ ରଥଯାତ୍ରା ପ୍ରସ୍ତୁତି ପର୍ବର ପ୍ରସାରଣ ହେବ। ସେହିପରି ଓଡ଼ିଆରେ ୩ ତାରିଖ ସକାଳ ସାଢ଼େ ୮ଟା ଓ ରାତି ୧୦ଟାରେ ପ୍ରସାରଣ ହେବ।

ସେହିପରି ୧୨ତାରିଖ ଦିନ ସକାଳ ୯ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ବାହୁଡ଼ା ଯାତ୍ରାର ସିଧା ପ୍ରସାରଣ ହେବ। ୧୩ ତାରିଖ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ସୁନାବେଶ, ୧୪ ତାରିଖ ସନ୍ଧ୍ୟା ୬ଟାରୁ ଅଧରପଣା, ୧୫ ତାରିଖ ଅପରାହ୍ନ ୪ରୁ ନୀଳାଦ୍ରିବିଜେର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ୨ତାରିଖ ଦିନ ସକାଳ ସାଢ଼େ ୮ଟା ଓ ରାତି ସାଢ଼େ ୮ଟାରେ ଗଜପତି ମହାରାଜଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପର ପ୍ରସାରଣ ହେବ ବୋଲି ସୋମବାର ଦୂରଦର୍ଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୋଗ୍ରାମ ହେଡ୍ ନିଳାଦ୍ରୀ ମୋହନ ଶତପଥୀ, ଡେପୁଟି ଡାଇରେକ୍ଟର ଜେନେରୋଲ(ଇଞ୍ଜିନିୟର) ଧ୍ରୁବ ନନ୍ଦ, ଭିଡିଓ ଏକ୍‌ଜିକ୍ୟୁଟିଭ୍ ପାର୍ଥସାରଥୀ ମିଶ୍ର, ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦିପ୍ତୀ ମିଶ୍ର ଓ ପ୍ରବୋଧ କୁମାର ପଟ୍ଟନାୟକ, ସିନିୟର ଆଡ଼ମିନିଷ୍ଟ୍ରେଟିଭ ଅଫିସର ନୃପଲାଲ ଚାନ୍ଦ, ଡାଇରେକ୍ଟର ଇଞ୍ଜିନିୟରିଂ ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ମହିଳା କନଷ୍ଟେବଲଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ

ରେଙ୍ଗାଲି,୧୭(ଡି.ଏନ୍.ଏ.)

ରେଙ୍ଗାଲି ପଣସପଡ଼ା ଅଞ୍ଚଳର ସବିତା ଓରାମଙ୍କ ରେଙ୍ଗାଲି ଏସ୍‌ବିଆଇ ଶାଖାରେ ଥିବା ସେଭିଙ୍ଗସ ଆକାଉଣ୍ଟ (ସଞ୍ଚୟ ଖାତା)ରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଇଛି। ସବିତା ସମ୍ବଲପୁର ଟାଉନଥାନାରେ କନଷ୍ଟେବଲ ଅଛନ୍ତି। ଗତ ୨୮ ତାରିଖ ଦିନ ସେ ସମ୍ବଲପୁର ଗୋଲବଜାରସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ଯାଇଥିଲେ। କିନ୍ତୁ ତାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ବାଲାନ୍ସ ନ ଥିବାରୁ ଟଙ୍କା ବାହାରି ନ ଥିଲା। ଏଥିରେ ସେ ଆଶ୍ଚର୍ଯ୍ୟ ହୋଇ ବାଲାନ୍ସ ଚେକ୍ କରିବାରୁ ଜାଣିବାକୁ ପାଇଲେ ଯେ ତାଙ୍କ ଆକାଉଣ୍ଟରେ ମାତ୍ର ୬୩୭ ଟଙ୍କା ୪୩ ପଇସା ଅଛି। ଏ ନେଇ ସେ ବ୍ୟାଙ୍କ ଶାଖାକୁ ଆସି ଅଭିଯୋଗ କରିଥିଲେ। ବ୍ୟାଙ୍କ ପକ୍ଷରୁ ତଦନ୍ତ କରାଯିବା ପରେ ଜଣାପଡ଼ିଥିଲା ଯେ ତାଙ୍କ ଆକାଉଣ୍ଟରୁ ୪ ପର୍ଯ୍ୟାୟରେ ୧ ଲକ୍ଷ ୫୧ ହଜାର ଟଙ୍କା ଉଠାଣ ଓ ଟ୍ରାନ୍ସଫର ହୋଇଛି। ସବିତା ତାଙ୍କ ଏଟିଏମ୍ କାର୍ଡ ନିଜ ପାଖରେ ରଖିଥିବା ବେଳେ କିପରି ଆକାଉଣ୍ଟରୁ ଏତେ ଟଙ୍କା ଉଠାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଏବଂ ବ୍ୟାଙ୍କର ମିଳିତ ଉଦ୍ୟମରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ଧରାପଡ଼ିବେ ବୋଲି ଶାଖା ପରିଚାଳକ ପ୍ରକାଶ କରିଛନ୍ତି।

ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ଜୟପାଟଣା,୧୭(ଡି.ଏନ.ଏ.)

ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହାର ୨୪ ଘଣ୍ଟା ନ ପୁରୁଣୁ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଜୟପାଟଣା ବ୍ଲକ୍ ବାଣ୍ଡିଗାଁ ପଞ୍ଚାୟତ ଅନ୍ତର୍ଗତ ନାଇକାଣିଗୁମା ଗ୍ରାମରେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ଶାନ୍ତି ଶବର (୨୫)। ଶାନ୍ତିଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରିଥିବା ଜୟପାଟଣା ଥାନାରେ ତାଙ୍କ

ଅଭିଯୁକ୍ତ ଦୁର୍ବଳ ଶବର।

ମା' ଅଭିଯୋଗ କରିଛନ୍ତି। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନର ୩୦୨ରେ ଏକ ମାମଲା (ନଂ. ୧୭୪/୧୯) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତ ଦୁର୍ବଳ ଶବର (୩୦)ଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ବ୍ଲକ୍ ଅନ୍ତର୍ଗତ ବାଣ୍ଡିଗାଁ ପଞ୍ଚାୟତର ନାଇକାଣିଗୁମା ଗ୍ରାମରେ ଦୁର୍ବଳ ଏବଂ ତାଙ୍କ ସ୍ତ୍ରୀ ଶାନ୍ତି ରହୁଥିଲେ। ରବିବାର ରାତି ପ୍ରାୟ ୨ଟା ବେଳେ ଶାନ୍ତି ଫୋନ୍ ଯୋଗେ ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିବା ନେଇ ମା' ମଥୁରାଙ୍କୁ ଜଣାଇଥିଲେ। ସୋମବାର ସକାଳେ ଶାନ୍ତିଙ୍କ ମୃତଦେହ ଘରେ ପଡ଼ିଥିଲା। ପଡ଼ୋଶୀ ଲୋକଙ୍କଠାରୁ ଖବର ପାଇ ଶାନ୍ତିଙ୍କ ପରିବାରବର୍ଗ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଜୟପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଦୁଇମୁଣ୍ଡିଆ ବୋଡା ଛୁଆ ଉଦ୍ଧାର

ପୁରୁଣାକଟକ, ୧୭(ଡି.ଏନ.ଏ)

ହରଭଙ୍ଗା ବ୍ଲକ ବଡବନ୍ଧ ଗ୍ରାମର ସୁଧାଂଶୁ ଶେଖର ପାତ୍ରଙ୍କ ଘରୁ ସୋମବାର ଏକ ଦୁଇ ମୁଣ୍ଡିଆ ବୋଡା ସାପ ଛୁଆ ଉଦ୍ଧାର କରାଯାଇଛି । ନିଜ ଘର ଫାଉଣ୍ଡେସନ ଖୋଳା ଯାଉଥିବା ସମୟରେ ସୁଧାଂଶୁ ଏହି ସାପଛୁଆକୁ ଦେଖିଥିଲେ ଏବଂ ଉକ୍ତ ସାପକୁ ଉଦ୍ଧାର କରି ପୁରୁଣାକଟକ ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ଦୁଇମୁଣ୍ଡିଆ ସାପ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା ।

■କାଉଡ଼ୋଳା ଦିବ୍ୟାଙ୍ଗ ଭାଇବହେନ୍ ଘଟନା

ମୁଖ୍ୟମନ୍ତ୍ରୀଙ୍କର ଦପ୍ତରକେ ରିପୋର୍ଟ ଦେଲେ ଜିଲାପାଲ

ଭବାନୀପାଟଣା, ୧୭ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡ଼ୋଳା ଗାଁର ଦିବ୍ୟାଙ୍ଗ ଭାଇବହେନ୍‌କୁଁ ସାହାଯ୍ ଦେବାରେ ଜିଲା ପରଶାସନ୍ କେନ୍ ହିସାବେ ପଦକ୍ଷେପ ନେଇଛେ ତାହାର ରିପୋର୍ଟ ଗଲା ଶନିବାର ଜିଲାପାଲ ମୁଖ୍ୟମନ୍ତ୍ରୀଙ୍କର ଦପ୍ତରକେ ପଠେଇଛନ୍।

ଧରିତ୍ରୀ ପ୍ରଭାବ

ପୂରବର ସୂଚନା ଅନ୍‌ସାରେ କାଉଡ଼ୋଳା ଗାଁର ନୀଳାମ୍ବର ରାଉତଙ୍କର ପୁଓ ମକରନ୍ଦ(୧୯) ଆର ଝି'ଭୂମିସୂତା(୧୭) ଜନ୍ମୁ ଦିବ୍ୟାଙ୍ଗ। ହେଲେ ମକରନ୍ଦ ଭିନ୍ନକ୍ଷମ ଭତା ପାଉଥିଲାବେଲେ ଭୂମିସୂତା ଦିବ୍ୟାଙ୍ଗ ପରମାନପତର ଅଭାବୁ ଭାତାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଦୁଇ ଭାଇଭହେନ୍ ଦିବ୍ୟାଙ୍ଗ ହିସାବେ ଯେନ୍ ସବୁ ସରକାରୀ ସୁବିଧା ସୁଯୋଗ ପାଏବାର କଥା ସେଥିରୁ ବି ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗଲା ୨୨.୬.୨୦୧୯ ଶନିବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ସରକାରୀ ସାହାଯ୍ୟରୁ ବଁଚିତ୍ ଦିବ୍ୟାଙ୍ଗ ଭାଇବହେନ୍' ଶୀରଷକ୍‌ରେ ଖବର ବାହାରିଥିଲା। ସେନ୍‌ତା ମୁଖ୍ୟମନ୍ତ୍ରୀଙ୍କର ଦପ୍ତରରୁ କଳାହାଣ୍ଡି ଜିଲାପାଲଙ୍କୁଁ ଘଟନାର ତଦଁତ୍ କରି ରିପୋର୍ଟ ଦେବାକେ ନିରଦେଶ ଆସିଥିଲା। ଜିଲାପାଲଙ୍କର ନିରଦେଶରେ କୋକସରା ବିଡିଓ କାଉଡ଼ୋଳା ଯାଇ ଘଟନାର ତଦଁତ୍ କରିଥିଲେ। ଜିଲାପାଲ ତାକର ରିପୋର୍ଟରେ ମକରନ୍ଦ ଜିଲା ମେଡିକାଲ ବୋର୍ଡରୁ ୮୦% ପରତିଶତ ଭିନ୍ନକ୍ଷମ ପରମାନପତର ପାଇ ୨୦୦୭ ସାଲୁ ୫ଶହ ଟଁକା ଭତା ପାଉଛନ୍। ସେ ୬୦% ପରତିଶତରୁ ଅଧିକା ଭିନ୍ନକ୍ଷମ ଥିବାର ଲାଗି ତାକର ଭତାକେ ୫ଶହରୁ ୭ଟଁକା କରାଯାଇଛେ। ଆଏବା ମାସଠାନୁ ସେ ଭତା ବାବ୍‌ଦେ ୭ଶହ ଟଁକା ପାଏବେ। ହେଲେ ଭୂମିସୂତା ଆଏଜ୍‌ତକ୍ ଭିନ୍ନକ୍ଷମ ପରମାନପତର ନାଇଁ ପାଇ କି ତାକର ଆଧାର କାର୍ଡ ନାଇଁନା ଇଥିରଲାଗି ପରଶାସନ ତରଫୁ ବେବସ୍‌ତା କରାଯାଉଛେ। ଗଲା ୨୪ ତାରିଖ ପରଶାସନ ତରଫୁ ଦୁଇ ଭାଇବହେନ୍‌କେ ଦୁଇଟା ହ୍ୱିଲ ଚେୟାର ଦିଆଯାଇଛେ। ନୀଳାମ୍ବରଙ୍କର ନାଁ ୨୦୧୯-୨୦ ଆରଥିକ ବଛରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଚଢ଼ାଯାଇଛେ। ସେନ୍‌ତା ପରିବାରଟା ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ପାଉଛନ୍। ଦୁଇ ଭାଇଭହେନ୍ ମକରନ୍ଦ ଆର ଭୂମିସୂତାଙ୍କର ଆଧାର କାର୍ଡ ନାଇଁଥିବାର ଲାଗି ତାହାକୁ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ନାଇଁ କରାଯାଇପାରି। ହେଲେ ଦୁଇ ଭାଇଭହେନ୍‌କର ସବୁ କାଗଜ୍‌ପତର ତିଆର କରି ନିୟମ ହିସାବେ ତାହାକୁ ସରକାରୀ ଯୋଜନାମାନକେ ସାମିଲ କରବାକେ କୋକସରା ବିଡିଓକୁଁ ନିରଦେଶ ଦିଆଯାଇଛେ ବଲି ଜିଲାପାଲ ମୁଖ୍ୟମନ୍ତ୍ରୀଙ୍କର ଦପ୍ତରକେ ଜନେଇଛନ୍।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨ ଜୁଲାଇ, ୨୦୧୯

ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ

ସଂକ୍ଷେପରେ

ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳୁନି ସହାୟତା

ଜାମଟିକ୍ରା, ୧୭ (ଡି.ଏନ.ଏ)
ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଯୋଜନା ପ୍ରଣୟନ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ପ୍ରକୃତ ହିତାଧିକାରୀ ସେସବୁ ଯୋଜନାର ଫାଇଦା ଉଠାଇ ପାରୁନାହାନ୍ତି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପରିବାରର ମୁଖ୍ୟ ମୃତ୍ୟୁବରଣ କଲେ ତାଙ୍କ ସମ୍ପର୍କୀୟଙ୍କୁ କୋଡିଏ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ମିଳିଥାଏ । ଏହି କ୍ରମରେ ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତର ଭୁର୍ଷିପାଲି ତୁରିପଡାର ପୂର୍ଣ୍ଣିମା ମାଝୀଙ୍କ ସ୍ୱାମୀ ପ୍ରାୟ ବର୍ଷେ ହେଲା ମୃତ୍ୟୁବରଣ କଲେଣି । ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ପୂର୍ଣ୍ଣିମା ୯ ମାସ ହେଲା ବ୍ଲକରେ ମୃତ୍ୟୁ ପ୍ରମାଣପତ୍ର ସହ ଅନ୍ୟ ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ସେ ଟଙ୍କା ପାଇନାହାନ୍ତି । ଏ ସମ୍ପର୍କରେ ଅତାବିରା ବ୍ଲକ ସାମାଜିକ ଶିକ୍ଷା ସଙ୍ଗଠକ ଭବାନୀ ମେହେରଙ୍କୁ ପଚାରିବାରୁ ସେ କହିଲେ, ଆମେ ଦୁଇ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିବା ୫୪ଜଣଙ୍କ ସମ୍ପର୍କୀୟଙ୍କୁ ମୋଟ ଟଙ୍କା ଦେଇସାରିଛୁ । ଆମ ପାଖରେ ଆଉ ଦୁଇ ବର୍ଷ ପରର ମୋଟ ୧୧ଟି ଫର୍ମ ଅଛି । ଆମେ ସେ ସବୁକୁ ଅନଲାଇନ କରିଛୁ । ଟଙ୍କା ତାଙ୍କ ଆକାଉଣ୍ଟରେ ଜମା ହେବ । ହେଲେ କେବେ ଟଙ୍କା ଜମା ହେବ ଆମେ କହିପାରିବୁ ନାହିଁ ବୋଲି ସେ କହିଥିଲେ ।

■ ଜିଲାପାଳ ଅଫିସରେ ଚାଷୀଙ୍କ ଚେତାବନୀ

ଧାନ ନ କିଣିଲେ ରାସ୍ତାରେ ପକାଇବୁ

ବରଗଡ଼ ଅଫିସ୍,୧୭

ବରଗଡ଼ ଜିଲାରେ ରବିବରୁ ଧାନ ସଂଗ୍ରହ ପ୍ରକ୍ରିୟା ଜଟିଳ ହୋଇ ପଡ଼ିଛି । ଜିଲାର ଅନେକ ମଣ୍ଡିରେ ଧାନ କିଣାବିକା ବନ୍ଦ ରହିବା ପରେ ଏହି ସମସ୍ୟା ବଢ଼ି ଚାଲିଛି। ଚାଷୀଙ୍କ ପାଖରେ ଥିବା ପରିଚୟପତ୍ର ମଧ୍ୟ ସେମାନଙ୍କ ପାଇଁ ଏବେ ବେକାର ହୋଇ ପଡ଼ିଛି । ପ୍ରଶାସନ ନିଜେ ପରିଚୟପତ୍ର ପ୍ରସ୍ତୁତ କରିଛି ଏବଂ ରବିବରୁ ଧାନ ସଂଗ୍ରହ ପ୍ରକ୍ରିୟାରେ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରି ପାରିବେ, ସେଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି । ମାତ୍ର ତଦନୁଯାୟୀ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଧାନ କିଣୁନାହିଁ । ଅନ୍ୟପଟେ ଧାନକ୍ରୟ ଲକ୍ଷ୍ୟ ପୂରଣ ହୋଇସାରିଥିବା, ଯାଞ୍ଚ ପରେ ଧାନ ଉଠାଯିବ ଭଳି ଅନେକ ଆଳ ଦେଖାଇ ପ୍ରଶାସନ କେବଳ ସମୟ ଗଡ଼ାଇ ଚାଲିଛି । ଫଳରେ ଏହାକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି ।

ସୋମବାର ଜିଲାର ରେମଣ୍ଡା, ଭେଡ଼େନ, ସଂକ୍ରୀଡ଼ା, ଝରାପାଲି, ବାଦପାଲି, ବୁର୍ଦ୍ଧା, କଲାପାଣି ଆଦି ଅଞ୍ଚଳର ଶତାଧିକ ଚାଷୀମାନେ ଜିଲାପାଳ ଅଫିସ ଆସିଥିଲେ । ମଣ୍ଡିରେ ଧାନ ସଂଗ୍ରହ କରା ନଯିବା

ଜିଲାପାଳ ଅଫିସରେ ଚାଷୀମାନେ ସିଏସଓଙ୍କୁ ଘେରିଛନ୍ତି।

ନେଇ ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ଜିଲା ଯୋଗାଣ ଅଧିକାରୀ (ସିଏସଓ) ଶ୍ରୀକର ମାଝି, ଅତିରିକ୍ତ ଜିଲାପାଳ ତପିରାମ ମାଝି ଚାଷୀଙ୍କ ସହିତ ସେ ନେଇ ଆଲୋଚନା କରିଥିଲେ। ମାତ୍ର ସିଏସଓ ମାଝି ଚାଷୀଙ୍କ ପାଖରେ ଥିବା ଧାନ କିଣାବିକା ନେଇ ଠୋସ୍ ପ୍ରତିଶ୍ରୁତି ଦେଇ ପାରି ନ ଥିଲେ । ଫଳରେ ଚାଷୀମାନେ ତାଙ୍କୁ ଘେରିଯାଇ ପାଟିତୁଣ୍ଡ କରିଥିଲେ। ଏହାପରେ ଆସନ୍ତା ୩ଦିନ ମଧ୍ୟରେ ଚାଷୀଙ୍କ ପାଖରେ ରହିଥିବା ଧାନ ଯାଞ୍ଚ କରି କିଣାଯିବା ବ୍ୟବସ୍ଥା କରାଯିବ ବୋଲି ସିଏସଓ ପ୍ରତିଶ୍ରୁତି ଦେଇଥିଲେ । ତେବେ ଚାଷୀମାନେ ସେତିକିରେ ସନ୍ତୁଷ୍ଟ ହୋଇ ନ ଥିଲେ ଏବଂ ଆସନ୍ତା ୩ଦିନ ମଧ୍ୟରେ ମଣ୍ଡିରେ ଧାନ ସଂଗ୍ରହ ସହିତ ତାକୁ କିଣାଯିବା ବ୍ୟବସ୍ଥା କରା ନ ଗଲେ ସବୁଧାନ ଆଣି ରାଜରାସ୍ତାରେ ଗଦା କରିବେ ବୋଲି ଚେତାବନୀ ଦେଇଥିଲେ ।

କେବଳ ଉପରୋକ୍ତ ଅଞ୍ଚଳର ଚାଷୀମାନେ ଏଭଳି ସମସ୍ୟାରେ ପଡ଼ିଛନ୍ତି, ତାହା ନୁହେଁ । ଜିଲାର ପ୍ରାୟ ପ୍ରତି ବ୍ଲକର ଚାଷୀମାନେ ସେମାନଙ୍କ ଚାହିଦା ମୁତାବକ ଅମଳ ଧାନ ନ ବିକୁଣି ମଣ୍ଡି ଗୁଡ଼ିକ ବନ୍ଦ କରି ଦିଆଯାଇଛି । ଜିଲା ପାଇଁ ରହିଥିବା ଧାନକ୍ରୟ ଲକ୍ଷ୍ୟ ପୂରି ସାରିଥିବା ଦର୍ଶାଇ ମଣ୍ଡି ଗୁଡ଼ିକୁ ସେଭଳି ବନ୍ଦ କରି ଦିଆଯାଇ ଥିବାବେଳେ ଜିଲା ବାହାରୁ ବେପାରୀ, ମିଲର୍ସ ମାଧ୍ୟମରେ ଆସିଥିବା ଧାନକୁ ଫଲ୍ସ ଏଣ୍ଟ୍ରି ମାଧ୍ୟମରେ କିଣାଯାଇ ଥିବାରୁ ସେଭଳି ପରିସ୍ଥିତି ଉପୁଜିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଯେହେତୁ ଜିଲା ପ୍ରଶାସନ ଚାଷୀ ପରିଚୟ ପତ୍ରକୁ ବାଧ୍ୟତାମୂଳକ କରି ସେଥିରେ ବିକ୍ରିଯୋଗ୍ୟ ଧାନ ପରିମାଣ ଉଲ୍ଲେଖ କରିଛି । ତଦନୁଯାୟୀ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଚାଷୀଙ୍କଠାରୁ ଧାନକ୍ରୟ କରାଯାଉ ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି ।

■ ଅଙ୍ଗନୱାଡ଼ିର କୁଠା ଅଭାବ:

କରମୀଙ୍କର ଘରେ ଚାଲିଛେ ପାଠ୍‌ପଢ଼ା

ଗଣ୍ଡତୁରୁମ, ୧୭ (ଡି.ଏନ.ଏ):

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍ ଅଧୀନ ମେହେନା ଗାଁର ୩ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରର ନିଜର କୁଠା ନାଁଇଁନ। ସେଥିରଲାଗି କେନ୍ଦ୍ରର କରମୀ ଝନକ ନିଜର ଘରେ ଛୁଆମାନକୁ ପାଠ୍ ପଢ଼ଉଛନ୍। କୁଠା ଅଭାବୁ କେନ୍ଦ୍ରଟା ୨୦୧୦ ସାଲୁ ଗାଁର ଜଗନ୍ନାଥ ଗୁଡ଼ି ପାସେଥିବାର କ୍ଲବ ଘରେ ଚାଲୁଥିଲା। ହେଲେ ବଛର କେତେ ହେଲା କ୍ଲବ ଘରର ଛାତୁ ସିମେଟ ଚରଡା ଛାଡ଼ବାର ସଂଗେ ବାରନ୍ଡାର ଗଛ୍‌ମାନ ଭାଂଗି ଗଲା। ଇ ସବୁ ଦେଖି କେନ୍ଦ୍ରର କରମୀ ଅଞ୍ଜଳୀ ଭଏନା ନିଜର ଘରେ ଛୁଆମାନକୁ ପାଠ୍ ପଢ଼ଉଛନ୍। ସେନ୍ତା ସହାୟିକା ସସ୍ମିତା ଜଉଡ଼ା ନିଜର ଘରେ ଖାଏଦ୍ ରାଁଧି ଛୁଆକୁ ଦେଉଥିବାର ଦେଖିବାକେ ମିଳୁଛେ। ଇ କେନ୍ଦ୍ରରେ ଏହେଦେ ୧୪ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଥିଲାବେଲେ ସେଥିରୁ ୧୦ ଛାତ୍ରୀ ଆର ୪ ଛାତ୍ର ରହିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାଏକଙ୍କୁ ପଚରାଲାରୁ ୨ ବଛର ହେଲା ଅଙ୍ଗନୱାଡ଼ି କେନ୍ଦ୍ର ତିଆରି ଲାଗି ଜାଗାଠାନ୍ ଠିକ୍ ହେଇଛେ, ବହୁତ୍ ଜଲ୍‌ଦି କାମ୍ ଆରମ୍ ହେବା ବଲି ସେ କହିଥିଲେ।

ବ୍ୟାଙ୍କର୍ସ ଡେ ପାଳିତ

ବ୍ୟାଙ୍କର୍ସ ଡେ ଉପଲକ୍ଷେ କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

ପୁରୁଣାକଟକ,୧୭(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସୋମବାର ବ୍ୟାଙ୍କ ଡେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶାଖା ପରିଚାଳକ ଗଗନ ବିହାରୀ ଦାସଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରରେ ବ୍ୟାଙ୍କରେ ଶୃଙ୍ଖଳା ଓ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ନେଇ ସମସ୍ତ କମକର୍ତ୍ତା ଶପଥ ନେଇଥିଲେ । ସୋମବାର ବ୍ୟାଙ୍କକୁ ଆସିଥିବା ସମସ୍ତ ଗ୍ରାହକଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

ବନ ମହୋତ୍ସବ ସପ୍ତାହରେ ଚାରାରୋପଣ

ପାଇକମାଳ,୧୭(ଡି.ଏନ.ଏ)

ଜୁଲାଇ ୧ରୁ ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି । ଏହି କ୍ରମରେ ପାଇକମାଳ ବ୍ଲକ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ମିଟିଙ୍ଗ ହଲ୍‌ରେ ଅଧକ୍ଷ ଲୋହିତ ବାରିକଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ମହେଶ ତାଣ୍ଡି ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ବଡ ସତପଥୀ ମୁଖ୍ୟବକ୍ତା, ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ, ସୁରଥ ସାହୁ, ପ୍ରଦୀପ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ଜୀବନଯାପନ କରିବାକୁ ହେଲେ ଚାରାରୋପଣର ନିହାତି ଆବଶ୍ୟକତା ଅଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ କଲେଜ ପରିସରରେ ଛାତ୍ରୀଛାତ୍ରୀଙ୍କ ସହ ଅତିଥି ଓ ଅଧ୍ୟାପକମାନେ ବିଭିନ୍ନ ପ୍ରକାର ବୃକ୍ଷ ଚାରା ରୋପଣ କରିଥିଲେ। ଶେଷରେ ପ୍ରଦୀପ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିନ୍ଧ୍ୟବାସିନୀ କଲେଜ ପରିସରରେ ଚାରାରୋପଣ କରାଯାଉଛି ।

ସେହିପରି ନୃସିହଂନାଥ ମନ୍ଦିର ବଗିଚା ପରିସରରେ ସାମ୍ବାଦିକ ଗୌରବ ଶୀତିକଣ୍ଠ ପାଟ ଯୋଶୀଙ୍କ ସ୍ମୃତିରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ପାଇକମାଳ ବିଡିଓ ସଦାଶିବ ନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବଡ ସତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁରଥ ସାହୁ , ଗୌରାଙ୍ଗ ଚରଣ ଦାସ, ରଞ୍ଜନ ମହେଶଦାନୀ, ବିଭୂତି ଭୂଷଣ ମୁଣ୍ଡ, ସୁବୋଧ ପଣ୍ଡା ପ୍ରମୁଖ ଯୋଗଦେଇ ପାଟଯୋଷୀଙ୍କର ଜୀବନୀ ଉପରେ ଆଲୋଚନା କରିଥିଲେ। ଏହାପରେ ମନ୍ଦିର ବଗିଚା ପରିସରରେ ପଣସ, ବଉଳ, ଆମ୍ବ ଗଛ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୃସିଂହନାଥ ମନ୍ଦିର ଓ ନୃସିହଂନାଥ ବଣିକ ସଂଘର କର୍ମକର୍ତ୍ତା ଯୋଗଦାନ କରିଥିଲେ ।

■ କାର୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ ଘଟଣା

ଚାଳକଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ସୋହେଲା,୧୭(ଡି.ଏନ.ଏ)

ରବିବାର ଅପରାହ୍ନ ପ୍ରାୟ ୧ଟା ସମୟରେ ସୋହେଲା ବରଗଡ ଜାତୀୟ ରାଜପଥ ଚକରକେନ୍ଦ ନିକଟ ଶ୍ରୀଗିଡା ଛକରେ କାର୍ ଧକ୍କାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନରେ ଚିକିତ୍ସାଧୀନ ଥିବା ଧୁଣରବାହାଲ ଗ୍ରାମର ଶିକ୍ଷକ ଯଜାତୀ ସାହୁଙ୍କ ମୃତ୍ୟୁ ଘଟିଛି । ସୋମବାର ତାଙ୍କ ମୃତଦେହ ସୋହେଲାରେ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ ଗିରଫ କରିବା ସହିତ କ୍ଷତିପୂରଣ ଦାବିରେ ସୋହେଲା ମୁଖ୍ୟଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଏହି ରାସ୍ତା ଅବରୋଧକୁ ସମର୍ଥନ କରି ସୁବ୍ରତ ସିଂ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବାବୁଲୁ ଦେବତା, ମନ ମାଝୀ, ସରପଞ୍ଚ ଜୀତେନ ଭୋଇ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ରାସ୍ତା ଅବରୋଧ ଯୋଗୁ ଅପରାହ୍ନ ୧ରୁ ୩ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସୋହେଲା ପୋଲିସ ଘଟଣାସ୍ଥଳକୁ ଆସି ଲୋକଙ୍କୁ ବୁଝାସୁଝା କରିବା ସହିତ କାର୍ ଚାଳକ ସୋହେଲାର ଆଶିଷ ଅଗ୍ରୱାଲଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେଇଥିଲା । ଏହାପରେ ରାସ୍ତା ଅବରୋଧ ହଟିଥିଲା। ପରେ ମୃତଦେହକୁ ଗାଁ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ଯଜାତୀଙ୍କ ସାନଭାଇଙ୍କ ଝିଅ ରୋଜିସ୍ମିତା ସାହୁ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ସ୍ୱର୍ଗତ ଶିକ୍ଷଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଥିଲା ।



ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

ଜଣେ ଶିକ୍ଷକରେ ଚାଲିଛି ସେବାଶ୍ରମ ସ୍କୁଲ

ବରଗଡ଼ ଅଫିସ୍,୧୭

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ରହିଥିବା ସେବାଶ୍ରମ ସ୍କୁଲରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ବ୍ୟାହତ ହୋଇ ପଡ଼ିଛି । ଉକ୍ତ ସ୍କୁଲରେ ଦୀର୍ଘ ୨ବର୍ଷ ହେଲା ଜଣେ ମାତ୍ର ଶିକ୍ଷକ ଥିବାରୁ ଛାତ୍ରୀଛାତ୍ର ଆବଶ୍ୟକ ଶିକ୍ଷାଦାନ ପାଇ ପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତ। ଏଭଳି ଅଭିଯୋଗ ନେଇ ସେବାଶ୍ରମ ସ୍କୁଲର ଅଭିଭାବକମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଉପରୋକ୍ତ ସେବାଶ୍ରମ ସ୍କୁଲଟି ଗତ ୧୯୫୦ ମସିହାରୁ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ପକ୍ଷରୁ ଗଢ଼ି ଉଠିଛି । ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୪୨ଜଣ ଛାତ୍ରୀଛାତ୍ର ଅଛନ୍ତି। କେବଳ ଜଣେ ଶିକ୍ଷକ ଥିବାରୁ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଏପରିକି ଶିକ୍ଷାବର୍ଷ ଶେଷ ସୁଦ୍ଧା ମଧ୍ୟ ଛାତ୍ରୀଛାତ୍ରଙ୍କ ପାଠ୍ୟଖସଡ଼ା ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ଫଳରେ ଉକ୍ତ ସେବାଶ୍ରମ ସ୍କୁଲରେ ଆହୁରି ଅଧିକ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ରୋହିତ ଭୋଇ, ଜୟଶ୍ରୀ ଛତର, କୁନ୍ତୀ ସେଠ, କଳ୍ପନା ବଗର୍ତ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଚାଷୀଙ୍କୁ ଏଯାଏ ମିଳିନି ମରୁଡ଼ି ସହାୟତା

ବରଗଡ଼ ଅଫିସ୍,୧୭

ବରଗଡ଼ ବ୍ଲକ ଅନ୍ତର୍ଗତ ନିଲେଶ୍ୱର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ବର୍ତ୍ତମାନ ସୁଦ୍ଧା ଗତ ୨୦୧୮ ମରୁଡ଼ି ସହାୟତା (ଇନପୁଟ୍ ସବସିଡ଼ି) ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ଚାଷୀମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ୨୦୧୮ ମରୁଡ଼ିରେ ନିଲେଶ୍ୱର ପଞ୍ଚାୟତର ନିଲେଶ୍ୱର, ବାନ୍ଦେନପାଲି, ଧଉଁରାଖନ୍ଦା ଗ୍ରାମରେ ବ୍ୟାପକ ଫସଲକ୍ଷତି ହୋଇଥିଲା । ସେତେବେଳେ ବିଭାଗୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ପରେ

ମରୁଡ଼ି ସହାୟତା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

କ୍ଷତିଗ୍ରସ୍ତ ଚାଷୀଙ୍କ ଏକ ତାଲିକା ମଧ୍ୟ ପ୍ରଦାନ କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ବାବଦକୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମରୁଡ଼ି ସହାୟତା ମିଳି ପାରି ନ ଥିବା ଚାଷୀମାନେ ଅଭିଯୋଗ କରିବା ସହିତ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ବୃନ୍ଦାବନ ସାହୁ, ଦୟାସାଗର ସାହୁ, ରାଜେନ୍ଦ୍ର ସାହୁ, ସେବାକର ସାହୁ, ଟିକେଶ୍ୱର ସାହୁଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ଜିଲାପାଳ ଅଫିସ ଆସିଥିଲେ ।

ତ୍ରୁଟିପୂର୍ଣ୍ଣ ବୀମାରାଶି ପ୍ରଦାନ, ଚାଷୀ ଅସନ୍ତୋଷ

ପଦ୍ମପୁର, ୧୭ (ଡି.ଏନ.ଏ)

୨୦୧୮-୧୯ରେ କ୍ଷତି ହୋଇଥିବା ଫସଲର ବୀମାରାଶି ମିଳିବା ଆଶାରେ ଗତ ୨୭ ତାରିଖରେ ପଦ୍ମପୁର ଉପଜିଲାପାଳଙ୍କୁ ରାଜବୋଡା କୃଷକ ସଂଘ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେତେବେଳେ ଚାଷୀମାନଙ୍କ ଦାବି ପ୍ରତି ସମବେଦନା ଜ୍ଞାପନ ସହ ଉପଯୁକ୍ତ ପରିମାଣର ଫସଲ ବୀମା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ରାଜବୋଡାସମ୍ବର ବ୍ଲକର ୯ଟି, ପାଇକମାଳ ବ୍ଲକର ୧ଟି ଓ ଝାରବନ୍ଧ ବ୍ଲକର ୧୦ଟି ଗ୍ରାମପଞ୍ଚାୟତ ଫସଲ ବୀମା ପାଇବାର ଯୋଗ୍ୟତା ହାସଲ କରିଥିବା ବୀମାଙ୍କ କମ୍ପାନୀ ତାଲିକା ପ୍ରକାଶ କଲା । ଏହି ତ୍ରୁଟିପୂର୍ଣ୍ଣ ବୀମା ରାଶି ପ୍ରଦାନ ପାଇଁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ବୀମା କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ସଭାପତି ଅଶୋକ ସାହୁ, କୈଳାଶ ବାରିକ, ବିଶ୍ୱନାଥ ରଣା, ଭରତ ମେହେର, ରମେଶ ରଣା, ସାନନ୍ଦ ଗଡତିଆ, ପ୍ରଦୀପ ବେହେରା ପ୍ରମୁଖ ଏକ ଦାବିପତ୍ର ପଦ୍ମପୁର ଉପଜିଲାପାଳଙ୍କୁ ଦେଇଛନ୍ତି ।

ପଁଚେତ୍‌ର ସମସିଆ ବାବ୍‌ଦେ ବିଡିଓଙ୍କୁଁ ଦାବିପତର



ପଁଚେତ୍‌ବାସୀ ବିଡିଓଙ୍କୁଁ ଦାବିପତର ଦେଉଛନ୍।

ଜାମଟିକ୍ରା, ୧୭ (ଡି.ଏନ୍.ଏ.):

ଅତାବିରା ବ୍ଲକ ଅମଲିପାଲି ପଁଚେତ୍‌ର ପାଖାପାଖି ୭୦ ଭାଗ୍ ଲୋକ ଅନୁସୂଚୀତ ଜାତି ଆର ଜନଜାତି ବରଗର ଆଏ। ୧୨ଟା ୱାର୍ଡକେ ନେଇ ଇ ପଁଚେତ୍ ଗଠିତ୍। ଇ ପଁଚେତ୍‌ରେ ସବୁବେଲେ ଭିନେ ଭିନେ ସମସିଆ ଲାଗିରହିଛେ। ଇସବୁର ସମାଧାନ ଲାଗି ପଁଚେତ୍‌ବାସୀ ସୋମବାର ସକାଳର ସାଢ଼େ ୧୧ ବଜେ ବିଡିଓଙ୍କୁଁ ଗୁଟେ ଦାବିପତର ଦେଇଛନ୍।

ଇ ପଁଚେତ୍‌ରେ ୬୦ ବଛର୍‌ରୁ ଅଧିକା ବଏସ୍ ହେଇଥିବାର ଅନେକ ଲୋକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ହେଇଛନ୍। ହେଲେ ୬୦ରୁ କମ୍ ବଏସର ଲୁକ୍‌କୁ ଭତା ମିଳୁଛେ। ଅନେକ ଗରିବ ଦୁଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଁଡ଼େ ନାଇଁ ପାଏବାର। ଯେନ୍‌ଥିରଲାଗି ସେମାନେ ବରଷାରେ ବଡ଼ା ଗୁଲଗୁଲା ହେଇ ରହୁଛନ୍। ସେନ୍ତା ସ୍ୱଚ୍ଛ ଭାରତ ମିଶନ ଜରିଆରେ ଅନେକ ଲୋକ ପାଇଖାନା ଆଏଜ୍‌ତକ ନାଇଁପାଇ। ପଁଚେତ୍‌ର ରାସ୍‌ତାଘାଟ କଥା ନାଇଁ କହେବାର ଭଲ। ଇ ପଁଚେତ୍‌ରେ ଉନ୍‌ନୟନ କାମ୍ ଗୁଟେ ପରକାର ଠପ୍ ହେଇଯାଇଛେ ବଲି ପଁଚେତ୍‌ବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁଁ ପଚରାଲାରୁ ସମସିଆର ସମାଧାନ କରବାର ବେବସ୍ତା କରାଯିବା ବଲି ସେ କହିଥିଲେ।

ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -**ଗୁରୁ ନାନକ**

ରେଳଧାରଣାରୁ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୧୭
ବରଗଡ଼-ବଲାଙ୍ଗିର ରେଳପଥର ଭଟିଗାଁ ନିକଟ ରେଳ ଧାରଣାରୁ ସୋମବାର ବଲାଙ୍ଗୀର ଜିଆରପି ଜଣେ ବୃଦ୍ଧଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ଜବତ କରିଛି । ମୃତ ବୃଦ୍ଧଙ୍କ ପରିଚୟ ମିଳିପାରି ନାହିଁ । ତାଙ୍କ ବୟସ ୬୦ରୁ ୬୫ବର୍ଷ ମଧ୍ୟରେ ହୋଇଥିବ ବୋଲି ଅନୁମାନ କରାଯାଉଛି । ବୃଦ୍ଧ ଜଣକ ଧଳା ରଙ୍ଗର ଧୋତି ପିନ୍ଧିଥିବା ବେଳେ ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିରହିଥିଲା । ଜିଆରପି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ନେଇଛି ।

ଅଧାପନ୍ତରିଆ ପ୍ରକଳ୍ପରୁ ନଷ୍ଟ ହେଉଛି ପାଣି

ବୌଦ୍ଧ,୧୭(ସ୍ୱ.ପ୍ର)

ବୌଦ୍ଧ ଜିଲାର ଅନେକ ଗ୍ରାମ ମହାନଦୀ କୂଳରେ ଥାଇ ସୁଦ୍ଧା ଲୋକଙ୍କୁ ଠିକ୍ ଭାବେ ପାନୀୟ ଜଳ ମିଳୁନାହିଁ । ଚଳିତ ବର୍ଷ ଖରା ଦିନେ ପାଇପ ଜଳଯୋଗାଣରୁ ବଞ୍ଚିତ ହୋଇ ହରଭଙ୍ଗା ବ୍ଲକ ହରଭଙ୍ଗା ଠାକୁରାଣୀ ଗୁଡିସାହି, ମେଡିକାଲ ଛକ ଓ ହାଇସ୍କୁଲ ଛକ ଅଞ୍ଚଳର ଲୋକେ ଉତ୍କଟ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇଥିଲେ । କିନ୍ତୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅବହେଳା ଯୋଗୁ ରାସ୍ତା କଡରେ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ପ୍ରକଳ୍ପ ପାଇପରୁ ଅହରହ

ଲୋକଙ୍କୁ ମିଳୁନି ପାଣି

ପାଣି ବାହାରି ନଷ୍ଟ ହେଉଛି । ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ କର୍ମଚାରୀ ଓ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର ଅଧାରୁ କାମ ବନ୍ଦ କରି ଚାଲିଯାଇଥିବାରୁ ଅସମ୍ପୂର୍ଣ୍ଣ ପ୍ରକଳ୍ପରୁ ପାଣି ବାହାରୁଥିବା ଦେଖିବାକୁ ମିଳିଛି ।
ପ୍ରକାଶ ଥାଉକି, ଗତ ୧୪ ବର୍ଷ ମଧ୍ୟରେ ପ୍ରାୟ ୪ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ହରଭଙ୍ଗା ଗ୍ରାମକୁ ମହାନଦୀରୁ ପାଇପ ଜଳଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିନୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ଏଯାଏ ଗ୍ରାମର ସମସ୍ତ ବସତିକୁ ଜଳଯୋଗାଣ ସମ୍ଭବପର ହୋଇନାହିଁ । ଏପରିକି ପାଇପ ଜଳଯୋଗାଣରୁ ବଞ୍ଚିତ କିଛି ଲୋକ ନଳକୂପରୁ ବାହାରୁଥିବା ଫ୍ଲୋରାଇଡ ଯୁକ୍ତ ପାଣି ପିଇବା ଦ୍ୱାରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଉକ୍ତ ଜନବସତି ଗୁଡିକୁ ବର୍ତ୍ତମାନ ସୁଦ୍ଧା ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନାହିଁ। କେବଳ ହରଭଙ୍ଗା ନୁହେଁ, ବ୍ଲକର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଲକ୍ଷ୍ୟ ନେଇ ପ୍ରତି ବର୍ଷ କୋଟି କୋଟି ଟଙ୍କା ବ୍ୟୟରେ ଜଳ ଯୋଗାଣ ପ୍ରକଳ୍ପମାନ ଛତୁ ଫୁଟିଲା ଭଳି ନିର୍ମାଣ ହେଉଛି । ହେଲେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ଗ୍ରୀଷ୍ମ ଋତୁରେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡୁଛି । ଫଳରେ ସ୍ଥାନୀୟ ଜନସାଧାରଣ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଏ ନେଇ ହରଭଙ୍ଗା ବ୍ଲକ ଜଳଯୋଗାଣ ସହକାରୀ ଯନ୍ତ୍ରୀ ପରିଡା ବାବୁଙ୍କୁ ପଚାରିବାରୁ ଆମେ ଉକ୍ତ ଠିକାଦାରଙ୍କୁ ଚିଠି କରୁଛୁ, ସେ ଆସି ଯଥା ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି କହିଥିଲେ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କୁରୁ ଘର ଖାଇ
ପାଣ୍ଡବ ଘର ଚିନ୍ତା କରଇ ।
ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

କିଣିଲି ଯେତେ ବିକିଲି ସେତେ
ଘରକୁ ଫେରିଲି ଶୁଖିଲା ହାତେ ।
ଜୀବନର ଏହା ହିଁ ଏକ ଧାରା । ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ପ୍ରହସନ ପାଲଟିଛି ପଲିଥିନ ବନ୍ଦ ନିୟମ

ବରପାଲି, ୧୭ (ଡି.ଏନ.ଏ)
ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ସରକାର କଡା ନିୟମ ଲାଗୁ କରିଛନ୍ତି । ମାତ୍ର ବରପାଲି ସହରରେ ଏହା ସମ୍ପୂର୍ଣ୍ଣ ଭାବେ ପ୍ରହସନ ପାଲଟିଛି । କିଛି ଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ଏନଏସି ପକ୍ଷରୁ ଜନସାଧାରଣଙ୍କ ମଧରେ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି ଏନଏସି ଅଧିକାରୀ ଓ କର୍ମଚାରୀମାନେ ଏହା ଉପରେ ଚଢ଼ାଉ କରି କିଛି ମାତ୍ରାରେ ଦୋକାନୀ, ଠେଲାବାଲାଙ୍କଠାରୁ ଫାଇନ ମଧ ଆଦାୟ କରିଥିଲେ । ଏହା ସତ୍ତ୍ୱେ ପଲିଥିନ ବ୍ୟବହାର ବନ୍ଦ ହେବା ପରିବର୍ତ୍ତେ ଏବେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଦୋକାନ ମାନଙ୍କରେ ମାଲ ମାଲ ପଲିଥିନ ଟଙ୍ଗା ଯାଇଥିବା ଦେଖିବାକୁ ମିଳୁଛି । ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବିକାଶ ଆବାସିକ ସ୍କୁଲର ନୂତନ ନେତୃମଣ୍ଡଳୀ ଚୟନ

ବରଗଡ଼ ଅଫିସ୍,୧୭

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଆବାସିକ ସ୍କୁଲର ନୂତନ ନେତୃମଣ୍ଡଳୀ ଚୟନ କରାଯାଇଛି । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା, ପ୍ରତିଯୋଗିତା ଭାବ ବଜାୟ ରଖିବା ପାଇଁ ସ୍କୁଲର ୪ଟି ସଦନ ଗଙ୍ଗା, ଯମୁନା, ଗୋଦାବରୀ ଓ ମହାନଦୀ ସଦନର ନେତୃମଣ୍ଡଳୀ ଓ ଅଧିନାୟକ ଚୟନ କରାଯାଇଛି । ଏହି ଚୟନ ପ୍ରକ୍ରିୟାରେ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ସ୍କୁଲ ଅଧ୍ୟକ୍ଷ ଶିଶିର ପ୍ରସାଦ

ବିକାଶ ଆବାସିକ ସ୍କୁଲର ନୂତନ ନେତୃମଣ୍ଡଳୀର ପ୍ରତିନିଧିମାନେ ଶପଥ ଗ୍ରହଣ କରୁଛନ୍ତି ।

ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ମନୋରଞ୍ଜନ ପତି ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିବୃନ୍ଦ ହେଡ୍‌ବୟ ଦିଶାନ୍ତ ହୋତା, ହେଡ୍‌ଗାର୍ଲ ଅନ୍ୱେଷା ସିଂଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ବ୍ୟାଚ୍ ପ୍ରଦାନ କରିଥିଲେ । ସେହିପରି ମହାନଦୀ ସଦନର ପ୍ରତିନିଧି ଭାବେ ବିଶ୍ୱଜିତ ମାଝି ଓ ସ୍ୱୟଂସିଦ୍ଧା ରାଉଳ, ଗଙ୍ଗା ସଦନର ପ୍ରତିନିଧି ଭାବେ ଆର୍ୟନ ପଣ୍ଡା ଓ ଜାଗୃତି ନାୟକ, ଯମୁନା ସଦନର ଶୁଭମ ମେହେର ଓ ରୁକସାରାଣୀ ସାହୁ, ଗୋଦାବରୀ ସଦନର ଉମେଶ ପଟେଲ ଓ ମୋନାଲିସା ନାୟକ ଏବଂ ହଷ୍ଟେଲ ପ୍ରିଫେକ୍ଟ ପାଇଁ ଭରଦ୍ୱାଜ ପାଣିଗ୍ରାହୀ ଓ ବଂଶୀକା ଅଗ୍ରୱାଲଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା । ସମସ୍ତ ସଦନର ପ୍ରତିନିଧିମାନେ ଶପଥ ପାଠ କରିଥିବା ବେଳେ କ୍ରୀଡ଼ାଶିକ୍ଷକ ପିତାମ୍ବର ପ୍ରଧାନ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବୃକ୍ଷରୋପଣ କରି ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୧୭

ବରଗଡ଼ର ସାପ୍ତାହିକ ଗଣଇସ୍ତାହାରର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଶୀତିକଣ୍ଠ ପାଟଯୋଷୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସ୍ମୃତିସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜର୍ଜ ହାଇସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ରେଞ୍ଜ ଅଫିସର ମହେନ୍ଦ୍ର ପାତ୍ର, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ବରଗଡ଼ ସାମ୍ବାଦିକ ସଂଘର ଉପସଭାପତି ଉମେଶ ପଣ୍ଡା, ସମ୍ପାଦକ ରବି ନାରାୟଣ ପଣ୍ଡା, ବରିଷ୍ଠ ଖବରଦାତା ଅଶ୍ୱିନୀ ଦର୍ଜୀ, ଦୀପକ ଶର୍ମା, ବିରେନ୍ଦ୍ର ପ୍ରଧାନ, ରାଜେଶ ସରାପ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାଟଯୋଷୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଗୀତା ହଷ୍ଟେଲ ପରିସରରେ ସ୍ୱର୍ଗତ ପାଟଯୋଷୀଙ୍କ ସ୍ମୃତିରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି ପଦ୍ମପୁର ଉପଖଣ୍ଡ ଲଖମରା କଲେଜ ଛକରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମଧ୍ୟ ବୃକ୍ଷରୋପଣ କରାଯାଇଥିଲା । ରମେଶ ବାରିକ, ଗୋପବନ୍ଧୁ ଶିକା, ଅଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବୀମା କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୧୭
ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ କନାପାଲି ଗ୍ରାମର ଚାଷୀମାନେ ଗତ ୨୦୧୮-୧୯ ମରୁଡ଼ିରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ଶତାଧିକ ଚାଷୀ ଜିଲାପାଳ ଅଫିସ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଗତ ୨୦୧୮-୧୯ରେ ସେମାନଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା । ସେମାନେ ବୀମା ପ୍ରିମିୟମ ଭରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କ ପାଖକୁ ବୀମା କ୍ଷତିପୂରଣ ପହଞ୍ଚି ପାରି ନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ବୀମା କ୍ଷତିପୂରଣ ତୁରନ୍ତ ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ରଙ୍କ ସମେତ ବୃନ୍ଦାବନ ସାହୁ, ବୃନ୍ଦାବନ ପରଡ଼ିଆ, ଝସକେତନ ପଟେଲ, ଇନ୍ଦ୍ରଜିତ ନାଏକ, ପ୍ରମୋଦ ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

ଗୁଣପୁର ଉ.ପ୍ରା. ବିଦ୍ୟାଳୟରେ ମାତୃପିତୃ ସମ୍ମିଳନୀ

ଭବାନୀପାଟଣା,୧୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଆଦିବାସୀ ବହୁଳ ଥୁ.ରାମପୁର ବ୍ଲକ ଅଧୀନ ଗୁଣପୁର ଉଚ୍ଚପ୍ରାଥମିକ ବବିଦ୍ୟାଳୟରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସ୍କୁଲ ପରିଚାଳନା ସମିତି ଅଧକ୍ଷ ରୁଦ୍ର ପ୍ରସାଦ ଦଣ୍ଡସେନା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଡୋଳାମଣି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସିଆରସିସି ଅଜିତ୍ କୁମାର ନାଏକ ଯୋଗଦେଇ ଏଲ୍‌ଇପି କାର୍ଯ୍ୟକ୍ରମର ୪୦ ଦିନର ଶିକ୍ଷା ଗଣତି ପରେ ସମସ୍ତ ଅଭିଭାବକଙ୍କୁ ଅବଗତି କରାଇଥିଲେ। ସ୍କୁଲ ସହକାରୀ ଶିକ୍ଷକ ସୁଭେନ୍ଦୁ ସ୍ୱାଇଁ, ରତିକାନ୍ତ ପଣ୍ଡା, ହରିଶ ଚନ୍ଦ୍ର ନାଏକ, ଆସୁତୋଶ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। ଅଭିଭାବକମାନଙ୍କ ମଧରେ ସଞ୍ଜୁ ପାତ୍ର, ସରସ୍ୱତୀ ପ୍ରଧାନୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ଡୋଳାମଣି ସାହୁ ଗୁଣୁପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ପାଇଁ ରୋଷେଇ ଘର, ବର୍ଷା ଦିନେ ଛାତରୁ ପାଣି ଗଳିବା ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ସରପଞ୍ଚଙ୍କୁ ଅନୁରୋଧ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ସହକାରୀ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ୍, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

See Color Display Classified on every Tuesday & Friday

ASTROLOGY
ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ୱେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଳେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ୱେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

ସଂକ୍ଷେପରେ

ଆମ ପୋଲିସ ସମିତି ବୈଠକ

ତରଭା, ୧୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତିର ବୈଠକ ଆଇଆଇସି ଡୋଳାମଣି ଭୋଇଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ଟ୍ରାଫିକ ସମସ୍ୟା, ବିଦ୍ୟୁତ୍ ବିଭ୍ରାଟ, ବୁଲା ଗୋରୁ ପ୍ରାଦୁର୍ଭାବ, ବେପରୁଆ ଗାଡି ଚାଳନା, ରଥଯାତ୍ରା ପାଖେଇ ଆସୁଥିବାରୁ ନୂଆପଡା ଓ ବାଇପାସ ରାସ୍ତା ଶୀଘ୍ର ମରାମତି କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ଦିନଦିନ ଧରି ରାସ୍ତାରେ ଜମା ହୋଇ ରହିଥିବା ବାଲି, ଗେଟି, ଇଟା ପ୍ରଭୃତି ଉଠାଇବାକୁ ସମ୍ପୃକ୍ତ ଗୃହକର୍ତ୍ତାମାନଙ୍କୁ ଡାକବାଜି ଯନ୍ତ୍ର ଯୋଗେ ଏନଏସି ତରଫରୁ ତାଗିଦ୍ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଏଏସଆଇ ଶ୍ରୀକୃଷ୍ଣ ସେଠ ଓ ଚିତ୍ତରଞ୍ଜନ ମହାନନ୍ଦିଆ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଆକାଶ ସାହୁ, ଜୟ ପ୍ରକାଶ ନାରାୟଣ ସାହୁ, କ୍ଷେତ୍ରବାସୀ ସାହୁ, ପ୍ରେମଲାଲ ନାଗ, ହିରଣ୍ମୟ ପଟ୍ଟନାୟକ, ରାମ ସାହୁ, ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ, କଲ୍ୟାଣ ନାଏକ, ରାଜ କୁମାର ମାହାଣାଙ୍କ ସମେତ ସହରର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ

ଅମରପାଲି, ୧୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପ୍ରାଙ୍ଗଣରେ ଆତ୍ମା ତରଫରୁ ୧୦ଜଣ କୃଷକ ହିତାଧିକାରୀଙ୍କୁ କୁକୁଡା ପାଳନ ପାଇଁ ୨୩ଟି ଲେଖାଏଁ ବନରାଜ କୁକୁଡା ଚିଆଁ ବଣ୍ଟନ କରାଯାଇଛି । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ବ୍ଲକ ବୈଷୟିକ ଦଳ ଆବାହକ କାଳିନ୍ଦୀ ପରିଡା, ବିଟିଟି ସଭ୍ୟ ତଥା ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ କୁମାର ପୁରୋହିତ, ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର, ବ୍ଲକ କୃଷକ ଉପଦେଷ୍ଟା କମିଟି ସଭ୍ୟ ସତ୍ୟବାନ ପୁରୋହିତ, ନୀଳକମଳ ମିଶ୍ର, କିଶୋର ହୋତା, ଦାମୋଦର ହୋତା, ଯୁଗିନ୍ଦ୍ର ମିର୍ଦ୍ଧା, ଶ୍ରୀକାନ୍ତ କର୍ମୀ ଯୋଗଦେଇଥିଲେ ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବିନିକା, ୧୭(ଡି.ଏନ୍.ଏ.): ସୋନପୁର ସଦର ବ୍ଲକ ଅନ୍ତର୍ଗତ ଲୁପୁରସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶମ୍ଭୁଭୂଷଣ ମେହେରଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଚୂଡାମଣୀ ତଣ୍ଡକାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ଅଭିମନ୍ୟୁ ପାତ୍ର, କିଶୋର କର୍ମୀ, ସରୋଜ ମିଶ୍ର, ବନମାଳୀ ବଡ଼ିଆ, ମାର୍କଣ୍ଡେୟ ମେହେର, ସ୍କୁଲ ପରିଚାଳନା କମିଟି ସଭାପତି ମୋହନ ମେଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ତଣ୍ଡକାରଙ୍କ ସମୟରେ ସ୍କୁଲର ବିକାଶ ଓ ଛାତ୍ରଛାତ୍ରୀଙ୍କ ଉନ୍ନତି ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

ସାହିତ୍ୟିକଙ୍କ ପରଲୋକ

ତରଭା, ୧୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ସହରରସ୍ଥିତ ଗଡଭିତର ପଡାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ନାୟକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ବର୍ଷ ହୋଇଥିଲା । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସୋମବାର ସ୍ଥାନୀୟ ଶବଦାହ ଗୃହରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ଅଧ୍ୟାପକ ଶୁଶୀଲ ନାୟକ ମୁଖାଗ୍ନି ଦେଇଥିଲେ । ଖବର ପାଇ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବଧାରରେ ସାମିଲ ହୋଇଥିଲେ । ଶିକ୍ଷକତା ବ୍ୟତୀତ ସ୍ୱର୍ଗତ ନାୟକ ଜଣେ ସୁଲେଖକ ଥିଲେ । ତରଭା ଜଗନ୍ନାଥ ମନ୍ଦିର ଇତିବୃତ୍ତି ସହିତ ପଲ୍ଲୀଐତିହ୍ୟ, ବକ୍ତୃତା ମାଳା, ଅଙ୍କରେ କୁହୁକ, ଶିକ୍ଷା ସମସ୍ୟା, ସମସାମୟିକ ତରଭା, ତରଭା ଇତିବୃତ୍ତି, ଚିରନ୍ତନି, ଭାତର ଦର୍ଶନ, ଚିନ୍ତାଚେତନ ଚିରନ୍ତନ ଓ ସପ୍ନର ଦୁଇଟି ଦେଶ ଆଦି ଅନେକଗୁଡିଏ ପୁସ୍ତକ ରଚନା କରିଛନ୍ତି। ତାଙ୍କର ଆହୁରି ଅନେକ ପାଣ୍ଡୁଲିପି ପ୍ରକାଶ ନ ପାଇ ପଡି ରହିଛି। ସେହିପରି ତରଭା ପଦରପଡା ନିବାସୀ ବିଶିଷ୍ଟ କବିରାଜ କାର୍ତ୍ତିକ ସାହୁଙ୍କର ମଧ ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି।ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁତ୍ର ଶମ୍ଭୁନାଥ ମୁଖାଗ୍ନି ଦେଇଥିଲେ ।

ପୁରୁଣାପାଣି ବସ୍ତି ପ୍ରାଥମିକ ବିଦ୍ୟାଳୟ ବନ୍ଦ

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସୋନପୁର,୧୭(ନି.ପ୍ର.)

୧୯୭୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ପୁରୁଣାପାଣି ବସ୍ତି ପ୍ରାଥମିକ ବିଦ୍ୟାଳୟକୁ ଚଳିତ ଶିକ୍ଷା ବର୍ଷଠାରୁ ବନ୍ଦ କରାଯାଇଛି। ଏହି ବିଦ୍ୟାଳୟରେ ୧୦ରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଥିବା ଜିଲା ପ୍ରଶାସନ ସରକାରଙ୍କୁ ରିପୋର୍ଟ କରିଥିଲେ। ତେବେ ଏହି ପୁରାତନ ବିଦ୍ୟାଳୟ ବନ୍ଦ କରାଯିବାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ଗ୍ରାମରେ ବସବାସ କରୁଛନ୍ତି। ଗ୍ରାମର ଦକ୍ଷିଣ ଦିଗରେ ବୃହତ ନାଳ, ପୂର୍ବ ଦିଗରେ ତାଳପଦର ଗାଁକୁ ଯିବା ପାଇଁ ଯୋର ଓ ପଶ୍ଚିମ ଦିଗ ଦୁବୁଲାକୁ ବଡଲଣ୍ଡା ପାହାଡ ଘେରି ରହିଥିବା ଯୋଗୁଁ ବର୍ଷା

ବିଦ୍ୟାଳୟ ବନ୍ଦ ନ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

ଦିନରେ ଛାତ୍ରୀଛାତ୍ର ପାଠ ପଢିବାକୁ ୪ କିଲୋମିଟର ଦୂର ଅନ୍ୟ ବିଦ୍ୟାଳୟକୁ ଯାଇ ପାରିବେ ନାହିଁ । ବିଦ୍ୟାଳୟ ବନ୍ଦ କରି ପିଲାଙ୍କ ପାଠପଢାରେ ଡୋରି ବନ୍ଧିବା ପାଇଁ ସରକାର ଯୋଜନା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ୨୦୧୯-୨୦ ଶିକ୍ଷାବର୍ଷରେ ବିଦ୍ୟାଳୟରେ ୧୫ ଜଣ ଛାତ୍ରୀଛାତ୍ର ଥିବାବେଳେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ସରକାରଙ୍କୁ ଭୁଲ ରିପୋର୍ଟ ଦିଆଯାଇଥିବା ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ଗ୍ରାମର ଯଜ୍ଞେଶ୍ୱର ହରିପାଲ, ସୁକଦେବ ସ, ଜ୍ୟୋସ୍ନା ହରିପାଲ, ରୀନା ହରିପାଲ, ଯୋଗେଶ୍ୱର ହରିପାଲ, ଶିବ ହରିପାଲ, ଜଗାମଣି କୁଅଁର, ବନିତା ସ ଓ ଯଶୋବନ୍ତି କୁଅଁର ପ୍ରମୁଖ ସୋମବାର ଜିଲାପାଳଙ୍କୁ ଭେଟି ଏହି ସମସ୍ୟା ଜଣାଇଥିଲେ। ସେହିଭଳି ତରଭା ବ୍ଲକର ଅଧକ୍ଷା ସସ୍ମିତା ମଲ୍ଲିକ ଓ ବଘିଆ ପଞ୍ଚାୟତର ସରପଞ୍ଚ ଶଶି ବିଶି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କୁ ଚିଠି ଲେଖି ବିଦ୍ୟାଳୟ ବନ୍ଦ ନ କରିବାକୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, କମ୍ ଉପସ୍ଥାନ ଥିବା ଯୋଗୁଁ ଜିଲାର ୧୭ଟି ସ୍କୁଲକୁ ଚଳିତ ଶିକ୍ଷା ବର୍ଷ ଠାରୁ ବନ୍ଦ କରାଯାଇଛି ।

ବ୍ଲକ ପ୍ରେରକ ସଂଘର ବୈଠକ

ଅମରପାଲି, ୧୭ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ବ୍ଲକ ପ୍ରେରକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରେରକ ସଂଘ ସଭାପତି ପ୍ରେମାନନ୍ଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକର ସମସ୍ତ ପ୍ରେରକମାନେ ଯୋଗଦେଇଥିଲେ । ଏଥିରେ ଗତ ୨୭ ତାରିଖରେ ହୋଇଥିବା ଜିଲାସ୍ତରୀୟ ବୈଠକର ବିବରଣୀ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହା ସହିତ ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ବୈଠକରେ ସମସ୍ତ ପ୍ରେରିକା ପ୍ରେରକ ଉପସ୍ଥିତ ରହିଥିଲେ। ବୈଠକମାନଙ୍କରେ ବାରମ୍ବାର ଅନୁପସ୍ଥିତସଭ୍ୟାସଭ୍ୟଙ୍କସଭ୍ୟପଦରଦ୍ଦ କରିବାକୁ ପ୍ରସ୍ତାବ କରାଯାଇଥିଲା ।

ବାହାରିଲା ଶିଶୁ ପରିପୂରକ ଖାଦ୍ୟ ଅଭିଯାନ ରଥ

ବିନିକା, ୧୭(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ସୋମବାର ବିନିକାରେ ଶିଶୁ ପରିପୂରକ ଖାଦ୍ୟ ଅଭିଯାନ ରଥର ଶୁଭାରମ୍ଭ ହୋଇଛି। ବିନିକା ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି କାର୍ଯ୍ୟାଳୟରୁ ବାହାରିଥିବା ଏହି ରଥକୁ ସିଡିପିଓ ଶୋଭାଗିନୀ ହରିପାଲ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ଏନ୍‌ଏସି ଓ ବ୍ଲକର ସମସ୍ତ ପଞ୍ଚାୟତକୁ ଯାଇ ଶିଶୁ ପରିପୂରକ ଖାଦ୍ୟ ଅଭିଯାନ ଉପରେ ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳ ସୁପରଭାଇଜର କନକଲତା ନେପାକ, ସୁପରଭାଇଜର ମିନତୀ ମିଶ୍ର, ସୌଦାମିନୀ ଦାସ, ପଙ୍କଜିନୀ କର, ଭାଗ୍ୟସିନୀ ସେଠୀ, ବିଳାସିନୀ ମିଶ୍ର, ସୀତା ମେହେରଙ୍କ ସମେତ ବ୍ଲକ ଓ ଏନ୍‌ଏସିର ସମସ୍ତ ଅଙ୍ଗନୱାଡି କର୍ମୀ ଉପ ସ୍ଥିତ ଥିଲେ।

ଶିଶୁ ପରିପୂରକ ଖାଦ୍ୟ ଅଭିଯାନ ରଥର ଶୁଭାରମ୍ଭ କରାଯାଉଛି।

ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ମୋଟ ୬୧ ଅଭିଯୋଗରୁ ୫୫ ବ୍ୟକ୍ତିଗତ

ସୋନପୁର,୧୭(ନି.ପ୍ର.)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ବନ୍ଦ ଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଜନଶୁଣାଣି ସୋମବାରଠାରୁ ପୁଣି ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଆୟୋଜିତ ଶିବିରରେ ଜିଲାପାଳ ମଧୁସୂଦନ ମିଶ୍ର ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣି ତାର ସମାଧାନ କରିଥିଲେ। ଏଥିରେ ଏସ୍‌ପି ଦେବୀ ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଲିଡ୍‌ବ୍ୟାଙ୍କ

ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ମ୍ୟାନେଜର ସରୋଜ ଦାଶ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଇଂ.ବିପିନ ବିହାରୀ ଦାଶ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ କୁମାର ଗୁରୁ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ବ୍ରଜବନ୍ଧୁ ପାଣିଗ୍ରାହୀ, ୱେଷ୍କୋ ନିର୍ବାହୀ ଯନ୍ତ୍ରୀ ଇଂ. ଶ୍ରୀନିବାସ ସ୍ୱାଇଁ, ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ, ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା, ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦ, ଏଆରସିଏସ ଭୀମସେନ ସାହୁ ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଦେ ଅଭିଯୋଗ ଶୁଣାଣି ବେଳେ ଉପସ୍ଥିତ ଥିଲେ। ସୋମବାର ମୋଟ ୬୧ଟି ଅଭିଯୋଗ ଆସିଥିବା ବେଳେ ୫୫ଟି ବ୍ୟକ୍ତିଗତ ଥିଲା। ୫ଟି ଗ୍ରାମ୍ୟ ସମସ୍ୟା ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ ଆସିଥିଲା। ୩ଟି ସମସ୍ୟାକୁ ଅତିରିକ୍ତ ଜିଲାପାଳ ପଣ୍ଡା ତତ୍‌କ୍ଷଣାତ ସମାଧାନ କରିଥିଲେ।

ବିଦ୍ୟୁତ୍ ବିଭାଗର ଅବହେଳା

୨ ଦିନ ହେଲା ଅନ୍ଧାରରେ ୧୦ ଗ୍ରାମ

ଅମରପାଲି, ୧୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସେକ୍ସନ ଅନ୍ତର୍ଗତ ତେଲିପାଲି ଫିଡରର ବହଲପଦର ଓ ଦୁର୍ଜନଟୈଲା ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ୨ଦିନ ହେଲା ଅନ୍ଧାରରେ ଅଛି । ବିଦ୍ୟୁତ୍ ନଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ରବିବାରଠାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ଅଞ୍ଚଳର କୌଣସି ଏକ ସ୍ଥାନରେ ଫଲ୍ଟ ଅଛି କହି ଲୁତୁରପଙ୍କଠାରୁ ବିଦ୍ୟୁତ୍ କାଟି ଦିଆଯାଇଛି। ବିଭାଗୀୟ ଏସ୍‌ଡିଓଙ୍କୁ ଯୋଗାଯୋଗ କଲେ ମଧ ସେ ଏନେଇ କୌଣସି ସୂଚନା ଦେଇପାରୁ ନାହାନ୍ତି। ବିଦ୍ୟୁତ୍ ନଥିବାରୁ ଗୁଳୁଗୁଳି ହେତୁ ଲୋକେ ବହୁତ ହଇରାଣ ହେଉଛନ୍ତି। ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ବ୍ୟାଘାତ ଦେଖାଯାଇଛି। ମଶାଙ୍କ ପ୍ରଭାବ ଯୋଗୁଁ ରାତିରେ ଲୋକେ ବହୁତ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ସରଞ୍ଜାମ ସବୁ ଅଚଳ ହୋଇପଡିଛି । ଅଞ୍ଚଳର ବଡମାଲ, କେଶଲଗା, ବହଲପଦର, କଲୋନୀପଡା, ଭାଲୁଡୁଙ୍ଗୁରୀ, ଅମରପାଲି, ଗୁଦଗୁଦା, ଗୌଡଗାଡ, ଫବସିପାଲି, ଦାଦରପାଲି, ମାଳିଦାଦର, କୁହିଦାଦର, ପର୍ଡିଆପାଲି ଆଦି ଗ୍ରାମ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛି। ତେଣୁ ବିଭାଗ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବାକୁ ସାଧାରଣରେ ଦାବିହେଉଛି ।

ଗୋଟିଏ ଆଲୋକରେ ପିଲାଏ ପାଠ ପଢୁଛନ୍ତି ।

ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

ଉଲୁଣ୍ଡା, ୧୭(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ ମେଘନାଥ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ମେଘନାଥ ବନ ମହୋତ୍ସବ ସମିତି ସଭାପତି ବଳିଆ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଞ୍ଜର ଶିବ ପ୍ରଶାଦ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସମ୍ମାନୀତ ଅତିଥିଭାବେ ବନପାଳ ଦିନେଶ ପ୍ରସାଦ ମାଝି ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ସେହିପରି ମାଉଲିମାଲ ଏବଂ ନାକଡେଇଁଠାରେ ମଧ୍ୟ ହିମାଂଶୁ ତ୍ରିପାଠୀ ଏବଂ ଡୋଳାମଣି ଗୌଆଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରା ଯାଇଥିଲା। ଏଥିରେ ତିନୋଟି ଭିଏସଏସର ସଭ୍ୟାସଭ୍ୟା, ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ବନରକ୍ଷୀ ଚୌଧୁରୀ ଦଳପତି, ପଙ୍କଜିନୀ ପୁଟା, ଆଶୁତୋଷ ହୋତା, ସୁଚରିତା ନାଏକ, ଅମନ କୁମାର, ଓମଶିବ ବରଗାଁ, ରିଙ୍କୁ ପଧାନ ପ୍ରମୁଖ ଯୋଗଦେଇଥିଲେ।

ଚାରଭଟାରେ ୭୦ତମ ବନ ମହୋତ୍ସବ

ପଡ଼ିଆରେ ଲାଗିଲା ୨୩୦୦ ଗଛ

ତରଭା,୧୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୭୦ତମ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ସୋନପୁର ଫରେଷ୍ଟ ରେଞ୍ଜ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କାଲ୍‌ତା ପୌରୋହିତ୍ୟ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶର ସୁରକ୍ଷା ସମ୍ପର୍କରେ ଉପସ୍ଥିତି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର, ବାଲିଖମାର ସରପଞ୍ଚ ବିବସ୍ ଭୋଇ, କର୍ଲାମୁହାଣର ଜଣାଶୁଣା ପରିବେଶବିତ୍ ସୁରେଶ ସାହୁ, ଚାରଭଟା ବନ ସୁରକ୍ଷା ସମିତିର ସଭାପତି ବେନାର ସିଂ ଭୋଇ

ଡିଏଫ୍‌ଓ ପଡିଆରେ ବୃକ୍ଷରୋପଣ କରୁଛନ୍ତି ।

ପ୍ରମୁଖ ଉତ୍ତମ ପରିବେଶ ବଜାୟ ରଖିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କୁମ୍ଭାରମୁଣ୍ଡା ବନପାଳ ଭକ୍ତବନ୍ଧୁ ମିଶ୍ର। ଚାରଭଟା ବନରକ୍ଷୀ ପ୍ରଦୀପ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ନିକଟରେ ଥିବା ପଡିଆରେ ନିମ୍ବ, କରଞ୍ଜ, ବଡ ଚାଖୁଣ୍ଡା, ଶିଶୁ, ପଣସ, ଆମ୍ବ, ବହଳ, ବିଷ୍ଣୁଚୂଡା ଓ କରଞ୍ଜ ଭଳି ଗଛ ଲଗା ଯାଇଥିଲା।

ଖାରୀ, ମେଣ୍ଡା ମଦ ଭାଟି ସ୍ଥାନାନ୍ତର ଦାବି

ସୋନପୁର,୧୭(ନି.ପ୍ର.)

ସୋନପୁର ବ୍ଲକର ଖାରୀ ଓ ମେଣ୍ଡାରେ ଥିବା ସରକାରୀ ଦେଶୀ ମଦ ଭାଟି ସ୍ଥାନାନ୍ତର ପାଇଁ ଉଭୟ ଗ୍ରାମର ମହିଳାମାନେ ସୋମବାର ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। ଖାରୀ ହାଇସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ରାସ୍ତା ପାର୍ଶ୍ୱରେ ମଦଭାଟି ରହିଛି । ମେଣ୍ଡାରେ ମଧ ଜନଗହଳି ପୂର୍ଣ୍ଣ ସ୍ଥାନରେ ଦେଶୀ ମଦଭାଟି ଅଛି। ସବୁବେଳେ ମଦ୍ୟପଙ୍କ ଭିଡ ଜମି ରହୁଛି । ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯିବା ସମୟରେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ମଦଭାଟିକୁ ସ୍ଥାନାନ୍ତର ପାଇଁ ଖାରୀ ସରପଞ୍ଚ ସଞ୍ଜିବ୍ ମିଶ୍ରଙ୍କ ସମେତ ସନ୍ତୋଷିନୀ ଜାଲ, ବବିତା ଦାଶ, କୌଶଲ୍ୟା ସାହୁ ଓ ସନ୍ତୋଷିନୀ ଡାଙ୍ଗ ପ୍ରମୁଖ ଅନୁରୋଧ କରିଛନ୍ତି।

ମଦ, ଗଞ୍ଜେଇ କାରବାର ବନ୍ଦ ପାଇଁ ମହିଳାଙ୍କ ଦାବି

ସୋନପୁର,୧୭(ନି.ପ୍ର.)

ସୋନପୁର ବ୍ଲକର ତରେଇକେଲାରେ ମାଦକଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଦେଶୀ, ବିଦେଶୀ ମଦ ଓ ଗଞ୍ଜେଇ ଖୁଲମ୍‌ଖୁଲା ବିକ୍ରି ହେଉଛି। ନିଶା ଦ୍ରବ୍ୟ ସେବନକାରୀମାନେ ସର୍ବସ୍ୱାନ୍ତ ହେଉଛନ୍ତି, ଗାଁରେ ଉତ୍ପାତ କରୁଛନ୍ତି। ଝିଅ, ବୋହୂମାନେ ରାସ୍ତାରେ ଯିବାକୁ ନିରାପଦ ମଣୁନାହାନ୍ତି । ଚୋରା ମଦ ଓ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଗାଁର ମହିଳାମାନେ ତରଭା ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନି। ସୋମବାର ଗ୍ରାମର ଶତାଧିକ ମହିଳା ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରକୁ ଆସି ମଦ ଓ

ତରେଇକେଲାରେ ମାଦକଦ୍ରବ୍ୟ କାରବାର ବନ୍ଦ ପାଇଁ ମହିଳାମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

ଗଞ୍ଜେଇ କାରବାର ବନ୍ଦ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଗ୍ରାମର ଭାଗ୍ୟସିନୀ ମିଶ୍ର, ସୁବାସିନୀ ଦାଶ, ବୁଇ ନନ୍ଦ, ଯାଜ୍ଞସେନୀ ନନ୍ଦ, ରାଜେଶ୍ୱରୀ ବରିହା ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ ।

ସଂକ୍ଷେପରେ

ଗୁଣପୁର ଉ.ପ୍ରା. ବିଦ୍ୟାଳୟରେ ମାତୃପିତୃ ସମ୍ମିଳନୀ

ଭବାନୀପାଟଣା,୧୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଆଦିବାସୀ ବହୁଳ ଥୁ.ରାମପୁର ବ୍ଲକ ଅଧୀନ ଗୁଣପୁର ଉଚ୍ଚପ୍ରାଥମିକ ବବିଦ୍ୟାଳୟରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସ୍କୁଲ ପରିଚାଳନା ସମିତି ଅଧକ୍ଷ ରୁଦ୍ର ପ୍ରସାଦ ଦଣ୍ଡସେନା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଡୋଲାମଣି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସିଆରସିସି ଅଜିତ୍ କୁମାର ନାଏକ ଯୋଗଦେଇ ଏଲ୍‌ଇପି କାର୍ଯ୍ୟକ୍ରମର ୪୦ ଦିନର ଶିକ୍ଷା ଗଣତି ପରେ ସମସ୍ତ ଅଭିଭାବକଙ୍କୁ ଅବଗତି କରାଇଥିଲେ। ସ୍କୁଲ ସହକାରୀ ଶିକ୍ଷକ ସୁଭେନ୍ଦୁ ସ୍ୱାଇଁ, ରବିକାନ୍ତ ପଣ୍ଡା, ହରିଶ ଚନ୍ଦ୍ର ନାଏକ, ଆସୁତୋଶ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। ଅଭିଭାବକମାନଙ୍କ ମଧରେ ସଞ୍ଜୁ ପାତ୍ର, ସରସ୍ୱତୀ ପ୍ରଧାନୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ଡୋଲାମଣି ସାହୁ ଗୁଣୁପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ପାଇଁ ରୋଷେଇ ଘର, ବର୍ଷା ଦିନେ ଛାତରୁ ପାଣି ଗଳିବା ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ସରପଞ୍ଚଙ୍କୁ ଅନୁରୋଧ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ସହକାରୀ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

ବିପଦ ସଙ୍କୁଳ ଅବସ୍ଥାରେ ଶ୍ରେଣୀ କୋଠା

ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

ଜୁନାଗଡ,୧୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ପଞ୍ଚାୟତ କର୍ଲାକୋଟ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠା ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଥିଯୋଗୁ ଗତ ୩ ବର୍ଷ ହେଲା ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପାଠପଢୁଛନ୍ତି। କେବଳ ଗୋଟିଏ ଶ୍ରେଣୀ ନୁହେଁ ଏଠାରେ ୫ଟି ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗୋଟିଏ ସ୍ଥାନରେ ବସାଇ ପାଠ ପଢାଯାଉଛି। ଏଥିରୁ ପାଠପଢା କିପରି ହେଉଥିବ ତାହା ସହଜେ ଅନୁମେୟ। ଏ ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଘଟଣା ସମ୍ପର୍କରେ ଶିକ୍ଷା ବିଭାଗ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଥିବାରୁ ଏବେ ଅଭିଭାବକମାନେ ଚିନ୍ତାରେ ପଡିଯାଇଛନ୍ତି।

ଗତ ୧୫।୮।୧୯୫୫ରେ କର୍ଲାକୋଟରେ ଏକ ପ୍ରାଥମିକ ବିଦ୍ୟାଳୟ ସରକାର ସ୍ଥାପନ କରିଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧ରୁ ୫ମ ଶ୍ରେଣୀ ଯାଏଁ ୭୨ଜଣ ଛାତ୍ରୀଛାତ୍ର ଅଧାୟନ କରୁନ୍ତି। ସେମାନଙ୍କୁ ପାଠ ପଢାଇବା ପାଇଁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିଯୁକ୍ତ ଅଛନ୍ତି। ବିଦ୍ୟାଳୟ ସ୍ଥାପନ ହେବାର ୬୪ ବର୍ଷ ବିତିଯାଇଥିଲେ ମଧ ନୂତନ ଶ୍ରେଣୀ କୋଠା ନିର୍ମାଣ ହୋଇପାରିନାହିଁ। ଏପଟେ ପୁରୁଣା କୋଠାକୁ ଦୀର୍ଘ ବର୍ଷ ହେବ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଧୀରେ ଧୀରେ ତାହା ଶୋଚନୀୟ ହୋଇପଡିଥିଲା। ବର୍ଷା ହେଲେ ଛାତରୁ ପାଣି ଗଳିବା ସହ ଉପର ଆଜବେଷ୍ଟ, ଲୁହା, କାଠ ଗୁଡିକ ପଡିଯାଉଥିଲା। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ଗତ ୩ ବର୍ଷ ହେଲା ଛାତ୍ରୀଛାତ୍ରମାନେ ଖରା, ବର୍ଷା, ଶୀତକୁ ଖାତିର ନ କରି ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ପ୍ରବଳ ବର୍ଷା ହେଲେ ସ୍କୁଲ ପରିସରକୁ ପାଣି ଚାଲିଆସୁଥିବାରୁ ଉକ୍ତ ଦିନ ସ୍କୁଲ ଛୁଟି ହୋଇଯାଇଥାଏ। ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍ଥାନରେ ଏହି ସ୍କୁଲ ସ୍ଥାପନ ହୋଇଥିବାରୁ ଏବେ ମାଲିକ ତାହା ଶୀଘ୍ର ଛାଡିଦେବା ପାଇଁ ଗ୍ରାମବାସୀ ଓ ସ୍କୁଲ କମିଟିକୁ ଲିଖିତ ଭାବେ ଜଣାଇଛନ୍ତି। ଫଳରେ ଗ୍ରାମରେ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଏକ ସରକାରୀ ଜାଗା ଚିହ୍ନଟ କରି ଦେବା ପାଇଁ ଦାବି କରିଛନ୍ତି। ଏ ନେଇ ସୋମବାର ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଜୁନାଗଡ ତହସିଲଦାରଙ୍କଠାରେ ଫେରାଦ ହୋଇଥିଲେ। ସେମାନେ ଏ ବିଷୟରେ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଉପେନ୍ଦ୍ର ଲୁହା ଶୀଘ୍ର ଗ୍ରାମର ଏକ ସରକାରୀ ଜାଗା ଚିହ୍ନଟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବଣିଜରା ସମିତି ସଭ୍ୟ ଗିରଧାରୀ ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି କ୍ଷିରୋଦ କୁମାର ଶବର, ବେଣୁଧର ଶବର, ରଶ୍ମିରଞ୍ଜନ ଶବର, ବିର୍ଯୋ ଭୋଇ, ଦେବାନନ୍ଦ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ସେହିପରି ଜୁନାଗଡ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧେଶ୍ୱର ମେହେର ସ୍କୁଲ ଗୃହ ନିର୍ମାଣ ପାଇଁ ଆହୁରି ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଶିକ୍ଷା ବିଭାଗ ପକ୍ଷରୁ ଏହି ଘଟଣାକୁ ନେଇ କୌଣସି ପ୍ରତିକିୟା କିମ୍ବା ପଦକ୍ଷେପ ଦେଖା ନ ଦେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ବାରଣ୍ଡାରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

କର୍ଲାକୋଟ ପ୍ରାଥମିକ ବିଦ୍ୟାଳୟ
- ପ୍ରବଳ ବର୍ଷା ହେଲେ ସ୍କୁଲ ଛୁଟି
- ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ସରକାରୀ ଜାଗା ଚିହ୍ନଟ ଦାବି
- ତହସିଲଦାରଙ୍କଠାରେ ଫେରାଦ ହେଲେ ଗ୍ରାମବାସୀ
- ଶିକ୍ଷା ବିଭାଗର ଦୃଷ୍ଟି ପଡୁନି

ରଥଯାତ୍ରା ପାଇଁ ରଥ ନିର୍ମାଣ ହୋଇଛି।

ଗୋଲାମୁଣ୍ଡା: ରଥଯାତ୍ରା ପାଇଁ ଚଳଚଞ୍ଚଳ

ଗୋଲାମୁଣ୍ଡା,୧୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସଦର ମହୁକୁମା ଜଗନ୍ନାଥ ମନ୍ଦିରେ ଆସନ୍ତା ୪ ତାରିଖରେ ହେବାକୁ ଥିବା ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ଏଥର ତିନି ରଥ ହେବାକୁ ଥିବା ବେଳେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଦୀର୍ଘ ଦିନ ହେଲା ଆରମ୍ଭ ହୋଇ ସାରିଛି। ଗତ ବର୍ଷ ୩ ରଥ ପାଇଁ ବଲାଙ୍ଗୀର ଜିଲା ପାଟଣାଗଡରୁ ରଥ କାଠ ଆସିଥିବା ବେଳେ ରଥ କାର୍ଯ୍ୟ ସରିବାକୁ ବସିଲାଣି। ଚଳିତ ବର୍ଷ ରଥଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ସମଗ୍ର ଗୋଲାମୁଣ୍ଡାର ସୌନ୍ଦର୍ଯ୍ୟ କରଣ କରାଯାଇଛି। ରାସ୍ତା ମରାମତି ସାଙ୍ଗକୁ, ରାସ୍ତା ଓ ଓହଳି ଥିବା ବିଦ୍ୟୁତ୍ ତାର ସ୍ଥାନରେ ନୂତନ ତାର ଟଣା ହୋଇଥିବା ବେଳେ ରଥ ଯିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛକୁ ମଧ ସାଇଜ ଭାବେ କଟାଯାଇଛି। ଚଳିତ ବର୍ଷଠାରୁ ମାଉସୀ ମା' ମନ୍ଦିରର ଦୂରତା ବଢିଯାଇଥିବା ବେଳେ ମାଉସୀ ମା' ମନ୍ଦିର ଜଗନ୍ନାଥ ମନ୍ଦିରଠାରୁ ଦୀର୍ଘ ଏକ କି.ମି. ତହସିଲ ଅଫିସ ପାଖରେ ନୂତନ ମନ୍ଦିର ସ୍ଥାପନ କରାଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଗତ ୨୬ ତାରିଖରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷଠାରୁ ତିନି ରଥ ହୋଇଥିବା ବେଳେ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ପୁରୁଷମାନେ ଓ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବାକୁ ନିଷ୍ପତ୍ତି ନିଆଯାଇଛି। ୨ ତାରିଖରେ ତିନି ରଥର ଓ ନୂତନ ଭାବେ ନିର୍ମିତ ମାଉସୀ ମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ରଥଯାତ୍ରକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଗୋଲାମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ପ୍ରଶାସନକୁ ମଧ ଏ ଦିଗରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅବଗତ କରାଯାଇଛି। ଚଳିତବର୍ଷ ବହୁ ଆଡମ୍ବର ଓ ପ୍ରଥମ ଥର ତିନି ରଥ ହୋଇଥିବାରୁ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହେବ ବୋଲି କମିଟି ଆଶା ରଖିଛି।

ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ଜିଲାସ୍ତରୀୟ ବୈଠକ

ଭବାନୀପାଟଣା,୧୭ (ଡି.ଏନ.ଏ.)

କଳାହାଣ୍ଡି ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ଜିଲାସ୍ତରୀୟ ବୈଠକ ସ୍ଥାନୀୟ ବାଲାଜୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ବିରଜା ପଣ୍ଡାଙ୍କ ଆଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ଜିଲା କାର୍ଯ୍ୟ କର୍ତ୍ତା ତଥା ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଦସ୍ୟ ମନୋଜ ନାୟକ ଅଖଣ୍ଡ ଭାରତ ସମ୍ବନ୍ଧରେ ବୌଦ୍ଧିକ ତତ୍ତ୍ୱ ପ୍ରଦାନ କରିଥିଲେ। ସାମ୍ମୁଖ୍ୟର ଓଡିଶା ପଶ୍ଚିମ ପ୍ରାନ୍ତର ସଂଯୋଜକ ଗଙ୍ଗାଧର ବେଶ୍ରା ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଉଦବୋଧନ ଦେଇଥିଲେ। ବୈଠକରେ ଜିଲା ଓ ଖଣ୍ଡର କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ଏଥିରେ ଜିଲା ସଂଯୋଜକ ବିରଜା ପଣ୍ଡା, ସହ ସଂଯୋଜକ ସଞ୍ଜୟ ଠାକୁର ଓ କୁଳମଣି ହରପାଲ ଓ ଯୁବ ବାହିନୀ ପ୍ରମୁଖ ସୁଶାନ୍ତ ନିଆଲ, ବୀରାଙ୍ଗନା ବାହିନୀ ପ୍ରମୁଖ ଗୁରୁପ୍ରୀତ କୌର, ଗଜେନ୍ଦ୍ର ଡାକୁଆ ପ୍ରମୁଖ ମନୋନୀତ ହୋଇଥିଲେ। ଭବାନୀପାଟଣା ଖଣ୍ଡ ସଂଯୋଜକ ମନୋଜ ନାୟକ, ନର୍ଲା ଖଣ୍ଡ ସଂଯୋଜକ ପ୍ରଫୁଲ୍ଲ ନାଗ, ଗୋଲାମୁଣ୍ଡା ଖଣ୍ଡ ସଂଯୋଜକ ବଳଭଦ୍ର ଭୋଇ, ଜୁନାଗଡ ଖଣ୍ଡ ସଂଯୋଜକ କ୍ଷୀରସିନ୍ଧୁ ନାଏକ, କର୍ଲାମୁଣ୍ଡ ଖଣ୍ଡ ସଂଯୋଜକ କାହ୍ନୁ ଚରଣ ସାହୁହ, ଜୟପାଟଣା ଖଣ୍ଡ ସଂଯୋଜକ କାହ୍ନୁ ଚରଣ ସାହୁହ, ଜୟପାଟଣା ଖଣ୍ଡପ୍ରମୁଖ ମୃଣାଳକାନ୍ତ ବେହେରା, ଯୁବବାହିନୀ ପ୍ରମୁଖ ସାଗର ବେହେରା ମନୋନୀତ ହୋଇଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରଫୁଲ୍ଲ ନାଗ ଓ ତୁଷାର କାନ୍ତ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ସମନ୍ୱୟର ଜିଲା ସଂଯୋଜିକା ବଲବୀର କୌର, ଧର୍ମ ସୁରକ୍ଷା ବାହିନୀ ପ୍ରମୁଖ ସବିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ବାର୍ଷିକ ଉତ୍ସବ ଅବସରରେ ଏକ କଳ୍ପିତାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଲେଖିକା ସଂଘର ବାର୍ଷିକୋତ୍ସବ

ଭବାନୀପାଟଣା,୧୭ (ଡି.ଏନ.ଏ.)

କଳାହାଣ୍ଡି ଲେଖିକା ସଂଘର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଭବାନୀପାଟଣା ସହରସ୍ଥିତ ଲେଖକ କଳାପରିଷଦଠାରେ ଅନୁଷ୍ଠିତ ହୋଇଥିଲା। ସଂଘ ଜିଲା ସଭାନେତ୍ରୀ ଚାରୁଲତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ନେହରୁ ଯୁବକେନ୍ଦ୍ର ସଂଯୋଜିକା ଶୁଭଲକ୍ଷ୍ମୀ ନାୟକ, ମୁଖ୍ୟବକ୍ତା ନର୍ଲା କଲେଜ ଅଧାପିକା ଡ. ସୁଜାତା ମୁଣ୍ଡ, ସମ୍ମାନିତ ଅତିଥି ଜୁନାଗଡ ବିଇଓ ସୁଧାଂଶୁବାଳା ଦେବୀ, ପୂର୍ବ ରାସବିହାରୀ ବେହେରା, ଡ. ଉମେଶଚନ୍ଦ୍ର ଶତପଥୀ, ଅଶୋକ ଖମାରୀ, ସୋହନଲାଲ ଅଗ୍ରୱାଲ, ଉମାଶଙ୍କର କର, ସଂଘମିତ୍ରା କାନୁନଗୋ, ବନଶ୍ରୀ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ଗଳ୍ପିକା ଯାଜ୍ଞସେନୀ ସାହାଙ୍କ ଗଳ୍ପ ସଂକଳନ ମାଟିରୁ ଆକାଶ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯଇଥିଲା। ସେହିଭଳି କଳାହାଣ୍ଡି ଲେଖିକା ସଂଘର ମୁଖପତ୍ର କଳ୍ପିତା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସ୍ନେହଲତା ଷଡଙ୍ଗୀଙ୍କ ନେତୃତ୍ୱରେ ସୁନୟନା ମୁଣ୍ଡ, ସୋନାଲି ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଦେଇଥିଲେ। ମିନତୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀପ୍ତି ମୁଣ୍ଡ ଆନନ୍ଦିତା ପାତ୍ର, ଗିତାଞ୍ଜଳୀ ମହାନ୍ତି, ସବିତା ସତପଥି, ଦୀପ୍ତି ସିଂହ, ଯୋସ୍ନା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଏବିଇଓଙ୍କୁ ସମ୍ବର୍ଦ୍ଧନା

ଜୁନାଗଡ,୧୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଏବିଇଓ କୁଳମଣି ମାଝିଙ୍କୁ ସୋମବାର ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ-କଟକ (୧) ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘ ସଭାପତି ସରୋଜ କୁମାର ପଣ୍ଡା, ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ଜିଲା ଯୁଗ୍ମ ସାଧାରଣ ସମ୍ପାଦକ ବିରେନ୍ଦ୍ର ବାଗ ପ୍ରମୁଖ ଫୁଲତୋଡା ଦେଇ ଏବିଇଓ ମାଝିଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀ ଓ ଏବିଇଓ ନାରାୟଣ ମେହେର ମଧ ଉପସ୍ଥତ ଥିଲେ। ଏବିଇଓ ମାଝି ଏହା ପୂର୍ବରୁ ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ କାର୍ଯ୍ୟ କରୁଥିଲେ।

ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏବିଇଓଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଅସ୍ଥାୟୀ ଝାଡୁଦାରଙ୍କ ହାତରେ ଆୟୁର୍ବେଦ ଡାକ୍ତରଖାନାର ଭବିଷ୍ୟତ

୨୦ ଆୟୁର୍ବେଦ ଚିକିତ୍ସାଳୟରେ ୭ ଡାକ୍ତର

- ରୋଗୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ

ଭବାନୀପାଟଣା,୧୭ (ଡି.ଏନ.ଏ.)

କଳାହାଣ୍ଡି ଓ ନୂଆପଡା ଜିଲା ଆୟୁର୍ବେଦ ଡାକ୍ତରଖାନାରେ ଡାକ୍ତର ଓ ସହାୟକ ଅଭାବ ସମସ୍ୟା ଲାଗି ରହିଛି। ଫଳରେ ରୋଗୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କଳାହାଣ୍ଡି ଜିଲାର ୨୦ଟି ଡିସ୍‌ପେନସାରିରେ ୭ ଜଣ ଡାକ୍ତର ଥିବା ବେଳେ ଅବିଭକ୍ତ କଳାହାଣ୍ଡି ଜିଲାର ୩୦ଟି ଆୟୁର୍ବେଦ ଡାକ୍ତରଖାନାରେ ଜଣେ ମଧ୍ୟ ଆୟୁର୍ବେଦ ସୟାହକ ନାହାନ୍ତି। ଅସ୍ଥାୟୀ ଝାଡୁଦାରଙ୍କ ହାତରେ ବହୁ ଆୟୁର୍ବେଦ ଡାକ୍ତରଖାନାର ଭବିଷ୍ୟତ ରହିବା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକର ସନ୍ଧକୁଲିହାରୀ, ଜୟପାଟଣା ବ୍ଲକର ଭଇଁରିପାଲି, ଜୁନାଗଡ ବ୍ଲକର ନାନ୍ଦୋଲ, ବୁଢିଦର, କେସିଙ୍ଗା ବ୍ଲକ ଲଇତରା, କଳମପୁର ବ୍ଲକ ମଣ୍ଡଳ, ଲାଞ୍ଜିଗଡ ବ୍ଲକ ଗୁଣ୍ଡରି, କମର୍ଦା, ମ. ରାମପୁର ବ୍ଲକ ଉର୍ଲାଦାନୀ, ମୋହନଗିରି, ଥୁ. ରାମପୁର ବ୍ଲକ କର୍ଲାପାଟ, ଡୁମେରପଦର, ନର୍ଲା ବ୍ଲକ ମୁସ୍କୁଟି ସମେତ ୧୩ଟି ଡାକ୍ତରଖାନା ବିନା ଡାକ୍ତରରେ ଚାଲିଛି। କେବଳ ଗୋଲାମୁଣ୍ଡା ବ୍ଲକର ବଡଚେରେଗାଁ, କୋକସରା ବ୍ଲକର ମୁଷାପାଲି ଓ ଗୋଟୋମୁଣ୍ଡା, ନର୍ଲା ବ୍ଲକର ବାଲିପଡା, ଭବାନୀପାଟଣା ସଦର ବ୍ଲକର ଚାଞ୍ଚେର, ଜୁନାଗଡ ବ୍ଲକର ମଥୁରା ସମେତ ୭ଟି ଆୟୁର୍ବେଦ ଡାକ୍ତରଖାନାରେ ଡାକ୍ତର ଅଛନ୍ତି। କଳାହାଣ୍ଡି ଜିଲାର କୌଣସି ଡାକ୍ତରଖାନାରେ ଆୟୁର୍ବେଦ ସହାୟକ ନାହାନ୍ତି। ସମସ୍ତ ଡାକ୍ତରଖାନାରେ ଅସ୍ଥାୟୀ ଝାଡୁଦାର ଥିବା ବେଳେ କେବଳ ନର୍ଲା ବ୍ଲକ ମୁସ୍କୁଟି ଡାକ୍ତରଖାନାରେ ଅସ୍ଥାୟୀ ଝାଡୁଦାର ନାହାନ୍ତି। ୧୨ଟି ଆୟୁର୍ବେଦ ଡାକ୍ତରଖାନା ଅସ୍ଥାୟୀ ଝାଡୁଦାର ଭରସାରେ ଚାଲିଛି। ଉର୍ଲାଦାନୀ ଓ କର୍ଲାପାଟ ଡାକ୍ତରଖାନାରେ ନିଜସ୍ୱ ଘର ନାହିଁ। ଫଳରେ ଗାଁ ଲୋକଙ୍କ ଦୟାରେ ଘରୋଇ ଜାଗାରେ ଡାକ୍ତରଖାନା ଚାଲିଛି। ସେହିଭଳି ନାନ୍ଦୋଲ, ଭଇଁରିପାଲି, ଗୋଟୋମୁଣ୍ଡା ଡାକ୍ତରଖାନାରେ ନୂଆ ଗୃହ ନିର୍ମାଣ ଚାଲିଛି। ଅନ୍ୟପକ୍ଷରେ ସନ୍ଧିକୁଲିହାରି, ମୁଷାପାଲି ଡାକ୍ତରଖାନାର ନୂଆ ଗୃହ ନିର୍ମାଣ ଶେଷ ହୋଇଛି। ମୋହନଗିରି ଡାକ୍ତରଖାନାରେ ଗତ କିଛିଦିନ ତଳେ କାଳବୈଶାଖୀ ଯୋଗୁ କବାଟ ଝରକା ଭାଙ୍ଗିଯାଇଛି। ଗତ ମାର୍ଚ୍ଚଠାରୁ କଳାହାଣ୍ଡି ଓ ନୂଆପଡା ଜିଲା ପାଇଁ ଥିବା ଜିଲା ମୁଖ୍ୟ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ପଦବି ଖାଲି ପଡିଛି। ତାଙ୍କ ସ୍ଥାନରେ ନୂଆପଡା ଜିଲା ଖରିଆର ବ୍ଲକ ବିଜେପୁର ଡାକ୍ତରଖାନାର ଡାକ୍ତର ବସନ୍ତ କୁମାର ହୋତାଙ୍କୁ କାମଚଳା ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ଜଣେ କିରାଣି ଓ ପିଅନରେ ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ଗତ ୩ ବର୍ଷ ଧରି ବିଭାଗୀୟ ପ୍ରମୋସନ କମିଟି ବୈଠକ ବସି ନ ଥିବା ଯୋଗୁ ଏହି ପଦବିପୂରଣ ହୋଇପାରୁ ନାହିଁ। ନୂଆପଡା ଜିଲାରେ ମଧ୍ୟ ୧୦ଟି ଆୟୁର୍ବେଦିକ ଡାକ୍ତରଖାନାରେ ୯ ଜଣ ଡାକ୍ତର ଥିବାବେଳେ କେବଳ ବିଜେପୁର ଡାକ୍ତରଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦାୟିତ୍ୱ ପ୍ରଦାନ କରାଯାଇଛି। ସିନାପାଲି ବ୍ଲକର ନଙ୍ଗଲବୋଡ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଜିଲାର ୧୦ଟି ଡାକ୍ତରଖାନାରେ ଆୟୁର୍ବେଦ ସହାୟକ ପଦବି ଖାଲି ପଡିଛି। କେବଳ ନଙ୍ଗଲବୋଡ ଡାକ୍ତରଖାନରେ ଅସ୍ଥାୟୀ ଝାଡୁଦାର ପଦବି ଖାଲି ପଡିଛି। ଏହି ଜିଲାର ବିଜେପୁର ଓ ଦୁଆଝର ଡାକ୍ତରଖାନାର ନିଜସ୍ୱ ଗୃହ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୁର୍ବେଦିକ ଚିକିତ୍ସାକୁ ପ୍ରୋତ୍ସାହନ ଦେଉଥିବା ବେଳେ କଳାହାଣ୍ଡି ଓ ନୂଆପଡା ଜିଲାର ଡାକ୍ତର, ସହାୟକ ଓ ଅସ୍ଥାୟୀ ଝାଡୁଦାର ପଦବି ଖାଲି ପଡିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଡାକ୍ତର ବସନ୍ତ କୁମାର ହୋତାଙ୍କୁ ପଚାରିବାରୁ ଡାକ୍ତର ପଦବୀ ଖାଲିଥିବା ଯୋଗୁ ଜଣେ ଡାକ୍ତରଙ୍କୁ ୩ ରୁ ୪ ଟି ଡାକ୍ତରଖାନା ଦାୟିତ୍ୱ ପ୍ରଦାନ କରାଯାଇଛି। ସପ୍ତାହକ ପାଳି କରି ଡାକ୍ତରଖାନା ଚାଲିଛି ବୋଲି ପ୍ରକାଶ କରିବା ସହିତ ଏ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଡାକ୍ତର ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

ଭବାନୀପାଟଣା ଆୟୁର୍ବେଦ ଡାକ୍ତରଖାନା।

ଆବାସିକ ବିଦ୍ୟାଳୟ ପାଚେରି ନାହିଁ

ଅସୁରକ୍ଷିତ ଛାତ୍ରୀ, ଚିନ୍ତାରେ ଅଭିଭାବକ

କୋକସରା,୧୭ (ଡି.ଏନ.ଏ.)

ଚିଲିଗୁଡ଼ା କସ୍ତୁରବା ଆବାସିକ ବିଦ୍ୟାଳୟ

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଚିଲିଗୁଡ଼ାଠାରେ ଥିବା କସ୍ତୁରବା ଆବାସିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୧୦୦ ଜଣ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଆବାସିକ ବିଦ୍ୟାଳୟରେ ପଢୁଥିବା ଓ ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେଉ ନ ଥିବା ନେଇ ଅଭିଯୋଗ ହେଉଛି।

ସୂଚନା ଅନୁସାରେ କସ୍ତୁରବା ଆବାସିକରେ ରହୁଥିବା ଛାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ରହିଥିବାବେଳେ ହଷ୍ଟେଲ ପାଚେରି ଅଧପନ୍ତରିଆ ହୋଇ ପଡ଼ିରହିଛି। ଆବାସିକ ବିଦ୍ୟାଳୟ କମିଟି ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ସ୍ଥାନୀୟ ବିଧାୟକଙ୍କଠାରୁ ବିଭାଗୀୟ ଅଧିକାରୀଙ୍କୁ ପାଚେରି ନିର୍ମାଣ ପାଇଁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡ଼ା କିଛି ମିଳିନାହିଁ। ଏହି ଆବାସିକ ବିଦ୍ୟାଳୟ ଚିଲିଗୁଡ଼ା ଓ ଗଡ଼ରାମାଲ ଗ୍ରାମ ମଧ୍ୟ ଭାଗରେ ରହିଥିବା ବେଳେ ସନ୍ଧ୍ୟା ହେଲେ ଏହି ରାସ୍ତା ନିଛାଟିଆ ହେବା ସହ ବିଭିନ୍ନ ସମୟରେ ଆବାସିକ ହଷ୍ଟେଲ ଭିତରକୁ ଅସାମାଜିକ ବ୍ୟକ୍ତିମାନେ ପଶି ଆସୁଥିବା ଆଗରୁ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପାଚେରି ନ ଥିବାରୁ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁ ଥିବା ବେଳେ ଅଭିଭାବକମାନେ ମଧ୍ୟ ନିଜ ଝିଅମାନଙ୍କ ସୁରକ୍ଷା ପ୍ରତି ଚନ୍ତାରେ ରହୁଛନ୍ତି। ଗତ ଦିନରେ ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀମାନେ ରାଜରାସ୍ତା ଅବରୋଧ କରିବା ଥିବାବେଳେ ବିଭାଗୀୟ ଅଧିକାରୀମାନଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ପାଲଟିଛି। ଏ ନେଇ ସ୍କୁଲ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ନାଏକଙ୍କୁ ପଚାରିବାରୁ ପାଚେରୀ ନ ଥିବାରୁ ଅସୁବିଧା ତ ହେଉଛି। ରାତିରେ ଛାତ୍ରୀମାନେ ଭୟରେ ରହୁଛନ୍ତି। ଅନ୍ୟପଟେ ବାରମ୍ବାର ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଆଜି ଯାଏଁ କୌଣସି ଅନୁଦାନ ପାଚେରୀ ନିର୍ମାଣ ପାଇଁ ଆସିନାହିଁ ବୋଲି କହିଥିଲେ। କୋକସରା ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ନୂତନ ସ୍କୁଲ ଗୃହ ସହ ପାଚେରି ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି। ତେବେ କେବେ ପାଚେରି ନିର୍ମାଣ ହେବ ଓ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ସୁରକ୍ଷା ମଧ୍ୟରେ ରହିବେ ତାହା ଦେଖିବାକୁ ବାକି ରହିଲା।

ଚିଲିଗୁଡ଼ା କସ୍ତୁରବା ଆବାସିକ ବିଦ୍ୟାଳୟର ପାଚେରି ଅଧପନ୍ତରିଆ ହୋଇ ପଡ଼ିରହିଛି।

ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ; ତାଙ୍କରି କରୁଣାରେ ତୁମ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।

- ରାମାନୁଜ

ସଂକ୍ଷେପରେ

ପାର୍ଲାମେଣ୍ଟରେ କଳାହାଣ୍ଡି ଏମ୍‌ପି

ରେଳ ଲାଇନ, ମେଡିକାଲ କଲେଜ ଦାବି

ନୂଆପଡା ଅଫିସ,୧୭- କଳାହାଣ୍ଡି ଜିଲାର ସମସ୍ୟାଗୁଡିକୁ ନେଇ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି ନବନିର୍ବାଚିତ ଏମପି ବସନ୍ତ କୁମାର ପଣ୍ଡା। ସୋମବାର ଜିରୋଆୱାରରେ ଏମପି ପଣ୍ଡା ଅବହେଳିତ ଅଞ୍ଚଳକୁ ନେତୃତ୍ୱ ଦେଉଥିବା କହି ରେଳ ଲାଇନ କ୍ଷେତ୍ରରେ କରାଯାଇଥିବା ଅବହେଳା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହିକ୍ରମରେ କଣ୍ଟାବାଞ୍ଜି-ଖଡିଆଳ-ଜୁନାଗଡ-ନବରଙ୍ଗପୁର ରେଳଲାଇନ କାମକୁ ତୁରନ୍ତ ତ୍ୱରାନ୍ୱିତ କରିବା, ବରଗଡରୁ ନୂଆପଡା ରେଳ ଲାଇନ ନିର୍ମାଣ ପ୍ରସ୍ତାବିତକୁ କାର୍ଯ୍ୟକାରୀ କରିବା, କଳାହାଣ୍ଡିରେ ଏକ ମେଡିକାଲ କଲେଜ ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି ।

ହିତାଧିକାରୀଙ୍କ ନାଁରେ ଅର୍ଥ ଆତ୍ମସାତ୍

ନୂଆପଡା ଅଫିସ,୧୭

ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ
- ନିଜ ସ୍ୱାର୍ଥ ପାଇଁ ଅଭିଯୋଗ କରାଯାଇଛି
- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସମ୍ପୃକ୍ତ

ନୂଆପଡା ଏବଂ ବଲାଙ୍ଗୀର ଜିଲାରେ ଚାଷୀଙ୍କୁ ଜଳ ସେଚନର ସୁବିଧା ଯୋଗାଇଦେବାକୁ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏଥିରେ ବିସ୍ଥାପିତ ହେଉଥିବା ହିତାଧିକାରୀମାନଙ୍କୁ ଥଇଥାନ କରିବା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଏଥିରେ ନକଲି ହିତାଧିକାରୀ ଏବଂ ମୃତକଙ୍କ ନାଁରେ କୋଟି କୋଟି ଟଙ୍କା ଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳର ବିସ୍ଥାପିତ ପରିବାର ଲୋକ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଏହାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ପ୍ରାପ୍ତ ଅଭିଯୋଗ ଅନୁସାରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଅଞ୍ଚଳର ପ୍ରକୃତ ହିତାଧିକାରୀମାନେ ବଞ୍ଚିତ ରହିଥିବାବେଳେ କେତେଜଣ ମୃତକ ହିତାଧିକାରୀଙ୍କ ନାଁରେ ଅର୍ଥ ମଞ୍ଜୁରୀ କରି ଉଠାଣ କରାଯାଇଛି । ପୁଣି କେତେକ ନକଲି ହିତାଧିକାରୀଙ୍କ ନାଁରେ ମଧ୍ୟ ଜାଲ କାଗଜାତ ପ୍ରସ୍ତୁତ କରି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଭାବେ ଅବସ୍ଥାପିତ ଥିବା ଡ. ହିମାଞ୍ଚଳ ମାଝି ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ତାଲିକାରେ କୋନାବିରା, ଚାନ୍ଦୋପଲା, କର୍ଲାକୋଟ, ଲମ୍ବିପାଣି, କୋଟାମାଲ ଆଦି ଗାଁର ମୃତକ ବ୍ୟକ୍ତିଙ୍କ ନାମରେ ଥଇଥାନ ରାଶି ମଞ୍ଜୁର କରି ଉଠାଣ ହୋଇଛି। ସେହିପରି ଅଗ୍ରେନ, ରଘୁପାଲି, କୋଟାମାଲ ଆଦି ଗାଁର ବିଭିନ୍ନ ସାର୍ଟିଫିକେଟ ଦେଖାଇ ନକଲି ହିତାଧିକାରୀଙ୍କ ନାମରେ ଟଙ୍କା ଉଠାଣ କରାଯାଇ ହଡପ କରାଯାଇଥିବା ଅଭିଯୋଗ ହୋଇଛି । ଏ ବିଷୟରେ ଉକ୍ତ ଅଞ୍ଚଳର ବିସ୍ଥାପିତ ପରିବାର ତରଫରୁ ବୃନ୍ଦାବନ ମହାନନ୍ଦ, ତୁଳସୀରାମ ମାଝି, ପାଶା ମହାନନ୍ଦ, ଧ୍ରୁବଚରଣ ଦଳ, ତୁଳାରାମ ଦୁରିଆ ପ୍ରମୁଖ ଜିଲାପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି। ଏହା ଉପରେ ଅଧିକାରୀ ଡ. ମାଝିଙ୍କୁ ପଚାରିବାରେ ଏହା କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷଙ୍କ ତରଫରୁ ବଦନାମ କରିବାକୁ ପ୍ରୟାସ କରାଯାଇଛି। ସେହି ବ୍ୟକ୍ତିମାନେ ସବୁବେଳେ ଜାଲ କାଗଜାତ କରି ନିଜର ସ୍ୱାର୍ଥ ପୂରଣ ସକାଶେ ଉଦ୍ୟମ କରିଥିଲେ । ବିଫଳ ହେବାରୁ ଏଭଳି ହୀନ ଚକ୍ରାନ୍ତ କରୁଛନ୍ତି ବୋଲି କହିଛନ୍ତି। ସେମାନଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି । ସେ ଯାହେଉ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସବୁ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ଡାକ୍ତର ଦିବସ ପାଳନ ଅବସରରେ କୋମନା ହସ୍ପିଟାଲ କ୍ୟାମ୍ପସରେ କ୍ରିଷ୍ଣା ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର।

ଡାକ୍ତର ଦିବସ ପାଳିତ

ନୂଆପଡା ଅଫିସ/କୋମନା,୧୭

କୋମନା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରପରିସରରେ ସ୍ଥାନୀୟ କ୍ରିଷ୍ଣା ପବ୍ଲିକ ସ୍କୁଲ ତରଫରୁ ଡକ୍ତର ଦିବସ ପାଳିତ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଏଲ. ଜୟଜୟା ମାଧବୀ ସଭାପତିତ୍ୱ କରିଥିବାବେଳେ ଡା. ଦିବାକର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅବଗତ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ତରଫରୁ ଡାକ୍ତରମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରୋଗୀମାନଙ୍କୁ ମିଷ୍ଟାନ୍ନ, ଫଳ ବଣ୍ଟନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଡାକ୍ତରମାନେ ଯୋଗଦେଇଥିଲେ। ହସ୍ପିଟାଲ ତରଫରୁ ରାଧେଶ୍ୟାମ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

ଓଡ଼ିଆ ଶିକ୍ଷକ ନିଯୁକ୍ତିରେ ଅନିୟମିତତା
ନୂଆପଡ଼ା ଏକଲବ୍ୟ ବିଦ୍ୟାଳୟ

ନୂଆପଡା ଅଫିସ,୧୭

ନୂଆପଡା ଏକଲବ୍ୟ ବିଦ୍ୟାଳୟରେ ଓଡିଆ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଭାଗ ନେଇଥିବା ପ୍ରାର୍ଥୀମାନେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ତଦନ୍ତ ଦାବି କରିଛନ୍ତି । ପ୍ରକାଶ ଯେ, ଗତ ଜାନୁୟାରୀ ୨ ତାରିଖରେ ନୂଆପଡା ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଏକଲବ୍ୟ ବିଦ୍ୟାଳୟରେ ପିଜିଟି (ଓଡିଆ) ନିଯୁକ୍ତି ସକାଶେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏଥିରେ ମୋଟ ୭ଜଣ ପ୍ରାର୍ଥୀ ଦରଖାସ୍ତ ଦେଇ ଇଣ୍ଟରଭ୍ୟୁରେ ଭାଗ ନେଇଥିଲେ। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ, ଶିକ୍ଷାଗତ ଯୋଗ୍ୟତା ସହ ପ୍ରାର୍ଥୀଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯିବ। ହେଲେ ବାହାର ଜିଲାର ଜନୈକ ପ୍ରାର୍ଥୀଙ୍କୁ ଚଞ୍ଚକତା କରି ବିନା ଅଭିଜ୍ଞତାରେ ଚୟନ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀମାନେ କୌଣସି ସୂତ୍ରରୁ ଖବର ପାଇଛନ୍ତି ଯେ ଏଥିରେ ଜିଲାପାଳ ମୋହର ମାରିସାରିଥିବାବେଳେ ନିଯୁକ୍ତିପତ୍ର ପ୍ରଦାନ କରିନାହାନ୍ତି । ତେଣୁ ସରକାର ଯେ କୌଣସି ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ରଖିବାକୁ ଘୋଷଣା କରୁଥିବାରୁ ଏହାର ଏକ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ନ ହେଲେ ଏହା ଉପରେ ଦରକାର ପଡିଲେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି । ଏହାକୁ ନେଇ ପ୍ରାର୍ଥୀମାନେ ଜିଲାପାଳଙ୍କ ସହ ବିଭାଗୀୟ ସଚିବ, ମନ୍ତ୍ରୀଙ୍କୁ ଡାକ ଯୋଗେ ଜଣାଇଛନ୍ତି ।

କୋମନା ରେଞ୍ଜସ୍ତରୀୟ ବନମହୋତ୍ସବ

ନୂଆପଡା ଅଫିସ/ତରବୋଡ,୧୭

ନୂଆପଡ଼ା ଜିଲା କୋମନା ଫରେଷ୍ଟ ରେଞ୍ଜ ଅଧୀନ ତରବୋଡ ଥାନା ପରିସରରେ ରେଞ୍ଜସ୍ତରୀୟ ବନମହୋତ୍ସବ ସୋମବାର ପାଳିତ ହୋଇଯାଇଛି । ଅପରାହ୍ନ ୪ଟାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ବନବିଭାଗ ରେଞ୍ଜର ଜଗଦିଶ ଦୁରିଆ ସଭାପତିତ୍ୱ କରିଥିବାବେଳେ ଫରେଷ୍ଟର ଦୁର୍ଯ୍ୟୋଧନ ଦିକ୍ଷିତ, ଫରେଷ୍ଟ ଗାର୍ଡ ରାଜେଶ ଦୁରିଆ, ଫାଣ୍ଡି ଅଧିକାରୀ ଲଚ୍ଛିନ୍ଦ୍ର ଚଲାନ, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ମାଝି, ପୂର୍ବତନ ସମିତି ସଭ୍ୟ ପରଦେଶୀ ମେହେର, ବରିଷ୍ଠ ସାମାଜିକ କର୍ମୀ କନକ କୁମାର ଭଷାଣୀ, ଅର୍ଜୁନ ଜଗତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମେ ଏହି ବର୍ଷର ପ୍ରଥମ ଗଛ ଲଗାଇ ବନମହୋତ୍ସବର ବାର୍ତ୍ତା ଦେଇଥିଲେ। ଏହି କ୍ୟାମ୍ପସ ମଧ୍ୟରେ ଏହି ଦିନ ମୋଟ ୫୦ଟି ଭିନ୍ନ ଭିନ୍ନ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ସିଂ, ଲୋଚନ ମହାରଥା ପ୍ରମୁଖ ଯୋଗଦେଇଥିଲେ।

ଅତିଥିମାନେ ତରବୋଡ ଫାଣ୍ଡି କ୍ୟାମ୍ପସରେ ଚାରା ରୋପଣ କରୁଛନ୍ତି ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କୁରୁ ଘର ଖାଇ
ପାଣ୍ଡବ ଘର ଚିନ୍ତା କରଇ ।

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

କିଣିଲି ଯେତେ ବିକିଲି ସେତେ
ଘରକୁ ଫେରିଲି ଶୁଖିଲା ହାତେ ।

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ରାଜା ଏଟି ହାଇସ୍କୁଲର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟଙ୍କ ଖଡିଆଳ ଥାନା ପରିଦର୍ଶନ

ଖଡିଆଳ ଏନ୍‌ଏସି,୧୭ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜାଏଟି ହାଇସ୍କୁଲର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟମାନେ ସୋମବାର ଖଡିଆଳ ଥାନା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଖଡିଆଳ ଥାନାର ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ପୋଲିସ କର୍ମଚାରୀମାନେ ରାଜାଏଟି ହାଇସ୍କୁଲ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟମାନଙ୍କୁ ଖଡିଆଳ ଥାନାର ବିଭିନ୍ନ ବିଭାଗକୁ ବୁଲାଇବା ପରେ ଥାନା ଅଧିକାରୀ ପୋଲିସର କାର୍ଯ୍ୟ ଦକ୍ଷତା ଓ ବିଭିନ୍ନ ଆଇନକାନୁନ ଦିଗ ଉପରେ ବୁଝାଇଥିଲେ। ଏଥିସହ ଟ୍ରାଫିକ ନିୟମ ପାଳନ କରିବା ସମେତ ମୋଟରସାଇକେଲ ଚଳାଇବା ବେଳେ ହେଲମେଟ ପିନ୍ଧିବା ଏବଂ ଗାଡି ଚଳାଇବା ସମୟରେ ମୋବାଇଲ ଫୋନରେ କଥା ନ ହେବାକୁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନରେ ରାଜା ଏଟି ହାଇସ୍କୁଲର ମୋଟ ୩୫ ଜଣ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟମାନଙ୍କ ସହ ଗାଇଡ ଶିକ୍ଷକ ଗୌରାଙ୍ଗ ସାହୁ ଓ ଅଶୋକ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

ନ୍ୟାଶନାଲ କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନୂଆପଡା ଅଫିସ,୧୭

ସ୍ଥାନୀୟ ନ୍ୟାଶନାଲ କଲେଜର ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ରବିବାର ଚାକିରୀରୁ ଅବସରଗ୍ରହଣ କରିଛନ୍ତି । ଏହି ଦିନ କଲେଜ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି । କାର୍ଯ୍ୟକ୍ରମରେ କଲେଜର ବରିଷ୍ଠ ଇଂରାଜୀ ବିଭାଗ ପ୍ରାଧ୍ୟାପକ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ପ୍ରାଧ୍ୟାପକ କିଶୋର କୁମାର ବାରିକ, ସରୋଜ କୁମାର ପାଢ଼ୀ, ସୁରେନ୍ଦ୍ର ମୋହନ ଦାସ, ଶ୍ରୀରାମପୁର କଲେଜର ବାଣିଜ୍ୟ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ଦୁର୍ଲ୍ଲଭ ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟର ବିଭିନ୍ନ ଉଲ୍ଲେଖନୀୟ ସଫଳତା ଉପରେ ଆଲୋଚନା କରିଥିଲେ। ସେହିଭଳି ଡ. ପଟ୍ଟନାୟକ ତାଙ୍କର ବିଦାୟକାଳୀନ ବକ୍ତବ୍ୟରେ କଲେଜର ଉତରୋତର ଉନ୍ନତିକାମନା କରିଥିଲେ । ଏହି ସଭାରେ ଅଧ୍ୟାପକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସଚିନ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444 8860599820

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075 7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଳେଶ, ସ୍ୱାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996 7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773 9468038873

See Color Display Classified on every Tuesday & Friday

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ

ସଂକ୍ଷେପରେ

ଦିବ୍ୟାଙ୍ଗ ବଗିରେ ବସି ଦଣ୍ଡ ଗଣିଲେ ସକ୍ଷମ

ଟିଟିଲାଗଡ଼, ୧୭ (ଡି.ଏନ.ଏ): ଟିଟିଲାଗଡ ଆରପିଏଫ ପକ୍ଷରୁ ସୋମବାର ସିରିଡି-ପୁରୀ ସାଇନଗର ଏକ୍ସପ୍ରେସରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ଚଢ଼ାଉ କରାଯାଇଛି। ବଗିରେ ୧୬ ଜଣ ସକ୍ଷମ ଯାତ୍ରୀ ବେଆଇନ ଭାବରେ ଦିବ୍ୟାଙ୍ଗ ବର୍ଥ ଦଖଲ କରି ଯାତ୍ରା କରୁଥିବା ଆରପିଏଫ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଏଣୁ ସେମାନଙ୍କୁ ଗିରଫ କରାଯାଇଥିଲା। ଏହା ସହ ୩ ଜଣ ବିନା ଟିକଟଧାରୀ ଏବଂ ଜଣେ ବେଆଇନ ହକରଙ୍କୁ ରେଲବାଇ ପୋଲିସ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ରେଲବାଇ ମାଜିଷ୍ଟ୍ରେଟଙ୍କ ଟିଟିଲାଗଡ କ୍ୟାମ୍ପ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଆଦେଶ କ୍ରମେ ଅଭିଯୁକ୍ତମାନେ ଜୋରିମାନା ଦାଖଲ ପରେ ଛାଡ ପାଇଥିଲେ।

ରଥଯାତ୍ରା ପାଳନ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

କଣ୍ଟାବାଞ୍ଜି,୧୭(ଡି.ଏନ.ଏ.): ସ୍ଥାନୀୟ ଏନ୍‌ଏସି କନଫରେନ୍ସ ହଲ୍‌ରେ କଣ୍ଟାବାଞ୍ଜି ସହରରେ ରଥଯାତ୍ରା ପାଳନ କରିବା ନେଇ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ତହସିଲଦାର ଅଶୋକ ମାଝିଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ, ରେଳବାଇ, ଅବକାରୀ, ଟେଲିଫୋନ, ବିଦ୍ୟୁତ୍, ପୋଲିସ, ବନ, ଅଗ୍ନିଶମ ପ୍ରଭୃତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସହରର ଟ୍ରାଫିକ, ପାନୀୟ ଜଳ ସମସ୍ୟା ସମାଧାନ କରାଯିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଆଲୋଚନା ହୋଇଥିଲା। ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ।

ଯୋଗ ଶିବିର ଉଦ୍‌ଯାପିତ

ଟିକ୍ରାପଡା,୧୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜି ଗ୍ରାମରେ ଆଦର୍ଶ ଯୁବକ ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ତ୍ରି ଦିବସୀୟ ଯୋଗ ଶିବିର ସୋମବାର ଉଦ୍‌ଯାପିତ ହୋଇ ଯାଇଛି। ନାରାୟଣ ପଣ୍ଡା, ଇନ୍ଦ୍ରମଣି ବନଛୋର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଙ୍ଘ ସଭାପତି ଜୟରାମ ମାଝି ଉଦ୍‌ଯାପନୀ ସଭାରେ ଅଧକ୍ଷତା କରିଥିଲେ। ସଂପାଦକ ହରିଶ୍ଚନ୍ଦ୍ର ବାଗ ସଭାରେ ସଂଯୋଜନା କରିଥିଲେ। ସତ୍ୟ ନାରାୟଣ ମହାକୁର, ନିମାନନ୍ଦ ଖମାରୀ, କୃଷ୍ଣଚନ୍ଦ୍ର ମାଝି, ବୁଲୁ ମିର୍ଦ୍ଧା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରବିନାରାୟଣ ମହାକୁର ଅତିଥି ପରିଚୟ ଦେଇଥିବାବେଳେ ରଞ୍ଜନ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ବର୍ଷା ଉଭାନ, ଧାନ ବୁଣି ଚାଷୀ ହତାଶ

ଟିକ୍ରାପଡା,୧୭(ଡି.ଏନ.ଏ.): ସଇଁତଲା ବ୍ଲକ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି, ଜୁରାବନ୍ଧ, କରମତଲା ପଞ୍ଚାୟତ ଅଞ୍ଚଳରେ ଶେଷ ଥର ପାଇଁ ଗତ ଜୁନ ୧୭ ତାରିଖ ସନ୍ଧ୍ୟାରେ ବର୍ଷା ହୋଇଥିଲା। ତା ପରଠୁ ଏ ଯାଏ ବର୍ଷାର ଦେଖା ନାହିଁ। ଦୁଇ ସପ୍ତାହ ତଳୁ ଚାଷୀମାନେ ଧାନ ବୁଣା ଆରମ୍ଭ କରିଛନ୍ତି। ତେବେ ବର୍ଷା ନ ହେବାରୁ ଧାନ ବିହନ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

ଚିକିତ୍ସା ଲାଗି ଟଙ୍କା ଅଭାବ୍

ଭାଏଗ୍‌କେ ଆଦ୍‌ରି ପଡ଼ିରହିଛନ୍ ସୂର୍ଯ୍ୟମଣି

ଟିକ୍ରାପଡା, ୧୭ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଁଚେତ୍‌ଅଧୀନ ଭଣ୍ଡାରବାଞ୍ଜି ଗାଁର ସୂର୍ଯ୍ୟମଣି ସୁନାପିରତି(୪୬)। ସେ ଗଲା ୨୦୧୮ ଅକ୍ଟୋବରରେ ଗୁଟେ ବାଇକ ଦୁରଘଟନାର ଶିକାର ହେଲାରୁ ତାକର ନଲଗୁଡ଼ର ହାଡ଼ ଭାଂଗିଗଲା। ଏନ୍‌ତାଥି ପରିବାର ଲୋକ ଧାରଉଧାର କରି ବଲାଙ୍ଗୀରର ଗୁଟେ ଘରୋଇ ଡାକ୍ତରଖାନାରେ ଭରତି କଲେ। ସେଠାନେ ସୂର୍ଯ୍ୟମଣିକଁର ଭଂଗା ଗୋଡ୍‌ର ଅପରେଶନ କରି ଷ୍ଟିଲ ରଡ଼ ଖଁଜାଗଲା। ହେଲେ ଏହେଦେ ଗୋଡ୍‌ରୁ ରଡ ବାହାର କରବାର ସମିଆ ୨ ମାସ ଡେରି ଯାଇଥିଲେ ବି ଟଁକା ପଏସା ଅଭାବୁ ସେ ଘରେ ପଡ଼ିରହିଛନ୍।

ସୂର୍ଯ୍ୟମଣି ସୁନାପିରତି।

ସୂଚନା ଅନ୍‌ସାରେ ସୂର୍ଯ୍ୟମଣି ୨୦୧୮ ଅକ୍ଟୋବର ମାସେ ଗୁଟେ ଦୁରଘଟନାର ଶିକାର ହେଇଥିଲେ। ପରିବାର ଲୋକ୍ ଚିକିତ୍ସା ଲାଗି ତାହାକୁ ବଲାଙ୍ଗୀର ମୁଖିଆ ଡାକ୍ତରଖାନାରେ ଭରତି କଲେ। ହେଲେ ଡାକ୍ତର ଇଠାନେ ଚିକିତ୍ସା ସମ୍ଭବ ନୁହେ, ବୁର୍ଲା ଯିବାକେ ପଡ଼ବା ବଲି ପରାମଶ ଦେଇଥିଲେ। ହେଲେ ଟଁକା ପଏସା ଅଭାବୁ ସୂର୍ଯ୍ୟମଣି ବୁର୍ଲା ନାଇଁ ଯାଇପାରଲେ। ଶେଷେ ପରିବାର ଲୋକ୍ ଲାଗରଲେସର, ବଁଧୁବାଧଁବ୍‌ନୁ ଧାର ଉଧାର କରି ୧୯.୧୦.୨୦୧୮ରେ ବଲାଙ୍ଗୀରର ଗୁଟେ ଘରୋଇ ଡାକ୍ତରଖାନାରେ ସୂର୍ଯ୍ୟମଣିକଁର ଭଂଗା ଗୋଡ୍‌ର ଅପରେଶନ କରାଲେ। ସେଠାନେ ତାକର ଗୋଡ଼ରେ ଷ୍ଟିଲ ରଡ ଖଁଜାଗଲା। ହେଲେ ଇତାର ପରେ ଭିନେ ଭିନେ ସମିଆରେ ଡ୍ରେସିଂ ସେ ବଲାଙ୍ଗୀର ଯିବାର ଆଏବାର କଲେ। ଏନ୍‌ତାଥି ଲାଗ୍‌ବରମସ ବଡ଼ବାର ସଂଗେ ଜମିବାଡ଼ି, ସୁନା ଗହନା କରି ପାଖାପାଖି ୭୦ ହଜାର ଟଁକା ଚିକିତ୍ସାରେ ଖରଚ୍ କରି ସରବ୍‌ସୁଆଁତ ହେଇଯାଇଛନ୍। ଇଆଡ଼େ ହାଡ଼ ଯୁଡ଼ି ହେବା ବଲି ଗୁଡ଼େ ୮ଟା ଷ୍ଟିଲ ରଡ ଖଁଜା ହେଇଛେ। ଅପରେଶନର ୬ ମାସ ଉତାରୁ ସେ ରଡ ସବୁ ହିଟେଇ ଦେବାର କଥା। ହେଲେ ଟଁକା ପଏସା ଅଭାବୁ ରଡ ହିଟାବାର ଧାର୍ଯ୍ୟ ସମିଆନୁ ୨ ମାସ ଡେରିଯାଇଥିଲେ ବି ସୂର୍ଯ୍ୟମଣି ଅପରେଶନ କରେଇ ନାଇଁ ପାରବାର। ଇଥିରଲାଗି ଯିବାର ଆଏବାର, ଚିକିତ୍ସା, ଉଷୋକଷା ବାବ୍‌ଦେ ପାଖାପାଖି ୧୦ ହଜାର ଟଁକା ଖରଚ୍ ହେବା। ହେଲେ ସୂର୍ଯ୍ୟମଣି ଅଭାବ ଅନାଟନ ଲାଗି ଟଁକା ଯୁଗାଡ଼ କରି ନାଇଁପାରି ଖଟେ ପଡ଼ିରହିଛନ୍। ଏନ୍‌ତାଥି ଘରେ ମାଏକିନା ମିଥିଲା, ୪ ପୁଓ ଆର ଗୁଟେ ବଲି ଝିଁ ଦୁଖିରେ ଭାଂଗିପଡ଼ିଛନ୍। ସୂର୍ଯ୍ୟମଣିକଁର ବଡ଼ ପୁଓ ଭକ୍ତବନ୍ଧୁ(୨୭) ଘରର ଅବସ୍ତା ଦେଖି ବାହାର ରାଏଜ୍‌କେ ଦାଦନ ଖଟିଯାଇଥିଲାବେଲେ ଦୁତୀଅ ପୁଓ ପୁଷ୍ପାଞ୍ଜଳ(୧୭) ଗାଁରେ ଲୁକ୍‌କର କୁଲିମଜୁରି ପରିବାର ଚଲଉଛନ୍। ଉନିଆ ଦୁଇପୁଓ ବିଶ୍ୱାମିତ୍ର ଆର ନରୋତ୍ତମ ଅଷ୍ଟମ ୮ମ ଆର ୪ର୍ଥ ଶ୍ରେଣୀରେ ପଢୁଛନ୍। ଏନ୍‌ତାଥି ସୂର୍ଯ୍ୟମଣିକଁର ମାଏକିନା ମିଥିଲା ବଡ଼ା ଗୁଲଗୁଲା ହେଇ ସରକାରୀ ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ଜିଲାପାଲକୁଁ ଗୁହାରି କରିଛନ୍। ଇ ଦୁଖି ପରିବାର ଉପରେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ସୂର୍ଯ୍ୟମଣିକୁଁ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

ଚୋରା ଚାଲାଣ ବେଳେ ଧରିଲା ବନ ବିଭାଗ

୨ ଟ୍ରକ୍ ସହ ୮୦ ହଜାର ଟଙ୍କାର ବାଉଁଶ ଜବତ, ୭ ଗିରଫ

ବଲାଙ୍ଗୀର ଅଫିସ, ୧୭

ବଲାଙ୍ଗୀର ଜିଲାରୁ ଚୋରା ଚାଲାଣ ହେଉଥିବା ଦୁଇଟି ବାଉଁଶ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ୭ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ଏହି ଦୁଇ ଟ୍ରକ୍‌ରେ ୮୦ ହଜାର ଟଙ୍କାର ବାଉଁଶ ଚୋରା ଚାଲାଣ ହେଉଥିବା ଜଣାପଡିଛି । ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ଘୁନା ଛକ ନିକଟରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ୍ ବାବାଜୀ ଚରଣ ରାଉଳଙ୍କ ନେତୃତ୍ୱରେ ବଲାଙ୍ଗୀର ଡିଭିଜନାଲ ମୋବାଇଲ ସ୍କ୍ୱାଡ୍, ଦେଓଗାଁ ଏବଂ ବଲାଙ୍ଗୀର ରେଞ୍ଜ ଷ୍ଟାଫ ରବିବାର ରାତିରୁ ଘୁନା ବ୍ରିଜ୍ ନିକଟରେ ଛପି ରହିଥିଲେ । ସୋମବାର ସକାଳେ ଦୁଇ ବାଉଁଶ ବୋଝେଇ ଟ୍ରକ୍‌କୁ ଘୁନା ଛକ ନିକଟରେ ଜବତ କରାଯାଇଥିଲା । ଏହି ଦୁଇ ଗାଡିରେ ଥିବା ୭ ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଗିରଫ ବ୍ୟକ୍ତିମାନେ ହେଲେ ଗୁଡଭେଲାର ବୀରେନ୍ଦ୍ର ଷଡଙ୍ଗୀ (୫୦), ତରେଇଗୁଡାର ବରୁଣ ଭୋଇ (୪୮), ଭରତ କର୍ଣ୍ଣ (୨୪), ବଳଦେବ ମାଝି (୩୯), ଗିରିଧାରୀ ଭୋଇ (୨୫), ଦୁଇ ଡ୍ରାଇଭର କଳାହାଣ୍ଡି ଜିଲା ଜୁଜୁରଙ୍ଗର ଅଭିଜିତ୍ ସିଂ (୨୨), ସଦାନନ୍ଦ ସୁନାନୀ (୪୨) । ଦୁଇ ଟ୍ରକ୍ (ଓଡି୦୮ ଏଫ୍ ୦୦୯୮) ଓ (ଓଆର୦୮ ଏଫ୍ ୨୨୯୮) ଏବଂ ଗୋଟିଏ ବାଇକ୍ (ଓଡି୦୩ଜି ୨୧୪୮)କୁ ଜବତ୍ କରାଯାଇଛି। ଗୁଡଭେଲା ରେଞ୍ଜ ଅନ୍ତର୍ଗତ ସିକେରପାଟ ସଂରକ୍ଷିତ ଜଙ୍ଗଲରୁ ଏହି ବାଉଁଶ ଜିଲା ବାହାରକୁ ଚାଲାଣ ହେଉଥିବା ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଦେଓଗାଁ ରେଞ୍ଜ ଅଧିକାରୀ ଆନନ୍ଦ ବିଶି, ବଲାଙ୍ଗୀର ମୋବାଇଲ ସ୍କାଡର ଫରେଷ୍ଟର ସୁନୀଲ କୁମାର ମିଶ୍ର, ଚିତ୍ତରଞ୍ଜନ ଖମାରୀ, ବଲାଙ୍ଗୀର ଫରେଷ୍ଟର ବ୍ୟାସଦେବ ସାହୁ, ଫରେଷ୍ଟ ଗାର୍ଡ ଚିନ୍ମୟ ପ୍ରଧାନ, ହରେକୃଷ୍ଣ ପାଣି ଓ ଅନ୍ୟମାନେ ସାମିଲ ହୋଇଥିଲେ ।

ବାଉଁଶ ଚୋରାଚାଲାଣ ହେଉଥିବା ଦୁଇ ଟ୍ରକ୍‌କୁ ଜବତ କରାଯାଇଛି।

ନବଜାତ ଶିଶୁକନ୍ୟାକୁ ଅନ୍ୟକୁ ଟେକିଦେବା ଘଟଣା

ସିଡବ୍ଲ୍ୟୁସି ପକ୍ଷରୁ ତଦନ୍ତ ନିର୍ଦ୍ଦେଶ, ମିଳିନାହିଁ ଶିଶୁକନ୍ୟା

ବଲାଙ୍ଗୀର ଅଫିସ, ୧୭

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୋଇଣ୍ଡାପାଲି ଗାଁରେ ଜଣେ ନବଜାତ ଶିଶୁକନ୍ୟାକୁ ତାଙ୍କ ମା' ଅନ୍ୟ ଜଣକୁ ଟେକି ଦେବା ସମ୍ପର୍କରେ ରବିବାର ସୂଚନା ମିଳିଥିଲା । ଏ ନେଇ ଧରିତ୍ରୀରେ ସୋମବାର ଖବର ପ୍ରକାଶ ପାଇବା ପରେ ବଲାଙ୍ଗୀର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସିଡବ୍ଲ୍ୟୁସି ସଦସ୍ୟା ସୁନିତା ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ତଦନ୍ତ କରିବାକୁ ଚାଇଲ୍ଡ ଲାଇନ୍ ସଦସ୍ୟଙ୍କୁ କୁହାଯିବା ପରେ ଚାଇଲ୍ଡ ଲାଇନ୍ ଟିମ୍ କୋଇଣ୍ଡାପାଲିରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣା ସତ ବୋଲି ମଧ୍ୟ ଜଣାପଡିଛି। ସେହି ଗାଁର ଜଣେ ମହିଳା ୭ ଦିନ ତଳେ ଜନ୍ମ ଦେଇଥିବା ଶିଶୁକନ୍ୟାକୁ ଅନ୍ୟ ଜଣେ ମହିଳାଙ୍କୁ ଟେକି ଦେଇଥିବା ଏହି ଟିମ୍‌କୁ ସୂଚନା ଦେଇଥିଲେ । ହେଲେ ଏବେ ସେହି ଶିଶୁକନ୍ୟାଟି କେଉଁଠି ଅଛି ଓ କେଉଁ କାରଣରୁ ମହିଳା ଜଣକ ଏଭଳି ନିଷ୍ପତ୍ତି ନେଇଥିଲେ ତାହା କିନ୍ତୁ ଏହି ଟିମ୍‌କୁ କହି ନାହାନ୍ତି। ବହୁ ପଚରାଉଚରା ପରେ ମଧ୍ୟ ମହିଳା ଜଣକ ଶିଶୁକନ୍ୟା କେଉଁଠି ଅଛି ସେ ସମ୍ପର୍କରେ ସୂଚନା ନ ଦେବାରୁ ଚାଇଲ୍ଡ ଲାଇନ୍ ଟିମ୍ ସେଠାରୁ ଫେରି ଆସିଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଶିଶୁକନ୍ୟାକୁ ପୁଇଁତଲା ଥାନା ଅନ୍ତର୍ଗତ ମଳମଣ୍ଡା ଗାଁର ଜଣେ ମହିଳାଙ୍କୁ ଦିଆଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ଏକ ନବାଜତ ଶିଶୁକନ୍ୟାକୁ ଅନ୍ୟ ଜଣକ ହାତରେ ଟେକିଦେବା ଘଟଣା ଜଣାପଡିବା ପରେ ଏହା ଶିଶୁବିକ୍ରି ବୋଲି ଚର୍ଚ୍ଚା ଜୋର ଧରିଥିଲା । ଗରିବୀ କାରଣରୁ ମହିଳା ଜଣକ ନବାଜାତ ଶିଶୁକନ୍ୟାକୁ ପ୍ରତିପୋଷଣ କରି ନ ପାରି ଅନ୍ୟ ପରିବାରକୁ ଟେକି ଦେଇଥିବା ଚର୍ଚ୍ଚା ହେଉଛି।

୨୫ କେଜି ପଲିଥିନ୍ ଜବତ

ବଲାଙ୍ଗୀର ଅଫିସ, ୧୭

ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ସୋମବାରଠାରୁ ପଲିଥିନ୍ ବନ୍ଦ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାକୁ ନେଇ ମ୍ୟୁନିସିପାଲିଟିର ଏକ ଟିମ୍ ସହରର ବିଭିନ୍ନ ଦୋକାନ ବଜାରରେ ଚଢ଼ାଉ କରିଛି । ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ୍ ଚନ୍ଦ୍ର ଦୀପଙ୍କ ନେତୃତ୍ୱରେ କଚେରୀ ଛକରୁ ପାଟଣାଗଡ ରାସ୍ତା ଓ ରମାଇ ଟକିଜ୍ ରାସ୍ତାକଡର ୩୦ଟି ଦୋକାନ୍‌ରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୨୫ କେଜି ପଲିଥିନ୍ ବ୍ୟାଗ୍ ଜବତ୍ କରାଯିବା ସହ ୮ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଥିଲା । ସ୍ୱଚ୍ଛ ଅଭିଯାନ ମିଶନ୍ କାର୍ଯ୍ୟକ୍ରମ ଜରିଆରେ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରାଯାଉଥିଲେ ମଧ୍ୟ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ । ଏ ଦିଗରେ ନାଗରିକ କମିଟି ଓ ଅନ୍ୟାନ୍ୟ ସଙ୍ଗଠନ ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇ ତୁରନ୍ତ ପଲିଥିନ୍ ବ୍ୟବହାର ବନ୍ଦ କରିବାକୁ ଦାବି କରାଯାଇଥିଲା। ତେବେ ଏହି ଅଭିଯାନରେ ସ୍ୱଚ୍ଛ ଅଭିଯାନ ନୋଡାଲ ଅଫିସର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଲୀଳାମୟ ସାହୁ, ସଞ୍ଜୟ ନାଗଙ୍କ ସମେତ ୧୨ ଜଣ ସାମିଲ ହୋଇ ଚଢ଼ାଉ କରିଥିଲେ । ଟାଉନ୍ ଥାନା ପୋଲିସ ଟିମ୍ ମଧ୍ୟ ସହାୟତା କରିଥିଲା।

କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

ମନ ମୋହିଲେ କୁନି କଳାକାର

ବଲାଙ୍ଗୀର ଅଫିସ, ୧୭

ବଲାଙ୍ଗୀର ଟାଉନ୍ ହଲଠାରେ ଅଗ୍ରଣୀ ସାଂସ୍କୃତିକ ଶିକ୍ଷାନୁଷ୍ଠାନ କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ ତଥା କଳାଧାମ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଶିକ୍ଷାନୁଷ୍ଠାନର ସଭାପତି ମଧୁସୂଦନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସମ୍ମାନିତ ଅତିଥି ଭାବେ ଗୁରୁଶ୍ରୀ ଘାସିରାମ ମିଶ୍ର, ଆଡଭୋକେଟ୍ ରତନ ମହାରଣା, ସଙ୍ଗୀତଜ୍ଞ ଡ. ଶଶୀଭୂଷଣ ଦାସ, ଅଧ୍ୟକ୍ଷ ଦିଲୀପ କୁମାର ସିଂଦେଓ, ଉପଦେଷ୍ଟା ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ପାଠପଢ଼ା ସହ ଛୋଟ ଶିଶୁମାନଙ୍କ ଭିତରେ ଥିବା ଅନନ୍ୟ ପ୍ରତିଭାର ବିକାଶ ଦିଗରେ କାର୍ଯ୍ୟ କରିବା ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଲେଙ୍କା କହିଥିଲେ। ଅନ୍ୟ ଅତିଥିମାନେ ଶିଶୁ ପ୍ରତିଭା ବିକାଶରେ କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ କହିଥିଲେ । ସଭା ପରେ ଶିକ୍ଷାନୁଷ୍ଠାନର ଛାତ୍ରୀ ଶିଲ୍ପା ଦାସ ଓ ନିକିତା ଶତପଥୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି ଶିଶୁ କଳାକାରମାନେ ସେମାନଙ୍କ ଅନନ୍ୟ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରଥମେ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଅଧ୍ୟକ୍ଷ ସିଂଦେଓଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଲୋକନୃତ୍ୟ ଓ ଆଧୁନିକ ନୃତ୍ୟ ନିର୍ଦ୍ଦେଶିକା ଜ୍ୟୋତିରେଖା ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ କୁନି କଳାକାରମାନେ ଆଧୁନିକ ଓ ଲୋକନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ତବଲା ଓ ଅଜୟ ଅମର ସିଂଦେଓଙ୍କ ଭାଓଲିନ୍ ବାଦନ ଏହି କାର୍ଯ୍ୟକ୍ରମକୁ ରସସିକ୍ତ କରିଥିଲା। ଏହି ଅବସରରେ ସଙ୍ଗୀତଜ୍ଞ ଡ. ଶଶୀଭୂଷଣ ଦାସ ଓ ସଙ୍ଗୀତ ସାଧକ କ୍ଷମାସାଗର ଯୋଷୀଙ୍କୁ କଳାଧାମ ସମ୍ମାନ ଏବଂ ବରଗଡର ଚିତ୍ରଶିଳ୍ପୀ କୁଶ ଭୂୟାଁଙ୍କୁ କଳାଧାମ ଯୁବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଏକ ଆର୍ଟ ଗ୍ୟାଲେରୀକୁ ଦର୍ଶକମାନେ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନଳିନୀ ସିଂ ସହଯୋଗ କରିଥିଲେ।

କଳାଧାମ ଉତ୍ସବରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଛାତ୍ରଙ୍କୁ ଚିକିତ୍ସାରେ ଅବହେଳା ନେଇ ଫାଣ୍ଡିରେ ଅଭିଯୋଗ

ଲୋଇସିଂହା, ୧୭ (ଡି.ଏନ୍.ଏ.)

ଭରସୁଜାସ୍ଥିତ ଛେଲିଆପାଟ ହାଇସ୍କୁଲରେ ଗତ ୨୮ ତାରିଖ ଷଷ୍ଠଶ୍ରେଣୀ ଛାତ୍ର ଗଣେଶ କୁମାର ସାହୁ କୌଣସି କାରଣରୁ ସଜ୍ଞାହୀନ ହୋଇପଡିଥିଲେ। ସ୍କୁଲ ଶିକ୍ଷକମାନେ ସଜ୍ଞାହୀନ ଛାତ୍ରଙ୍କ ଚିକିତ୍ସା କରିବାରେ ଅବହେଳା କରିଥିଲେ। ଏହାକୁ ନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ପଛାଇ ନ ଥିଲେ। ଏଣୁ ଏ ନେଇ ଗଣେଶଙ୍କ ବାପା ଉତ୍ତମ ସାହୁ ଆଗଲପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଦିନ ୧୧ଟାରୁ ଛାତ୍ର ଗଣେଶ ସଜ୍ଞାହୀନ ହୋଇପଡିଥିଲେ ମଧ୍ୟ ଘରକୁ ଠିକ୍ ଖବର ଦିଆଯାଇ ନ ଥିଲା। ଗଣେଶଙ୍କୁ ଚିକିତ୍ସାଳୟକୁ ନିଆଯାଇ ନ ଥିଲା। ଏଣୁ ତାଙ୍କ ଅବସ୍ଥା ସାଂଘାତିକ ହୋଇପଡିଥିଲା ବୋଲି ଉତ୍ତମ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ସ୍କାଉଟ ମାଷ୍ଟର ବେସିକ୍ ତାଲିମ ଶିବିରର ଉଦ୍‌ଯାପନୀ ସମାରୋହରେ ଶିବିରାର୍ଥୀଙ୍କ ସହ ଶକ୍ଷୟିତ୍ରୀ ଶିକ୍ଷକ ଓ ତାଲିମଦାତା।

ସ୍କାଉଟ୍ ମାଷ୍ଟର ବେସିକ୍ ତାଲିମ ଶିବିର ଉଦ୍‌ଯାପିତ

ସମାଜସେବାକୁ ବ୍ରତ କରିବାକୁ ଆହ୍ୱାନ

ବଲାଙ୍ଗୀର ଅଫିସ, ୧୭

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍କାଉଟ ମାଷ୍ଟର ବେସିକ୍ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲବଣୀଧର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜିଲା ଚିଫ୍ କମିଶନର ସ୍କାଉଟ ଓ ଗାଇଡ ତଥା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଅବସରପ୍ରାପ୍ତ ଜିଲା କ୍ରୀଡା ନିରୀକ୍ଷକ ଭାବଗ୍ରାହୀ ରଥ, ନବୀନ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ସନାତନ ଠାକୁର, ଜିଲା ସମ୍ପାଦକ ସ୍କାଉଟ ଗାଇଡ୍ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ ସାଧନକର୍ମୀ ଡ. ପ୍ରଶାନ୍ତ କୁମାର ମିଶ୍ର, ରତନ ମେହେର, ବିଇଓ ରିଚପାଲ ସାଗର, ଆହ୍ଲାଦିନୀ ମହାପାତ୍ର, ବିଇଓ ନେପାଳ ଚନ୍ଦ୍ର ବାଗ, ସୁବାସ ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ । ଅତିଥି ରଥ ଶାରୀରିକ, ମାନସିକସ୍ତରରେ ଦକ୍ଷ ହେବା ସହ ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିବାକୁ ଶିବିରାର୍ଥୀଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ୭ ଦିନିଆ ତାଲିମ ଶିବିରରେ ୪୫ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ । ରାଜ୍ୟ ସାଧନକର୍ମୀ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ସହିତ ଜିଲାସ୍ତରର ସାଧନକର୍ମୀ ଅଙ୍ଗିରା ସାହୁ, ତୀର୍ଥବାସୀ ସାଏ, ନୀଳାଞ୍ଚଳ ଚିରଗୁନ୍, ଦେବାଶିଷ ମେହେର, ବସନ୍ତ ମେହେର, ମନୋରଞ୍ଜନ ହୋତା, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଚିତ୍ତରଞ୍ଜନ ପଟେଲ, ହେମନ୍ତ ପଧାନ ୭ ଦିନ ଧରି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍କାଉଟର ନିୟମ, ପ୍ରତିଜ୍ଞା, ପ୍ରାର୍ଥନା, ଝଣ୍ଡାଗୀତ, ନଟିଂ, ବ୍ୟାଣ୍ଡେଜ୍, ଏଷ୍ଟିମେଶନ୍, ପ୍ରାଥମିକ ଚିକିତ୍ସା, ସଡକ ସୁରକ୍ଷା, କ୍ୟାମ୍ପ ଫାୟାର, ଟେଷ୍ଟ ପରିଦର୍ଶନ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତିମ ଦିବସ ତଥା ଦୀକ୍ଷାଗ୍ରହଣ ଉତ୍ସବରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟାଜ୍ ପ୍ରଦାନ କରି ସ୍କାଉଟ ମାଷ୍ଟର ଭାବେ ଦୀକ୍ଷିତ କରି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

୨୫ ୟୁନିଟ୍ ରକ୍ତ ସଂଗ୍ରହ

ଦେଓଗାଁ, ୧୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାସ୍ଥିତ ଶ୍ରୀ ସତ୍ୟସାଇ ବିହାରରେ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଜନ ମଣ୍ଡଳୀର ଆବାହକ ଗୋବିନ୍ଦ ମେହେରଙ୍କ ତତ୍ତ୍ୱାବଧାନରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶ୍ରୀବତ୍ସ ରଣା ଓ ମୁରଲୀଧର ମେହେର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ମମତା ମିଶ୍ର, ସସ୍ମିତାଞ୍ଜଳି ରଣା, ଶ୍ରୀବତ୍ସ ରଣା, ଗୀତାଞ୍ଜଳି ମନହୀରା, ଆଭା ଜାନି, ମନିଷ ମେହେର, ନେପାଲ ସାହୁ, ସୁବାଷ ବିଶି, ଗୋବିନ୍ଦ ମେହେର, ଶାନ୍ତିପ୍ରିୟା ଥନାପତି, ଗୋକୁଳ ମେହେର, ସୁଦେଷ୍ଣା ମେହେର, ପ୍ରକାଶ ରଣା, ଡୋଳାମଣି ରଣା, ଶୋଭାଚନ୍ଦ୍ର ମେହେର, କୃଷ୍ଣ ପାଣିଗ୍ରାହୀ, ଅବନୀ ସାହୁ, ଅଜିତ ସାହୁ, ନରେନ୍ଦ୍ର ଗହୀର, ଶବର ଦଲାଇ, ସୁମନ୍ତ ପନୁଆ, ଶରତ ପୁଟେଲ, ଗୁଣନିଧି ପୁଟେଲ, ଜନକ ମେହେର ପ୍ରମୁଖ ରକ୍ତ ଦାନ କରିଥିଲେ। ବଲାଙ୍ଗୀର ଭୀମ ଭୋଇ ମେଡିକାଲର ଶେଖ ଅସରତ, ଲକ୍ଷ୍ମୀଧର ସାହୁ ଓ କେଶବ ଷାଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ପାଣିଗ୍ରାହୀ, ବିନୋଦ ବିହାରୀ ସାହୁ, ନରେନ୍ଦ୍ର ସାହୁ, ନେପାଳ ସାହୁ, ରଜନୀକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ

ସଂକ୍ଷେପରେ

ଦିବ୍ୟାଙ୍ଗ ବଗିରେ ବସି ତଣ୍ଡ ଗଣିଲେ ସକ୍ଷମ

ଟିଟିଲାଗଡ଼, ୧୭ (ଡି.ଏନ.ଏ): ଟିଟିଲାଗଡ ଆରପିଏଫ ପକ୍ଷରୁ ସୋମବାର ସିରିଡି-ପୁରୀ ସାଇନଗର ଏକ୍ସପ୍ରେସରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ଚଢାଉ କରାଯାଇଛି। ବଗିରେ ୧୬ ଜଣ ସକ୍ଷମ ଯାତ୍ରୀ ବେଆଇନ ଭାବରେ ଦିବ୍ୟାଙ୍ଗ ବର୍ଥ ଦଖଲ କରି ଯାତ୍ରା କରୁଥିବା ଆରପିଏଫ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଏଣୁ ସେମାନଙ୍କୁ ଗିରଫ କରାଯାଇଥିଲା। ଏହା ସହ ୩ ଜଣ ବିନା ଟିକଟଧାରୀ ଏବଂ ଜଣେ ବେଆଇନ ହକରଙ୍କୁ ରେଲବାଇ ପୋଲିସ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ରେଲବାଇ ମାଜିଷ୍ଟ୍ରେଟଙ୍କ ଟିଟିଲାଗଡ କ୍ୟାମ୍ପ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଆଦେଶ କ୍ରମେ ଅଭିଯୁକ୍ତମାନେ ଜୋରିମାନା ଦାଖଲ ପରେ ଛାଡ ପାଇଥିଲେ।

■ ରାଉରକେଲା ସଙ୍ଗୀତ ଶିଳ୍ପୀ ସମାଜ ତରଫରୁ ବିଶ୍ୱ ସଙ୍ଗୀତ ଦିବସ

ନିଜ ଅନ୍ତର୍ମନର ନିଖୁଣ ପ୍ରତିଧ୍ୱନି ହେଉଛି ସଙ୍ଗୀତ

ବିଶ୍ୱ ସଙ୍ଗୀତ ଦିବସ ପାଳନ ଅବସରରେ ମଞ୍ଚରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ରାଉରକେଲା ଅଫିସ,୧୭

ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ରାଉରକେଲା ସଙ୍ଗୀତ ଶିଳ୍ପୀ ସମାଜ ତରଫରୁ ସୋମବାର ବିଶ୍ୱ ସଙ୍ଗୀତ ଦିବସ-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଡଃ କୃପାସିନ୍ଧୁ ନାୟକ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଶରତ ଧଳ ଏଥିରେ ସଭାପତିତ୍ୱ କରିଥିଲେ।

ଜୀବନ ବନାମ ସଙ୍ଗୀତ ଆଲୋଚନାଚକ୍ରରେ ଡାକ୍ତର ବିଶ୍ୱଜିତ ମହାପାତ୍ର, ଡଃ ପ୍ରଭାତ କୁମାର ମଲ୍ଲିକ, ହୃଷିକେଶ ରାୟ ମହାବିଦ୍ୟାଳୟ ଅଧକ୍ଷ ଭବେଶ ଚନ୍ଦ୍ର ସାହୁ ଓ କବି ରାଜୀବ ପାଣି ଆଲୋଚକ ଭାବେ ଯୋଗଦାନ କରିଥିଲେ । ଆଲୋଚକ ଡା. ମହାପାତ୍ର ତାଙ୍କ ବକ୍ତବ୍ୟ ମାଧ୍ୟମରେ ଶରୀର ଉପରେ ସଙ୍ଗୀତର ପ୍ରଭାବ କିପରି ପଡେ ସେ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଅନ୍ୟପକ୍ଷେ ଜୀବନରେ ଯଦି ସଙ୍ଗୀତ ନାହିଁ ତେବେ ଜୀବନ ରସହୀନ ବୋଲି ମହାବିଦ୍ୟାଳୟ ଅଧକ୍ଷ ସାହୁ ମତବ୍ୟକ୍ତ କରିଥିଲେ । ଶିଶୁର କୁଆଁ କୁଆଁ ରାବ ହେଉଛି ମୌଳିକ ସଙ୍ଗୀତ । ଶବ୍ଦ ଓ ନୀରବତା ହିଁ ସଙ୍ଗୀତ । ନିଜର ଅନ୍ତଃମନରେ ନିଖୁଣ ପ୍ରତିଧ୍ୱନୀ ହେଉଛି ସଙ୍ଗୀତ ବୋଲି ମଧ୍ୟ ସେ କହିଛନ୍ତି। ଅନ୍ୟତମ ଆଲୋଚକ ରାଜୀବ ପାଣି କହିଥିଲେ ଯେ, ଲୟ, ତାଳ ଏବଂ ସ୍ୱରର ବନ୍ଧନରେ ବାନ୍ଧି ହୋଇ ରହିଛି ସଙ୍ଗୀତ । ସଙ୍ଗୀତ ଦୁଇ ପ୍ରକାରର । ପ୍ରଥମ ମହାଜାଗତିକ ଓ ଦ୍ୱିତୀୟ ପ୍ରାକୃତିକ । ସଙ୍ଗୀତକୁ ଆମେ ଦୂରାରୋଗର ମହୌଷଧି ମଧ୍ୟ କରିପାରିବା । ଡଃ ମଲ୍ଲିକ କହିଲେ ଯେ, ସଙ୍ଗୀତ ହେଉଛି ଶକ୍ତି । ଧର୍ମ ସହ ସଙ୍ଗୀତର ସମ୍ପର୍କ ଅତୁଟ । ଆଜିକାଲି ମାନସିକ ଅବସାଦ ଓ ଚାପକୁ ଦୂରେଇବା ପାଇଁ ମ୍ୟୁଜିକ୍ ଥେରାପିକୁ ଆପଣେଇବାକୁ ପଡୁଛି । ଦୁଃଖ ହେଉକି ସୁଖ ଜୀବନର ସମସ୍ତ କ୍ଷେତ୍ରରେ ସଙ୍ଗୀତର ପ୍ରଭାବ ରହିଛି। ଏହି ଅବସରରେ ପୁଲୀନ ରାଉତରାୟ, ନରେନ୍ଦ୍ର ନାୟକ, ବୀଣାପାଣି ରଥ, ଗୁରୁ ଜଗନ୍ନାଥ ଦାସ ଓ ସାଥୀ ସଙ୍ଗୀତ ଓ ବାଦ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭରେ ସଭାପତି ସ୍ୱାଗତ ଭାଷଣ ସହ ଜୀବନ ବନାମ ସଙ୍ଗୀତ ଉପରେ ନିଜସ୍ୱ ରଚିତ କବିତା ଉପସ୍ଥାପନ କରିଥିବା ବେଳେ ସାଧାରଣ ସମ୍ପାଦକ ଓ ସୁଶାନ୍ତ ପାଣି ମଞ୍ଚ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାରାୟଣ ପତି ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ନାଟ୍ୟକାର ଭାସ୍କର ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ନୃତ୍ୟନାଟିକା ଶକୁନ୍ତଳା ମଞ୍ଚସ୍ଥ ହୋଇଥିଲା । ରେବତୀ ବଲ୍ଲଭ ବେହେରାଙ୍କ ଲିଖିତ ଏବଂ ସଂଗ୍ରାମ ପତିଙ୍କ ନିର୍ଦ୍ଦେଶିତ ଏହି ନୃତ୍ୟନାଟିକାରେ ଡ.ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଉମାକାନ୍ତ ବିଶୋୟୀ ଓ ପ୍ରଳୟ ଶତପଥୀ ମଞ୍ଚ ସଜା କରିଥିଲେ ।

ଧାରଣାରେ ବସିଲେ ବିଏସ୍ଏନ୍ଏଲ୍ ଅସ୍ଥାୟୀ କର୍ମଚାରୀ

ରାଉରକେଲା ଅଫିସ, ୧୭

ଟିମ୍ବର କଲୋନୀସ୍ଥିତ ବିଏସଏନଏଲ ଅଫିସ ଆଗରେ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ଦାବିରେ ଧାରଣାରେ ବସିଛନ୍ତି।

ସମଗ୍ର ରାଜ୍ୟରେ ବିଏସ୍ଏନ୍ଏଲ୍ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଧାରଣା ଦିଆଯାଉଛି । ଏହି ଅବସରରେ ରାଉରକେଲାରେ ମଧ୍ୟ ଟିମ୍ବର କଲୋନୀସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିରେ ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ରଞ୍ଜନ କୁମାର ପାଲ, ଦେବଜିତ ତ୍ରିପାଠୀ, ବିମାନ ମାଇତି, ସୁରେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଏସ୍ଏନ୍ଏଲ୍ କାଜୁଆଲ କର୍ମଚାରୀ ସଂଘର ଖାତୁ ତାଣ୍ଡି, ମାଇକେଲ ତିର୍କୀ, ହାଇଦର ଅଲ୍ଲୀ, ପ୍ରଦୀପ ମଲ୍ଲିକ, ଗୋପାଳ ମହାନ୍ତି, ଦୀପକ ମିଞ୍ଜ, ଦୀପକ ମହାନନ୍ଦିଆ, ସୁନାକର ଖାଡିଆଙ୍କ ସମେତ ୧୪୬ ଜଣ କର୍ମଚାରୀ ଏହି ଧାରଣାରେ ଅଂଶ ଗ୍ରହଣ କରଛନ୍ତି। ଏମାନଙ୍କ ଦାବି ଅନୁଯାୟୀ ୫ ମାସର ବକେୟା ଦରମା ତୁରନ୍ତ ପ୍ରଦାନ କରାଯାଉ। ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ସମାନ କାମକୁ ସମାନ ଦରମା ଦିଆଯାଉ। ଅସ୍ଥାୟୀ କର୍ମଚାରୀଙ୍କ ଛଟେଇ ବ୍ୟବସ୍ଥାକୁ ବନ୍ଦ କରାଯାଉ। ପରିଚୟ ପତ୍ର ପ୍ରଦାନ କରାଯାଉ ବୋଲି ଦାବି ନେଇ ଅସ୍ଥାୟୀ କର୍ମଚାରୀମାନେ ଧାରଣାରେ ବସିଥିଲେ।

ରାସ୍ତାରେ ଲହଡି ମାରୁଛି ଡ୍ରେନ୍ ପାଣି

ରାଉରକେଲା ଅଫିସ,୧୭

କିଛିଦିନ ଲୁଚୁକାଳି ଖେଳି ଉଭାନ ହୋଇଯାଇଥିଲା ମୌସୁମୀ। ରବିବାରଠାରୁ ପୁଣି ଆରମ୍ଭ ହୋଇଛି ଲଘୁଚାପ ଜନିତ ବର୍ଷା। ତୁହାକୁ ତୁହା ବର୍ଷା ଲାଗି ରହିଛି। ଗୁଳୁଗୁଳିରେ ତ୍ରାହି ତ୍ରାହି ଡାକୁଥିବା ଲୋକେ ଆଶ୍ୱସ୍ତି ଲଭିଛନ୍ତି। ହେଲେ ରାସ୍ତା କଡରେ ଥିବା ନାଳଗୁଡିକ ସଫେଇ ହୋଇ ନ ଥିବାରୁ ରାସ୍ତା ଉପରେ ବର୍ଷା ପାଣି ଲହଡି ମାରୁଛି। ଫଳରେ ରାସ୍ତାରେ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସାରନଗରୀସ୍ଥିତ ଗଞ୍ଜୁ ମାର୍କେଟ, ରଙ୍ଗିଲା ଛକ, ଦେଓଗାଁ, ହେକେଟ ରୋଡ ପ୍ରମୁଖ ଅଞ୍ଚଳରେ ଥିବା ରାସ୍ତା ଉପରେ ବର୍ଷା ପାଣି ଲହଡି ମାରୁଛି।

ବ୍ଲକ ସହକାରୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୧୭

ନବନିଯୁକ୍ତ ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀମାନଙ୍କୁ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ସୋମବାର ନବ ନିଯୁକ୍ତ ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀ କିଶୋର ଦାସ, ପ୍ରଫୁଲ୍ଲ ଜେନା, ଶରତ ପତି ଓ ସତ୍ୟଭାମା ବେହେରାଙ୍କୁ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନବ ନିଯୁକ୍ତ ସହକାରୀ ଶିକ୍ଷାଧିକାରୀଙ୍କ ପଦକ୍ଷେପ ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏଥିରେ ସଂଗଠନର ରାଜ୍ୟ ସଂଘ ଉପଦେଷ୍ଟା ଶରତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଂପାଦକ କୁଞ୍ଜବିହାରୀ ରାଉତ, ଜିଲା ସଂପାଦକ ବିନୋଦବିହାରୀ ସାହୁ, ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ବେହୁରିଆ, ତ୍ରିନାଥ ବିଶୋଇ ଓ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

ନୂଆଡେରାରେ ସିଦ୍ଧୋ କାହ୍ନୁ ହୁଲମାହ ଦିବସ

ନୂଆଡେରା ଅସୁର ଛାପଲସ୍ଥିତ ଡୁଙ୍ଗୁରିଟୋଲାଠାରେ ସିଦ୍ଧୋ କାହ୍ନୁ ୟଙ୍ଗ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସିଦ୍ଧୋ କାହ୍ନୁ ହୁଲମାହ ଦିବସ ପାଳନ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ।

ରାଉରକେଲା ଅଫିସ, ୧୭

ନୂଆଡେରା ଅଶୁର ଛାପଲସ୍ଥିତ ଡୁଙ୍ଗୁରିଟୋଲାଠାରେ ସିଦ୍ଧୋ କାହ୍ନୁ ୟଙ୍ଗ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସିଦ୍ଧୋ କାହ୍ନୁ ହୁଲମାହ ଦିବସ ପାଳିତ ହୋଇଛି। ସଂଗଠନର ସଭାପତି ଗୋପି ହାଁସଦାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନନ୍ତ ହାଁସଦା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସାଓଁଦା ମାଝୀ, ବାରିୟାନ ମୁର୍ମୁ, ଲବ କିସ୍କୁ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ହାଁସଦା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ହୁଲ୍‌ମାହା ପାଳନ କରିବାର ମୂଳ କାରଣ ହେଲା ଯେ ୧୮୫୫ ମସିହା ଜୁନ୍ ମାସ ୩୦ ତାରିଖରେ ଆଦିବାସୀ ସାନ୍ତାଳ ସମାଜ ପ୍ରଥମ ଥର ପାଇଁ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲା । ଏହି ସଂଗ୍ରାମରେ ସିଦୁ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ମୁର୍ମୁ, ଭାଇରଭ ମୁର୍ମୁ, ଫୁଲ ମୁର୍ମୁ, ଝାନ ମୁର୍ମୁ ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ସାମିଲ ହୋଇଥିଲେ। ସେଥିପାଇଁ ଏହି ଦିବସଟିକୁ ସାନ୍ତାଳ ସମାଜ ହୁଲ୍‌ମାହ ରୂପେ ପାଳନ କରୁଛି। ତେବେ ଏହି କାର୍ଯ୍ୟକ୍ରମକୁ ସୁଦାମ ଟୁଡୁ ଏବଂ ବାଙ୍ଗାଲ ଟୁଡୁ ପରିଚାଳନା କରୁଥିଲେ। ଗାଁ ମୁଖ୍ୟ ସୁବାଷ ମାଝୀ, ପୂଜକ ବିଜୟ କୁମାର ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ। ସଲାଖୁ ମାଝି, ବୈଦ୍ୟନାଥ ହେମ୍ବ୍ରମ, ବାଜିନାଥ ସୋରେନ ପ୍ରମୁଖ ସହଯୋଗ କରିଥିଲେ।

ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ

ରାଉରକେଲା ଅଫିସ,୧୭

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପଶୁ କଲ୍ୟାଣ ସଂଗଠନ ଆର୍ମି ପକ୍ଷରୁ ୭୦ତମ ବନ ମହୋତ୍ସବ ପାଳନ କରାଯାଇଛି। ଏହି କ୍ରମରେ ସଂସ୍ଥା ପ୍ରତିଷ୍ଠାତା ସଂଗ୍ରାମ ପରିଡାଙ୍କ ନେତୃତ୍ୱରେ ସଂଗଠନ ସଦସ୍ୟ, ସବୁଜିମା ଇକୋ କ୍ଲବ ଛାତ୍ରୀଛାତ୍ରଙ୍କୁ ନେଇ ରାସ୍ତା ପାର୍ଶ୍ୱ ଏବଂ ଖୋଲା ପଡିଆରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା। ବର୍ଷାରେ ଭିଜି ଇକୋ କ୍ଲବ ଛାତ୍ରୀଛାତ୍ର ବୃକ୍ଷ ରୋପଣରେ ସହଯୋଗ କରିଥିଲେ। ଇଂ ଅଭୟ ଦାସ, ଅନୁ ଘୋଷ ଓ ପଶୁପତିନାଥ ଚାଟାର୍ଜୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଦୀକ୍ଷା ଦୀପନ ପକ୍ଷରୁ ଗ୍ରୀଷ୍ମାବକାଶ କବିତା

ରାଉରକେଲା ଅଫିସ,୧୭

ଶିଶୁ ଦକ୍ଷତା ବିକାଶ ଅନୁଷ୍ଠାନ ଦୀକ୍ଷା ଦୀପନ ପକ୍ଷରୁ ଶିଶୁଙ୍କୁ ନେଇ ନିଆରା ଢଙ୍ଗରେ ଏକ ଗ୍ରୀଷ୍ମାବକାଶ କବିତା ପାଠ କାର୍ଯ୍ୟକ୍ରମ ସେକ୍ଟର-୭ଠାରେ ଆୟୋଜନ କରାଯାଇ ଥିଲା। ଏଥିରେ ଡଲିରାଣୀ ବ୍ରହ୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ଶିଶୁ କବିଙ୍କ ମଧ୍ୟରେ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସଂଗ୍ରାମ ପରିଡା ଏକ ଉର୍ଦ୍ଦୁ ସାୟରୀ ପାଠ କରିବା ସହ ଏହାର ମର୍ମାନୁବାଦ କରିଥିଲେ। ଶିଶୁମାନେ ପାଠ ପଢା ସହ ସାହିତ୍ୟ ସଂଗୀତ ଓ ଖେଳକୁଦ ପ୍ରତି ରୁଚି ରଖିବା ଉଚିତ ବୋଲି ଅଧକ୍ଷା ବ୍ରହ୍ମା ଏଥିରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନିରୁପମା ମିଶ୍ର, ମଲ୍ଲିକାମଞ୍ଜରୀ ପରିଡା, ଶୁଭଶ୍ରୀ ବାସା, ଅର୍ପିତା ଜେନା, ନିୟତି ପ୍ରଧାନ ଓ ଶୁକମତି ମୁର୍ମୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ଡ, କିଶୋରୀ ଦାସ, ଶତୃଘ୍ନ ବାସା ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଆୟୋଜକ ଓ ଛାତ୍ରୀଛାତ୍ର।

ଡାକ୍ତରଙ୍କୁ ଶୁଭେଚ୍ଛା ଜଣାଇଲେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ରାଉରକେଲା ଅଫିସ,୧୭

ଆରଜିଏଚରେ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଦେଇ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଶୁଭେଚ୍ଛା ଜଣାଉଛନ୍ତି।

ସୋମବାର ଅନ୍ତର୍ଜାତୀୟ ଡାକ୍ତର ଦିବସ ଅବସରରେ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ) ଡେପୁଟି ସିଏମଓ ଏସ. କବି ଶତପଥୀଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟରତ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମେଡିକାଲ ଓ ରୋଗୀ ସମସ୍ୟା ନେଇ ଆଲୋଚନା କରଯାଇଥିଲା। ଏଠାରେ ଆବଶ୍ୟକ ଯନ୍ତ୍ରପାତି ସହ ଅଧିକ ସଂଖ୍ୟାକ ଡାକ୍ତର ନିଯୁକ୍ତି ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ଉପରେ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଝାରଖଣ୍ଡ ଏବଂ ଛତିଶଗଡବାସୀ ନିର୍ଭର କରୁଛନ୍ତି। ଏଣୁ ସରକାର ଏହାର ବିକାଶ ନେଇ ଦୃଷ୍ଟି ଦେବାକୁ ପ୍ରତିନିଧି ମଣ୍ଡଳୀ ମତ ପ୍ରକାଶ କରିଥିଲେ। ଏଥିରେ ଦଳର ବହୁ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

■ ଶ୍ରୀମା ଶ୍ରୀଅରବିନ୍ଦ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଗୀତା ନିବନ୍ଧମାଳା

ଗୀତା ହେଉଛି ଜୀବନ ବଞ୍ଚିବାର ଶାସ୍ତ୍ର

ରାଉରକେଲା ଅଫିସ,୧୭

ଶ୍ରୀମା ଶ୍ରୀଅରବିନ୍ଦ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଗୀତା ନିବନ୍ଧମାଳା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

ସେକ୍ଟର-୫ଠାରେ ଥିବା ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ତଥା ସ୍କୁଲ ପରିସରସ୍ଥିତ ଆନେକ୍ସ ହଲଠାରେ ଶ୍ରୀମା ଶ୍ରୀଅରବିନ୍ଦ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତା ନିବନ୍ଧମାଳାର ମାସିକିଆ ଧାରାବାହିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ଶୀର୍ଷକ ରହିଥିଲା ସାଂଖ୍ୟ ଯୋଗ ଓ ବେଦାନ୍ତ। ଭଗବତ ଗୀତା ଏକ ସୈଦ୍ଧାନ୍ତିକ ଗ୍ରନ୍ଥ। ଯାହା ସାଂଖ୍ୟ ଓ ଯୋଗ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ସମନ୍ୱୟ କରିଛି। ସାଂଖ୍ୟବାଦୀଙ୍କ ସନ୍ନ୍ୟାସ ଯୋଗ ଓ ଯୋଗୀଙ୍କ କର୍ମ ନିଯୋଗ ମଧ୍ୟରେ ଥିବା ପ୍ରଭେଦକୁ ଏକ ଜୀବନ୍ତ ପ୍ରଣାଳିରେ ଆଣି ବାସ୍ତବ ରୂପ ଦେଇଛି ଭଗବତ ଗୀତା। ସେହିପରି ବେଦାନ୍ତୀମାନଙ୍କ କର୍ମକାଣ୍ଡ ଓ ଜ୍ଞାନକାଣ୍ଡ ମଧ୍ୟରେ ରହିଥିବା ମତ ପାର୍ଥକ୍ୟକୁ ଭଗବତ ଗୀତା ସମାଧାନ କରିଛି। ସକଳ ଘଟେ ଜୀବନ ଏକ ଯଜ୍ଞ ସଦୃଶ। ସମର୍ପଣ ଭାବ ନେଇ ନିଷ୍କାମ କର୍ମ କଲେ ଜ୍ଞାନ ଯୋଗର ପ୍ରଥମ ପାହାଚକୁ ଅତିକ୍ରମ କରି ପାରିବା ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଭାରତୀୟ ଦର୍ଶନର ମୁଖ୍ୟ ଧାରାରେ ପୂର୍ବ ଓ ଉତ୍ତର ମୀମାଂସା କିପରି ଗୀତାର ଆଲୋକରେ ଆଲୋକିତ ହୋଇଛି ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରଧାପକ ଭବେଶ ଚନ୍ଦ୍ର ସାହୁ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଗୀତା ହେଉଛି ଜୀବନ ବଞ୍ଚିବାର ଶାସ୍ତ୍ର। କେବଳ ଏତିକି ନୁହେଁ ଏହା ନେତୃତ୍ୱ କଳା ବିକାଶର ମାର୍ଗ ଦର୍ଶିକା। ଜୀବନ ସହ ଜଡିତ ନ ହେଲେ କୌଣସି ଶାସ୍ତ୍ର ଅଧ୍ୟୟନ କେବଳ ଆଳଙ୍କାରିକ ଔପଚାରିକତା ବୋଲି ସାହୁ ଏଥିରେ ମତ ପ୍ରକାଶ କରିଥିଲେ। ନୀଳଶୈଳ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର କ୍ଷିତୀଶ ଉଦଗାତା ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଏଥିରେ ଚିତ୍ତରଞ୍ଜନ ନନ୍ଦୀ ଦୁର୍ଗା ସ୍ତୋତ୍ର ପାଠ କରିବା ସହ ଗୁରୁବନ୍ଦନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗ ମନ୍ଦିର ସହ ସଂପାଦକ ବିଭୁପ୍ରସାଦ ପଣ୍ଡା ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ସାଧକ ବ୍ରହ୍ମାନନ୍ଦ ପଣ୍ଡା ଆଲୋଚନା ବିଷୟ ବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାଧକ ବିଶ୍ୱନାଥ ଆଇଚ ଧନ୍ୟବାଦ ଜ୍ଞାପନ କରିଥିଲେ।

ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

ସଂକ୍ଷେପରେ

ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲଖନପୁର,୧୭(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଲଖନପୁର ନୋଡାଲ ହାଇସ୍କୁଲରେ ରବିବାର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରବିରତନ ବାଗଙ୍କୁ ଅବରସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏବିଇଓ ଅଭିନ୍ନ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ମୁଖ୍ୟବକ୍ତା ଭାବେ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ହେମଗିର ବିଇଓ ସୁରେନ୍ଦ୍ର ସାହୁ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, ଝାରସୁଗୁଡ଼ା ବିଇଓ କ୍ଷୀରୋଦ ପ୍ରଧାନ, ଅବସରପ୍ରାପ୍ତ ବିଇଓ ସୁଶିଲ ବାଗ, ଡିଆଇଟି କଲେଜ ଅଧକ୍ଷ ଗୋପୀନାଥ ସେଠ, ସଦାନନ୍ଦ ଦାସ, ଜ୍ଞାନରଞ୍ଜନ ମିଶ୍ର, ଶୋଭନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଇଓ ବାଗଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଲାପାଳଙ୍କ ଜନଶୁଣାଣିରେ ୫୧ ଅଭିଯୋଗ ପଞ୍ଜୀକୃତ

ଝାରସୁଗୁଡ଼ା ଅଫିସ/ଲଖନପୁର, ୧୭(ଡି.ଏନ୍.ଏ.)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଯୋଗୁ ସରକାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ବନ୍ଦ ରଖିଥିଲେ। ପାଗରେ ପରିବର୍ତ୍ତନ ଆସିବା ପରେ ପୂର୍ବଭଳି ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୫୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସରବେର୍ଣ୍ଣାରେ ଆସ୍‌ପଣ୍ଡ ନିର୍ମାଣ ଫଳରେ ଚାଷଜମି ପ୍ରଭାବିତ ହେବା, ଝାରସୁଗୁଡ଼ା ପୌରାଞ୍ଚଳ ଚିଠୁଆପଡ଼ାରୁ ବସ୍ତିକୁ ଯାତାୟାତ ପାଇଁ ରାସ୍ତା ନିର୍ମାଣ, ବେଲପାହାଡ଼ ଆଦର୍ଶ ମଧ୍ୟଇଂରାଜୀ ବିଦ୍ୟାଳୟ ଗୃହ ମରାମତି, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଜମିଜମା ସମସ୍ୟା ଆଦି ସମ୍ପର୍କରେ ଅଭିଯୋଗ ଆସିଥିଲା। ଜିଲାପାଳ ପ୍ରଧାନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ୨୪ ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଚିକିତ୍ସା ପାଇଁ ୧୫ ଜଣଙ୍କୁ ରେଡ୍‌କ୍ରସ୍‌ରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଏସ୍‌ପି ଅଶ୍ୱିନୀ ମହାନ୍ତି, ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଉପଜିଲାପାଳ ଶିବ ଟପୋ, ସହକାରୀ ଜିଲାପାଳ ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ଜିଲାପାଳ ଜ୍ୟୋତିରଞ୍ଜନ ଅଭିଯୋଗ ଶୁଣାଣି କରୁଛନ୍ତି।

ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

ଜୁଲାଇ ୮ ତାରିଖ : ଲଖନପୁର ବ୍ଲକ କାର୍ଯ୍ୟାଳୟ
ଜୁଲାଇ ୧୫ ତାରିଖ: ଲଇକେରା ବ୍ଲକ କାର୍ଯ୍ୟାଳୟ
ଜୁଲାଇ ୨୨ ତାରିଖ: କୋଲାବିରା ବ୍ଲକ କାର୍ଯ୍ୟାଳୟ
ଜୁଲାଇ ୨୯ ତାରିଖ: କିର୍ମିରା ବ୍ଲକ କାର୍ଯ୍ୟାଳୟ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରୁ ଘର ଖାଇ
ପାଣ୍ଡବ ଘର ଚିନ୍ତା କରଇ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କିଣିଲି ଯେତେ ବିକିଲି ସେତେ
ଘରକୁ ଫେରିଲି ଶୁଖିଲା ହାତେ।**

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ରେଙ୍ଗାଲି ଥାନାରେ ଆମ ପୋଲିସ ସମିତି ବୈଠକ

ଟ୍ରାଫିକ୍ ସଚେତନତା ସଂସ୍ଥାରେ ୧୦ଯୁବତୀ, ଯୁବକ ସାମିଲ

ଲଖନପୁର,୧୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନାରେ ଆମ ପୋଲିସ ସମିତି ବୈଠକ ଆଇଆଇସି ଦାନିଏଲ କେର୍କେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଟ୍ରାଫିକ୍ ସଚେତନତା ସମ୍ପର୍କରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶା ଟ୍ରାଫିକ୍ ସଚେତନତା ସଂସ୍ଥା ସଂଯୋଜକ ପଦ୍ମଲୋଚନ ଭୋସାଗର, ପୋଲିସ ଅଧିକାରୀ ଜଗଦୀଶ ଜେନା ପ୍ରମୁଖ ଯୋଗଦେଇଥିଲେ। ବେପରୁଆ ଗାଡ଼ି ଚାଳନା ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଯୋଗୁ ୪୯ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଦୁର୍ଘଟଣା ରୋକିବା ଦିଗରେ ପଶ୍ଚିମ ଓଡ଼ିଶା ଟ୍ରାଫିକ୍ ସଚେତନତା ସଂସ୍ଥା ଆଗେଇ ଆସିଛି। ଏହି ସଂସ୍ଥାରେ ଅଞ୍ଚଳର ୧୦ ଯୁବତୀ, ଯୁବକ ସଦସ୍ୟତା ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ତରୁଣ ଖମାରୀ, ଯାମ୍ୟୋବତୀ ପାଣ୍ଡିଆ, ଦେବାଶିଷ ପ୍ରଧାନ, ଅନିମା ବାଗିଜ, ନନ୍ଦ କିଶୋର ସାହୁ ପ୍ରମୁଖ ରହିଛନ୍ତି। ଏମାନେ ଆଖପାଖ ସ୍କୁଲକୁ ଯାଇ ଟ୍ରାଫିକ୍ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରିବେ ବୋଲି ସୂଚନା ଦିଆଯାଇଛି।

ବେଲପାହାଡ଼ରେ ବନମହୋତ୍ସବ ଶୁଭାରମ୍ଭ

ଜିଲାପାଳ ଲଗାଇଲେ ଗୋଟିଏ ଗଛ

ବେଲପାହାଡ଼,୧୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ପୌର ପରିଷଦ, ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ସୋମବାର ବନମହୋତ୍ସବ ଶୁଭାରମ୍ଭ ହୋଇଛି। ସକାଳେ ତାରିଣୀ ମନ୍ଦିର ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଏକ କରଞ୍ଜ ଚାରା ରୋପଣ କରିଥିଲେ। ପରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ. ତାରାପଦ ଦାଶ, ମହାପ୍ରବନ୍ଧକ ଦେବବ୍ରତ ମିଶ୍ର, ନିରଞ୍ଜନ ଦାଶ ଓ ରେଞ୍ଜର ସୁବାସ ମହାପାତ୍ର ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ସେହିପରି ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଏନ୍‌ସିସି ଛାତ୍ରୀ, ବନ ବିଭାଗ କର୍ମଚାରୀ, ପୌର କର୍ମଚାରୀ ଓ ଉପସ୍ଥିତ ବ୍ୟକ୍ତିମାନେ ଜାତୀୟ ରାଜପଥ ଓ ତାରିଣୀ ମନ୍ଦିର ପରିସରରେ ପ୍ରାୟ ୨୦୦ କରଞ୍ଜ ଓ ଲିମ୍ବ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ଫରେଷ୍ଟର ଗୌରାଙ୍ଗ ସାହୁ, ବେଲପାହାଡ଼ ଫରେଷ୍ଟର କପୁରଚାନ୍ଦ ଜାଲ, ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଅଧିକାରୀ ସନ୍ତୋଷ ମିଶ୍ର ଓ ଶଶାଙ୍କ ଦୀକ୍ଷିତଙ୍କ ସମେତ ସାମାଜିକ ଦାୟିତ୍ୱ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ମଙ୍ଗଳବାରଠାରୁ ସପ୍ତାହବ୍ୟାପୀ ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବାକୁ ସ୍ଥିର କରାଯାଇଛି।

ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବନମହୋତ୍ସବ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ରଥଯାତ୍ରା ପ୍ରସ୍ତୁତି ବୈଠକ

ବ୍ରଜରାଜନଗର,୧୭(ଡି.ଏନ୍.ଏ.): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏସ୍‌ଡିପିଓ, ଆଇଆଇସି, ତହସିଲଦାର, ବିଦ୍ୟୁତ ବିଭାଗ ଅଧିକାରୀ, ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ସହରର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଶ୍ରୀଗୁଣ୍ଡିଚା ଦିନ ନିର୍ଦ୍ଧାରିତ ସମୟରେ ପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ କରାଯିବ। ମନ୍ଦିରରୁ ରଥ ବାହାରି ମୁଖ୍ୟ ବଜାର ଦେଇ ମାଉସୀମା' ମନ୍ଦିରକୁ ଯିବ। ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ସମ୍ପନ୍ନ କରିବା ପାଇଁ ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

ଦିବ୍ୟାଙ୍ଗ ବଗିରେ ବସି ତଣ୍ଡ ଗଣିଲେ ସକ୍ଷମ

ଟିଟିଲାଗଡ଼, ୧୭ (ଡି.ଏନ.ଏ): ଟିଟିଲାଗଡ ଆରପିଏଫ ପକ୍ଷରୁ ସୋମବାର ସିରିଡି-ପୁରୀ ସାଇନଗର ଏକ୍ସପ୍ରେସରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବଗିରେ ଚଢାଉ କରାଯାଇଛି। ବଗିରେ ୧୬ ଜଣ ସକ୍ଷମ ଯାତ୍ରୀ ବେଆଇନ ଭାବରେ ଦିବ୍ୟାଙ୍ଗ ବର୍ଥ ଦଖଲ କରି ଯାତ୍ରା କରୁଥିବା ଆରପିଏଫ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଏଣୁ ସେମାନଙ୍କୁ ଗିରଫ କରାଯାଇଥିଲା। ଏହା ସହ ୩ ଜଣ ବିନା ଟିକଟଧାରୀ ଏବଂ ଜଣେ ବେଆଇନ ହକରଙ୍କୁ ରେଲବାଇ ପୋଲିସ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ରେଳବାଇ ମାଜିଷ୍ଟ୍ରେଟଙ୍କ ଟିଟିଲାଗଡ କ୍ୟାମ୍ପ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଆଦେଶ କ୍ରମେ ଅଭିଯୁକ୍ତମାନେ ଜୋରିମାନା ଦାଖଲ ପରେ ଛାଡ ପାଇଥିଲେ।

୨୫ କେଜି ପଲିଥିନ୍ ଜବତ

ବଲାଙ୍ଗୀର ଅଫିସ, ୧୭: ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ସୋମବାରଠାରୁ ପଲିଥିନ୍ ବନ୍ଦ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାକୁ ନେଇ ମ୍ୟୁନିସିପାଲିଟିରେ ଏକ ଟିମ୍ ସହରର ବିଭିନ୍ନ ଦୋକାନ ବଜାରରେ ଚଢ଼ାଉ କରିଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ୍ ଚନ୍ଦ୍ର ଦୀପଙ୍କ ନେତୃତ୍ୱରେ କଚେରୀ ଛକରୁ ପାଟଣାଗଡ ରାସ୍ତା ଓ ରମାଇ ଟକିଜ୍ ରାସ୍ତାକଡର ୩୦ଟି ଦୋକାନ୍‌ରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୨୫ କେଜି ପଲିଥିନ୍ ବ୍ୟାଗ୍ ଜବତ୍ କରାଯିବା ସହ ୮ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ। ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ।
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

See Color Display Classified on every Tuesday & Friday

ASTROLOGY
ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ପ୍ରେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର।
9719339390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨ ଜୁଲାଇ, ୨୦୧୯

ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ସଂକ୍ଷେପରେ

ଫୁଲବାରୀ ପଞ୍ଚାୟତବାସୀଙ୍କୁ ମିଳିଲା କୃଷିବୀମା

ବଡଗାଁ,୧୭ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ସାହାଜବାହାଲ ଓ ଇଟମା ପଞ୍ଚାୟତର ଚାଷୀମାନଙ୍କୁ ୨୦୧୮ର ଖରିଫ ଧାନ ଚାଷର କୃଷିବୀମା ଅର୍ଥ ଆସିଥିଲା ବେଳେ ଅନ୍ୟ ୧୩ଟି ପଞ୍ଚାୟତର କୃଷକଙ୍କୁ ନିରାଶ ହେବାକୁ ପଡିଛି। ବାଦ୍ ପଡିଥିବା ୧୩ଟି ପଞ୍ଚାୟତ ମଧ୍ୟରୁ ଫୁଲବାରୀ ପଞ୍ଚାୟତର କୃଷକମାନଙ୍କୁ ଗତ ବର୍ଷ ଧାନ ଚାଷ କ୍ଷୟକ୍ଷତିର କୃଷି ବୀମା ଅର୍ଥ ମିଳିଛି। ଏନେଇ ଫୁଲବାରୀ ଗ୍ରାମର ପ୍ରଫୁଲ୍ଲ ବିଶି, ମହନ ବିଶି, କାଦମ୍ବିନୀ ବିଶି, ସୁବାସ ବିଶିଙ୍କ ସହିତ କେତେକ ଚାଷୀଙ୍କ ଆକାଉଣ୍ଟକୁ କୃଷିବୀମା ଅର୍ଥ ଆସିଥିବା କହିଛନ୍ତି । ଅନ୍ୟପକ୍ଷେ ଷ୍ଟେଟ ବ୍ୟାଙ୍କକୁ ବୀମା ଅର୍ଥ ଆସିଥିଲା ବେଳେ ସମବାୟ ବ୍ୟାଙ୍କକୁ ଏ ସମ୍ପର୍କିତ ଚିଠି ଆସି ନ ଥିବା ବ୍ୟାଙ୍କ କର୍ମଚାରୀଙ୍କଠାରୁ ଜଣାପଡିଛି।

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ତାରିଖ ଧାର୍ଯ୍ୟ

ସୁନ୍ଦରଗଡ଼,୧୭ (ଡି.ଏନ୍.ଏ.)- ଜୁଲାଇ ମାସରେ ଜିଲାପାଳଙ୍କ ବିଭିନ୍ନ ବ୍ଲକରେ ହେବାକୁଥିବା ଅଭିଯୋଗ ଶୁଣାଣୀ ଶିବିର ତାରିଖ ଧାର୍ଯ୍ୟ ହୋଇଛି । ସପ୍ତାହର ପ୍ରତ୍ୟେକ ସୋମବାର ଶିବିର ଧାର୍ଯ୍ୟ ବ୍ଲକରେ ଅନୁଷ୍ଠିତ ହେବ। ଶିବିରରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ। ଆସନ୍ତା ୮ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ବଡଗାଁ ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ , ୨୨ ତାରିଖ ପୂର୍ବାହ୍ନ ୧୧ଟାରେ କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଓ ୨୯ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ରାଜଗାଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପାର୍ଲାମେଣ୍ଟରେ କଳାହାଣ୍ଡି ଏମ୍‌ପି

ରେଳ ଲାଇନ, ମେଡିକାଲ କଲେଜ ଦାବି କଲେ

ନୂଆପଡା ଅଫିସ,୧୭- କଳାହାଣ୍ଡି ଜିଲାର ସମସ୍ୟାଗୁଡିକୁ ନେଇ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି ନବନିର୍ବାଚିତ ଏମପି ବସନ୍ତ କୁମାର ପଣ୍ଡା। ସୋମବାର ଜିରୋଆୱାରରେ ଏମପି ପଣ୍ଡା ଅବହେଳିତ ଅଞ୍ଚଳକୁ ନେତୃତ୍ୱ ଦେଉଥିବା କହି ରେଳ ଲାଇନ କ୍ଷେତ୍ରରେ କରାଯାଇଥିବା ଅବହେଳା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କଣ୍ଟାବାଞ୍ଜି-ଖଡିଆଳ-ଜୁନାଗଡ-ନବରଙ୍ଗପୁର ରେଳଲାଇନ କାମକୁ ତୁରନ୍ତ ତ୍ୱରାନ୍ୱିତ କରିବା, ବରଗଡରୁ ନୂଆପଡା ରେଳ ଲାଇନ ନିର୍ମାଣ ପ୍ରସ୍ତାବିତକୁ କାର୍ଯ୍ୟକାରୀ କରିବା, କଳାହାଣ୍ଡିରେ ଏକ ମେଡିକାଲ କଲେଜ ନିର୍ମାଣ କରିବାକୁ ଦାବି ଜଣାଇଛନ୍ତି ।

୬ ମାସ ଅନ୍ଧାରରେ କିରେଇ ସୂତାକଳ କର୍ମଚାରୀ

ବିଦ୍ୟୁତ୍ ଯୋଗାଣ ଦାବିରେ ପ୍ରଶାସନର ଦ୍ୱାରସ୍ଥ

ସୁନ୍ଦରଗଡ଼,୧୭ (ଡି.ଏନ୍.ଏ.)

ସୂତାକଳ କର୍ମଚାରୀମାନେ ଜିଲା ପ୍ରଶାନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼ କିରେଇସ୍ଥିତ ଅଶୋକା ସୂତାକଳ ୨୦୧୬ ଜୁଲାଇ ମାସରୁ ବନ୍ଦ ହୋଇଯାଇଛି। ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ଦରମା ନ ପାଇ ଭୋକ ଉପାସରେ ରହୁଛନ୍ତି। ଏପରିସ୍ଥିତିରେ ସୂତାକଳ କ୍ୟାମ୍ପସ ପରିସର କ୍ୱାଟରରେ ରହିଥିବା ୪୦ ପରିବାରର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଫଳରେ ପରିବାର ଲୋକେ ୬ମାସ ହେଲା ଅନ୍ଧାରରେ ରହୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏପରି କି କମ୍ପାନୀ ଉପରେ ଥିବା ବକେୟା ବିଲ୍ ଯୋଗୁ ୱେସ୍କୋ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ବେଳେ କ୍ୟାମ୍ପସ ପରିସରରେ ବିଦ୍ୟୁତ୍ ନ ଥିବାରୁ କର୍ମଚାରୀମାନେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଫଳରେ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହେବା ସହ ରାତିରେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏନେଇ ସୋମବାର ପୂର୍ବତନ କାଉନସିଲର ଡା. ହିମାଂଶୁ ଷଡଙ୍ଗୀଙ୍କ ନେତୃତ୍ୱରେ ୪୦ ପରିବାର ନ୍ୟାୟ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ମୁତାବକ, ବକେୟା ଦରମା ପାଇଁ କର୍ମଚାରୀମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ଓେସ୍କୋ କର୍ତ୍ତୃପକ୍ଷଙ୍କ ବିଦ୍ୟୁତ୍ କାଟ ଘଟଣାକୁ ନେଇ ମୌଳିକ ଅଧିକାରକୁ କ୍ଷୁଣ୍ଣ ହେଉଥିବା ଅଭିଯୋଗ କରିଥିଲେ। ୪୦ ପରିବାରଙ୍କ କ୍ୱାଟରରେ ବିଦ୍ୟୁତ୍ ସଂଯୋଗ କରାଯାଇ ବ୍ୟକ୍ତିଗତ ବିଲ୍ ପ୍ରଦାନ କରିବାକୁ ପୂର୍ବରୁ ଓେସ୍କୋ କାର୍ଯ୍ୟାଳୟରେ ଦାବି କରାଯାଇଥିଲା। ହେଲେ ଏଥିପ୍ରତି କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନେ ଜିଲାପାଳଙ୍କ ଯୁଗ୍ମ ଶୁଣାଣି ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କ ସହ ଆଲୋଚନା କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ତୁରୁକ ଘଟଣା ସଂକ୍ରାନ୍ତରେ ଓେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ସହ ଅଲୋଚନା କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସଦର ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ସୁନ୍ଦରଗଡ଼,୧୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ କିଞ୍ଜିର୍ମାଠାରେ ସଦର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଉପାଧ୍ୟକ୍ଷା ଅଶ୍ୱିନୀ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇଥିଲେ। ସ୍ୱତନ୍ତ୍ର ବିକାଶ ପରିଷଦ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ସଦର ବ୍ଲକ ଅଧ୍ୟକ୍ଷା ରକ୍ମଣୀ ନାଏକ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଭିତ୍ରିଆ, ନାରୀ ନେତ୍ରୀ ଚମେଲୀ ଓରାମ, ବିଜୁ କୃଷକ ଜନତା ଦଳ ଜିଲା ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଜିଲା ଆଇନଜୀବୀ ସାମ୍ମୁଖ୍ୟ ଆବାହକ ଅଶୋକ କୁମାର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଯଶୋବନ୍ତୀ ସାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରୀୟ କର, ସୁନ୍ଦରଗଡ଼ ସଦର ବ୍ଲକ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସଭାରେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସୁନ୍ଦରଗଡ଼ରେ ଦଳ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ଆସୁଥିବା ବେଳେ ଆଗାମୀ ଦିନରେ କିଭଳି ସଂଗଠନକୁ ଆହୁରି ମଜଭୁତ କରାଯିବ ସେନେଇ ଆଲୋଚନା କରାଯାଇଥିଲା।

ଏପରି କି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଦଳୀୟ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅମୃତ ଶେଖର ଦେଓ, କାର୍ତ୍ତିକ ରକ୍ସା, ଜ୍ଞାନରଞ୍ଜନ ଠାକୁର, ଦିଲୀପ ନାଏକ, ଅନିରୁଦ୍ଧ ଠେମେରିଆ, ଆନନ୍ଦ ଶେଖର ଦେଓ, ସ୍ୱର୍ଣ୍ଣ ମାଝି, ରାମପ୍ରସାଦ ସିଂ ଦେଓ, ଭୀମସେନ ତନ୍ତୀ, ତପସ୍ୱିନୀ କଉଡି, ଝରଣା ବାଘୁଆ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

ଭାଜପାର ନୂତନ ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

ଲହୁଣୀପଡ଼ା,୧୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଭାଜପାର ସଦସ୍ୟତା ଅଭିଯାନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ ସମ୍ପାଦକ ତଥା ବଣେଇ ସାଂଗଠନିକ ଜିଲା ସଦସ୍ୟତା ପ୍ରଭାରୀ ଧୀରେନ ସେନାପତି ଉପସ୍ଥିତ ରହି ନୂତନ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମକୁ କିପରି ସଫଳତାର ସହ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ବଣେଇ ସାଙ୍ଗଠନିକ ଜିଲା ସଭାପତି ରାହାସ ବିହାରୀ ପ୍ରଧାନ, ବଣେଇ ଜିଲା ସଦସ୍ୟତା ପ୍ରମୁଖ ଲୁଥାର ଓରାମ, ଉପେନ୍ଦ୍ର ଓରାମ, ଲିଙ୍ଗରାଜ ବେହେରା, ନାରାୟଣ କୁମ୍ଭାର, ବୁଲୁ ସ୍ୱାଇଁଙ୍କ ସମେତ ଅନ୍ୟ ଜିଲା ପଦାଧିକାରୀ, ମଣ୍ଡଳ ପଦାଧିକାରୀ ଯୋଗଦେଇ ଆଲୋଚନା କରିଥିଲେ । ଜୁଲାଇ ୬ ତାରିଖରୁ ଅଗଷ୍ଟ ୧୧ତାରିଖ ପର୍ଯ୍ୟନ୍ତ ଜିଲା ବ୍ୟାପି ସଦସ୍ୟତା ଅଭିଯାନ ଚାଲୁ ରହିବ। ସମସ୍ତ କର୍ମୀ ଏବଂ କର୍ମକର୍ତ୍ତା ନିଜ ଦାୟୀତ୍ୱ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ନୂତନ ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ସୁନ୍ଦରଗଡ଼,୧୭ (ଡି.ଏନ୍.ଏ.)

କରମଡିହି ନିକଟରେ ରବିବାର ସନ୍ଧ୍ୟାରେ ହୋଇଥିବା ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ସୁନ୍ଦରଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ବାଇକ୍ ଆରୋହୀ ହେଲେ ଗୁରୁଚରଣ ପଧାନ (୫୧)। ତାଙ୍କ ଘର ଛତିଶଗଡ଼ ରାଜ୍ୟ ଯଶପୁର ଥାନା ଅଧୀନ ତୁମଲା ଗ୍ରାମ। ଗୁରୁଚରଣ ଏକ ବାଇକ୍ ଯୋଗେ ପୁତୁରା ବାବୁଲୁ ପ୍ରଧାନ(୨୭)ଙ୍କ ସହ ସୁନ୍ଦରଗଡ଼ ଆସିଥିଲେ। କାମ ସାରି ଘରକୁ ଯାଉଥିବା ବେଳେ କରମଡିହି ନିକଟରେ ରାସ୍ତା ଉପରକୁ ଗାଈ ଦୌଡି ଆସିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁଚରଣଙ୍କ ମୃତ୍ୟୁ ଘଟିଥିଲା । ସୋମବାର ସକାଳେ ଗୁରୁଚରଣଙ୍କ ବଡଭାଇ ସୀତାରାମଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ବନ ମହୋତ୍ସବ ପାଳନ ଅବସରରେ ଅତିଥିଙ୍କ ସହ କର୍ମଚାରୀମାନେ।

ଟେନ୍‌ସାରେ ବନ ମହୋତ୍ସବ

ଟେନ୍‌ସା,୧୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ଟିଆର୍‌ବି ଲୌହ ଖଣି ଏବଂ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ମିଲିଟେଡ ପକ୍ଷରୁ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଟିଆର୍‌ବି ଖଣିର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିନ୍ଦଲ ପ୍ରେସିଡ଼େଣ୍ଟ ପି.ସି. ତ୍ରିବିୱାଲ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରସୁଆଁ ରେଞ୍ଜର ନବୀନ ପ୍ରଧାନ, ଫରେଷ୍ଟର ଧରଣୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖଣି ପରିସରରେ ଅତିଥି ଏବଂ କର୍ମଚାରୀମାନେ ମିଶି ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ଗଛ ଲଗାଇ ପରିବେଶ ସୁରକ୍ଷା କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏନେଇ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ରଜନୀକାନ୍ତ ଚତୁର୍ବେଦୀ, ଜୟଦେବ ମଲ୍ଲିକ, ରଜନୀକାନ୍ତ ସାହୁ ଓ ନିହାରୀକା ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। କଲୋନୀର କୁନି କୁନି ପିଲାମାନେ ସଂଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ।

ଲହୁଣିପଡ଼ାରେ ଗାୟତ୍ରୀ ଯଜ୍ଞ

ଲହୁଣୀପଡା,୧୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ହରିଶଙ୍କର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଲହୁଣିପଡ଼ା ଗାୟତ୍ରୀ ପରିବାର ପକ୍ଷରୁ ସୋମବାର ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏହି ଯଜ୍ଞ ପ୍ରତ୍ୟେକ ମାସରେ ଆୟୋଜନ କରାଯାଉଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯଜ୍ଞର କର୍ତ୍ତା ଭାବେ ଦେବାନନ୍ଦ ଜୟସ୍ୱାଲ ଏବଂ ତାଙ୍କ ସ୍ତ୍ରୀ ଜାନକୀ ଜୟସ୍ୱାଲ ଦାୟିତ୍ୱ ତୁଲାଥିଲେ। ବିଶ୍ୱାମିତ୍ର ଶାସ୍ତ୍ରୀ ଯଜ୍ଞ ପରିଚାଳନା କରିଥିଲେ। ବିଧି ମୁତାବକ ଯଜ୍ଞ ସକାଳୁ ଆରମ୍ଭ ହୋଇଥିଲା। କଳସ ସ୍ଥାପନ, ଘୃତଯଜ୍ଞ ପରେ ପୂର୍ଣ୍ଣାହୁତି ଯଜ୍ଞ ହୋଇଥିଲା । ଦେବକାନ୍ତ ଜୟସ୍ୱାଲ, ରେଖା ଜୟସ୍ୱାଲ, ନନ୍ଦ ଜୟସ୍ୱାଲ, ଗିରିଜା ଜୟସ୍ୱାଲ, ରାଜ କିଶୋର ଜୟସ୍ୱାଲ, ଦୁର୍ଗା ଜୟସ୍ୱାଲ, ସନ୍ତୋଷ ବର୍ମା, ରାମକ୍ରିପାଲ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଜ୍ଞରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ଲହୁଣିପଡ଼ା ହରିଶଙ୍କର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗାୟତ୍ରୀ ଯଜ୍ଞ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ଜରଙ୍ଗଲୋଇ ପ୍ରାଣୀ ଚିକିତ୍ସା ସହାୟିକାଙ୍କ ବଦଳି ଦାବି

ବଡ଼ଗାଁ,୧୭ (ଡି.ଏନ.ଏ.)

ଗ୍ରାମସଭାରେ ପ୍ରସ୍ତାବ ଗୃହୀତ

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଧୀନ ଜରଙ୍ଗଲୋଇ ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀ ଚିକିତ୍ସା ସହାୟିକା କାର୍ଯ୍ୟରେ ଅବହେଳା କରୁଥିବା ନେଇ ଜରଙ୍ଗଲୋଇ ପଞ୍ଚାୟତରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରି କି ପ୍ରାଣୀ ଚିକିତ୍ସା ସହାୟିକାଙ୍କ ବଦଳି ଦାବି କରିଛନ୍ତି। ଏ ନେଇ ଗ୍ରାମ ସଭାରେ ପ୍ରସ୍ତାବ ମଧ ଗୃହୀତ ହୋଇଛି। ୨୪ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଗ୍ରାମସଭା ସରପଞ୍ଚ ଟଙ୍କଧର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ୱାର୍ଡ ମେମ୍ବର ଏସ୍.ଆଇନ୍ଦ, ଇସ୍ରାଏଲ ତିର୍କୁ, ରମେଶ ପୂଜାରୀ, ନାଏବ ସରପଞ୍ଚ ଅଞ୍ଜନା ବନଚୁର, ସୁକୁମାରୀ ଜୟପୁରିଆ, ରବି କୁଜୁର, ଉପା ଦଣ୍ଡସେନା, ସାଗର କାଲୋ, ବେଣୁଧର ରଣା, ଗୋପାଳ ଦାସ, ଜଗଦୀଶ ସାହୁ, ଗୋବିନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ଦସ୍ତଖତ ଥିବା ଗୃହୀତ ପ୍ରସ୍ତାବରେ ପ୍ର. ନଂ. ୯ ଦର୍ଶାଯାଇଛି ଯେ, ଜରଙ୍ଗଲୋଇ ପ୍ରାଣୀ ଚିକିତ୍ସା ସହାୟିକା କାମରେ ଅବହେଳା କରି ଆସୁଛନ୍ତି ।

ଅଧିକାଂଶ ଦିନ ଅନୁପସ୍ଥିତ ରହୁଛନ୍ତି। କାର୍ଯ୍ୟ ଠିକ ଭାବେ ସମ୍ପାଦନ କରୁ ନ ଥିଲା ବେଳେ ଜନସାଧାରଣଙ୍କ ପ୍ରତି ବ୍ୟବହାର ମଧ ଠିକ ହେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ତୁରନ୍ତ ବଦଳି କରିବାକୁ ଦାବି ହୋଇଛି। ଏନେଇ ବିଭାଗୀୟ ଅଧିକାରୀ ବିଭିଓ ବଡଗାଁ, ଏସ୍‌ଡିଭିଓ ଏବଂ ସିଡିଭିଓ ସୁନ୍ଦରଗଡଙ୍କୁ ଆବଶ୍ୟକ ପଦକ୍ଷେପ ନେବାକ ଜଣାଇଛନ୍ତି। ଗ୍ରାମସଭାରେ ଜରଙ୍ଗଲୋଇଠାରେ ନୂତନ ଲ୍ୟାମ୍ପ ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଥିବା ଓ ଅନୁଦାନ ଆସିଥିଲେ ମଧ ଗୃହ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ତୁରନ୍ତ ଚିହ୍ନଟ ସ୍ଥାନରେ ନୂତନ ଲ୍ୟାମ୍ପ ଗୃହ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ପ୍ରସ୍ତାବିତ ଜରଙ୍ଗଲୋଇରେ ପୋଲିସ ଫାଣ୍ଡି, ଜରଙ୍ଗଲୋଇ, ଝାରମୁଣ୍ଡା, ବେହେରାମାଲ, ବାଲିପୋଷ, କୁସୁନା, ତିଲେଇମାଲ ଗ୍ରାମରେ ଗୋଷ୍ଠୀ ଖଳା ଓ ଜରଙ୍ଗଲୋଇରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ପାଇଁ ସଭାଗୃହ ନିର୍ମାଣ ନେଇ ଜନସାଧାରଣ ଦାବି କରି ପ୍ରସ୍ତାବ ଗୃହୀତ କରାଯାଇଥିଲା।

ରାଜ୍ୟରେ ମୁଣ୍ଡ ପିଛା ଋଣ ୧୭ ହଜାର

ଭୁବନେଶ୍ୱର, ୧୭(ବ୍ୟୁରୋ)

ରାଜ୍ୟବାସୀ ବର୍ତ୍ତମାନ ଋଣଭାରରେ ବୁଡି ରହିଛନ୍ତି। ଏପରିକି ଛୁଆଟିଏ ଜନ୍ମ ହେଉ ହେଉ ମୁଣ୍ଡଭାର ତାକୁ ମୁଣ୍ଡାଇବାକୁ ପଡୁଛି। ରାଜ୍ୟ ସରକାର ଏମିତି ତଥ୍ୟ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ଥିଲା ୭୯,୮୬୬.୦୮ କୋଟି ଟଙ୍କା। ଅର୍ଥାତ୍ ସରକାରଙ୍କ ହିସାବ ଅନୁଯାୟୀ ଏହା ମୁଣ୍ଡ ପିଛା ୧୭ହଜାର ଟଙ୍କାରୁଅଧିକ ବୋଲିଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୩,୫୮୪ କୋଟି ଟଙ୍କାର ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପଟେ ୪,୭୦୭ କୋଟି ଟଙ୍କା ସୁଝିବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି। ସେହିଅନୁଯାୟୀ ଚଳିତ ଆର୍ଥିକ ବର୍ଷସୁଦ୍ଧା ପୂର୍ବ ଋଣ ସହ ୧୮,୮୭୭ କୋଟି ଟଙ୍କା ଯୋଡ଼ି ହୋଇଯିବ। ସୋମବାର କେନ୍ଦୁଝର ବିଧାୟକ ମୋହନ ମାଝୀ ପଚାରିଥିବା ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଋଣ ଆହରଣ ସୀମା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ୩ ପ୍ରତିଶତ ହେବ। ଏନେଇ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୦୦୫-୦୬ଠାରୁ କ୍ରମାଗତଭାବେ ପ୍ରତ୍ୟେକ ବର୍ଷ ରାଜସ୍ୱ ବଳକା ସୃଷ୍ଟି କରିଆସୁଛନ୍ତି। ତେଣୁ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣଭାବେ ପୁଞ୍ଜି ଖର୍ଚ୍ଚ ପାଇଁ ବିନିଯୋଗ କରାଯାଉଛି। ୨୦୧୭-୧୮ରେ ସରକାର ୧୪,୪୧୯. ୪୧ କୋଟି ଟଙ୍କା ଋଣ କରିଥିବା ବେଳେ ୨୫,୬୭୪.୧୮ ପୁଞ୍ଜି ଖର୍ଚ୍ଚ କରିଥିଲେ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୯,୯୩୬.୩୦ ହଜାର କୋଟି ଟଙ୍କା ଋଣ କରିଥିବା ବେଳେ ୨୮,୭୮୯.୧୩ ପୁଞ୍ଜି ଖର୍ଚ୍ଚ କରିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୩୧ ମାର୍ଚ୍ଚ ୨୦୧୯ ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କ ଠାରୁ ୭୮୩୬.୫୪ କୋଟି ଟଙ୍କା, ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ୯୧୭୨.୯୯ କୋଟି ଟଙ୍କା, ଖୋଲା ବଜାରରୁ ୨୮,୦୩୦.୯୦ କୋଟି, ଭାରତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୧୩୦୯୨.୨୯ କୋଟି, ଜୀବନ ବୀମା ନିଗମରୁ ୦.୪୭ କୋଟି, ସାଧାରଣ ବୀମା ନିଗମରୁ ୬.୩୬ କୋଟି, ଜାତୀୟ ସମବାୟ ଉନ୍ନୟନ ନିଗମରୁ ୭.୩୦ କୋଟି, ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଓ ଅନ୍ୟାନ୍ୟରୁ ୧୧୦.୭୧ କୋଟି, ଭବିଷ୍ୟନିଧି ପାଣ୍ଠିରୁ ୨୧,୬୦୮.୫୨ କୋଟି ଟଙ୍କା ଋଣ କରିଛନ୍ତି।

ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାଁ ଘୋଷିତ

ଭୁବନେଶ୍ୱର,୧୭(ବ୍ୟୁରୋ)

- ବାଚସ୍ପତି କଲେ ଘୋଷଣା
- କିଶୋର, ପ୍ରଦୀପ, ସୁବ୍ରତ, ଅଶ୍ୱିନୀ ପ୍ରମୁଖ ଅଧ୍ୟକ୍ଷ

ବିଧାନସଭାର ୧୦ ସ୍ଥାୟୀ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୋମବାର ଗୃହରେ ଘୋଷଣା କରିଛନ୍ତି। ଏହି ଅଧ୍ୟକ୍ଷମାନେ ହେଉଛନ୍ତି- କିଶୋର ମହାନ୍ତି, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ନରସିଂହ ମିଶ୍ର, ପ୍ରଦୀପ ଅମାତ, ମୋହନ ମାଝି, ଦେବୀ ପ୍ରସାଦ ମିଶ୍ର ଏବଂ ସୁବ୍ରତ ତରାଇ। ପ୍ରତି କମିଟିରେ ଅଧ୍ୟକ୍ଷଙ୍କ ସମେତ ୧୨ ଜଣ ସଦସ୍ୟ ରହିଛନ୍ତି। ବିଧାନସଭା ସ୍ଥାୟୀ କମିଟି ନଂ-୧ ସ୍ୱରାଷ୍ଟ୍ର, (ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ) ଏବଂ ଆଇନ ବିଭାଗ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୨ ଜଳସମ୍ପଦ, କୃଷି(କୃଷକ ସଶକ୍ତୀକରଣ) ମତ୍ସ୍ୟ ଏବଂ ପଶୁସମ୍ପଦ ଉନ୍ନୟନ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୩ ପୂର୍ତ୍ତ, ପର୍ଯ୍ୟଟନ(ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି), ଗୃହ ଏବଂ ନଗର ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୪ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ବିଜ୍ଞାନ ଓ କାରିଗରି(ଇଲେକଟ୍ରୋନିକ୍ସ , ସୂଚନା ଓ ପ୍ରଯୁକ୍ତିବିଦ୍ୟା) ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୫ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି) (ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ) ବିଭାଗ ପାଇଁ କାର୍ଯ୍ୟ କରିବ।

କମିଟି ନଂ-୬ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୭ ଶିଳ୍ପ, ଇସ୍ପାତ ଓ ଖଣି, ବାଣିଜ୍ୟ, ପରିବହନ, ଜଙ୍ଗଲ ଓ ପରିବେଶ ଏବଂ (ଯୋଜନା ଓ ସଂଯୋଜନା) ଏବଂ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା)ଙ୍କ ପାଇଁ କାର୍ଯ୍ୟ କରିବ। ଅନୁରୂପଭାବେ କମିଟି ନଂ-୮ ଏସ୍‌ଟି, ଏସ୍‌ସି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ, ଶ୍ରମ ଏବଂ ସରକାରୀ କର୍ମଚାରୀଙ୍କ ରାଜ୍ୟ ବୀମା, ସାଧାରଣ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ପାଇଁ କାର୍ଯ୍ୟ କରିବ। ୯ ନଂ କମିଟି (ପଞ୍ଚାୟତିରାଜ ଓ ପାନୀୟଜଳ) ଏବଂ ଗ୍ରାମ ଉନ୍ନୟନ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୧୦ ଶକ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(ଏବଂ ଅବକାରୀ) ବିଭାଗ ପାଇଁ କାର୍ଯ୍ୟ କରିବ। ବାଚସ୍ପତି ପାତ୍ର ପ୍ରତ୍ୟେକ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାଁ ମଧ ଘୋଷଣା କରିଥିଲେ।